

ଅଲ୍ଲୀ ଅବ୍ବାସଙ୍କ ଫିଲ୍ମରେ ଅହାନ୍

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-279 ♦TUESDAY ♦07 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୭୯ ♦ମଙ୍ଗଳବାର ♦୦୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବାପା-ପୁଅ ହାଜତମୃତ୍ୟୁ ମାମଲା: ୯ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ

■ ମଦୁରାଇ, ୬।୪ (ଏଜେନ୍ସି): ତାମିଲନାଡୁରେ ବାପା-ପୁଅ ହାଜତମୃତ୍ୟୁ ମାମଲାରେ ୯ ଜଣ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମଦୁରାଇର ଏକ ଅଦାଲତ। ୨୦୨୦ର ଏହି ବର୍ବରକାଣ୍ଡ ପାଇଁ ପୁଲିସ କର୍ମଚାରୀଙ୍କୁ ଆଜି ମୃତ୍ୟୁଦଣ୍ଡ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। କୋଭିଡ୍ ସମୟରେ ମିଛ ମାମଲାରେ ଫସାଇ ପୁଲିସ ଏହି ବ୍ୟବସାୟୀ ବାପା-ପୁଅଙ୍କୁ ଥାନା ଭିତରେ ଅକଥନୀୟ ନିର୍ଯାତନା ଦେବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା ଏବଂ ଏହା ସେତେବେଳେ ଦେଶବ୍ୟାପୀ ଉଦ୍‌ବେଗ ସୃଷ୍ଟି କରିଥିଲା। ଏହାକୁ ବିରଳରୁ ବିରଳତମ ମାମଲା ଦର୍ଶାଇ ମଦୁରାଇର ଜିଲ୍ଲା ଜଜ୍ ଜି. ମୁଥୁକୁମାରନ ୯ ଅଭିଯୁକ୍ତ ପୁଲିସ ଅଧିକାରୀ/କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି।

ମୃତ୍ୟୁ ଦଣ୍ଡାଦେଶ ପାଇଥିବା ପୁଲିସ ମଧ୍ୟରେ ଅଛନ୍ତି ଜଣେ ଇନ୍ସପେକ୍ଟର, ଦୁଇ ଜଣ ସବ୍‌ଇନ୍ସପେକ୍ଟର, ଦୁଇ ଜଣ ହେଡ୍ କନେଷ୍ଟବଳ ଏବଂ ୪ ଜଣ କନେଷ୍ଟବଳ।



ଏହି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଜଣେ ଅଭିଯୁକ୍ତ ପୁଲିସ ଅଫିସର କୋଭିଡ୍ ରୋଗରେ ଆକ୍ରାନ୍ତ ହୋଇ ୨୦୨୦ରେ ପ୍ରାଣ ହରାଇଥିଲେ। ୨୦୨୧ରେ ମାମଲାର ବିଚାରପ୍ରକ୍ରିୟା ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ ବାପା ଜୟରାଜ ଏବଂ ପୁଅ ବେନିକ୍ସଙ୍କର ଏକ ମୋବାଇଲ ଦୋକାନ ରହିଛି। ଜୟରାଜ ତାଙ୍କ ପୁଅର ମୋବାଇଲ ▸ପୃଷ୍ଠା-୭

## କମିବନି କାଳବୈଶାଖୀ

### ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା, କୁଆପଥର ମାଡ଼



■ ଭୁବନେଶ୍ୱର, ୬।୪ (ସମିସ): ଓଡ଼ିଶା ଆକାଶରୁ ହଟୁନାହିଁ କଳାହାଣ୍ଡିଆ ମେଘ। ବୈଶାଖ ଆଗମନ ପୂର୍ବରୁ ରାଜ୍ୟରେ ଚାଲିଛି ଝମାଝମ୍ ବର୍ଷା। ବର୍ଷାର ପ୍ରଭାବ ବିଶେଷ ରହୁ ନ ଥିଲେ ମଧ ଆକଶରେ ଚକ୍‌ମକ୍ ବିଜୁଳି ଚମକୁଛି। ଘଡ଼ଘଡ଼ି ସାଙ୍ଗକୁ ସ୍ଥାନେ ସ୍ଥାନେ କୁଆପଥର ମାଡ଼ ଲୋକଙ୍କୁ ଭୟଭୀତ କରାଇ ଦେଉଛି। ଗଲା ୩-୪ ଦିନ ହେବ ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହି ସ୍ଥିତି ଲାଗି ରହିଛି। ସୋମବାର ବଲାଙ୍ଗିରରେ କୁଆପଥର ବର୍ଷା କଶ୍ମୀରର ଭ୍ରମ ସୃଷ୍ଟି କରିଛି। ଦିନ ବେଳା ଯାହା ଯେମିତି ଖରାଟିଆ ପାଗ ରହୁଛି; ହେଲେ ଅପରାହ୍ଣ ପରେ ପାଗରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିବା ସହ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସ୍ଥିତି ସୃଷ୍ଟି ହେଉଛି। ଏହି ସମୟରେ ଅନେକ ସ୍ଥାନରେ ପବନର ବେଗ ମଧ ବୃଦ୍ଧି ୪୦ରୁ ୫୦ କିମି ପର୍ଯ୍ୟନ୍ତ ରହୁଛି। ସାରା ରାଜ୍ୟରେ ପାଣିପାଗର ଏଭଳି ପ୍ରଭାବ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

- ଏପ୍ରିଲରେ ଅସ୍ଥିର ପାଣିପାଗ ସ୍ଥିତି
- ମେ' ସାଜିବ ବର୍ଷର ଉତ୍ତପ୍ତ ମାସ
- ସ୍ୱାଭାବିକ ଆସିପାରେ ମୌସୁମୀ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୭ ଜିଲ୍ଲା କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜକୁ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପଟେ ପାଣିପାଗ ▸ପୃଷ୍ଠା-୭

## ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ

# ଥରିଲା ତେହରାନ

### ଆଇଆର୍‌ଜିସି ଗୁଇନ୍ଦା ମୁଖ୍ୟ ମାଜିଦ ଖାଦେମି ନିହତ

■ ତେହରାନ, ୬।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ଆହୁରି ଭୟଙ୍କର ରୂପ ଧାରଣ କରିଛି। ସୋମବାର ପ୍ରତ୍ୟୁଷରେ ଆମେରିକା ଓ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ଇରାନର ଶକ୍ତିଶାଳୀ ସାମରିକ ସଂଗଠନ ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୁଇନ୍ଦା ମୁଖ୍ୟ ମେଜର ଜେନେରାଲ ମଜିଦ ଖାଦେମି ପ୍ରାଣ ହରାଇଥିବା ବେଳେ ଆମେରିକାର ଯୁଦ୍ଧବିରତି ପ୍ରସ୍ତାବକୁ ନେଇ କୌଣସି ସହମତି ହୋଇପାରିନାହିଁ। ଟ୍ରମ୍ପ ଦେଇଥିବା ୪୮ ଘଣ୍ଟିଆ ଚରମ ଚେତାବନୀର ନୀର୍ଘଣ୍ଟ ଆଜି ଶେଷ ହେଉଛି। ଏଣୁ ଆମେରିକା ଓ ଇସ୍ରାଏଲ ପକ୍ଷରୁ ଆକ୍ରମଣ ଅଧିକ ବିଧ୍ୱଂସୀ ଓ ବ୍ୟାପକ ହେବାନେଇ ଆଶଙ୍କା ଦେଖାଦେଇଛି।

> ତେଜିଲା ଭୟଙ୍କର ଯୁଦ୍ଧ ଆଶଙ୍କା; ବିରତି ପ୍ରସ୍ତାବ ନେଇ ହୋଇପାରୁନାହିଁ ସହମତି

ତେବେ ଇରାନ ରାଜଧାନୀ ତେହରାନ ସମେତ ବିଭିନ୍ନ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି କରାଯାଇଥିବା ଏହି ଶକ୍ତିଶାଳୀ ଆକ୍ରମଣରେ ଖାଦେମିଙ୍କ ସମେତ ପ୍ରାୟ ୨୫ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଖାଦେମି ଜଣେ କେବଳ ସାମରିକ ଅଧିକାରୀ ନଥିଲେ ବରଂ ସେ ଇରାନର ସର୍ବୋଚ୍ଚ ନେତାଙ୍କର ଘନିଷ୍ଠ ଥିଲେ। ଗତ ଜୁନ୍ ମାସରେ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଥିବା ଜେନେରାଲ ମହମ୍ମଦ କାଜେମିଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ।

ସୋମବାର ଭୋର ସମୟରେ ତେହରାନ ଆକାଶରେ ନିମ୍ନଗାମୀ ଯୁଦ୍ଧ ବିମାନର ଗର୍ଜନ ଶୁଣାଯାଇଥିଲା। ଏହି ଆକ୍ରମଣରେ ସହରର ପ୍ରସିଦ୍ଧ 'ଶରିଫ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି' ନିକଟରେ



ଥିବା ଆଜାଦି ସ୍କୋୟାର ଅଞ୍ଚଳରେ ପ୍ରବଳ ବିସ୍ଫୋରଣ ହେବା ସହ କଳା ଧୂଆଁର ଆସ୍ତରଣ ଖେଳିଯାଇଥିଲା। ନିଜର ଶୀର୍ଷ ନେତାଙ୍କୁ ହରାଇବା ପରେ ଇରାନ କ୍ଷେପଣାସ୍ତ୍ର ମାଧ୍ୟମରେ ଇସ୍ରାଏଲ ଓ ଉପସାଗରୀୟ ଆରବ ପଡୋଶୀ ଦେଶଗୁଡ଼ିକ ଉପରେ ପାଲଟା ଅକ୍ରମଣ କରିଛି। ଗୋଟିଏ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧରେ ଇରାନ ଏହାର ସର୍ବୋଚ୍ଚ ନେତା ଅଲି ଖାମନେଇ ଏବଂ ଅଲି ▸ପୃଷ୍ଠା-୭

## ବିରୋଧୀଙ୍କ ଚାପରେ ଚେତିଲେ ସରକାର

# ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ

■ ଭୁବନେଶ୍ୱର, ୬।୪ (ସମିସ): ବିରୋଧୀଙ୍କ ଚାପ ପରେ ସରକାରଙ୍କ ଚେତା ପଶିଛି। ରାଜ୍ୟ ସରକାର ସୋମବାର ୧୪ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ଦେଇଛନ୍ତି। ଦୀର୍ଘଦିନ ଧରି ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା ଜାରି ରହିବା ପରେ କୁଳାଧିପତି ତଥା ରାଜ୍ୟପାଳ ଖାଲି ଥିବା ସମସ୍ତ ପଦରେ ନୂତନ ନିଯୁକ୍ତି ଦେଇଛନ୍ତି।

ସୂଚନାଯୋଗ୍ୟ, ଖାଲି ପଡ଼ିଥିବା ପଦରେ ନିଯୁକ୍ତି ଦେବାରେ ମାତ୍ରାଧିକ ବିଳମ୍ବ କାରଣରୁ ବିରୋଧୀ ସରକାରଙ୍କୁ ଘେରିଥିଲେ। ଏ ସଂକ୍ରାନ୍ତରେ ବିଜେଡି ରାଜ୍ୟପାଳଙ୍କୁ ଭେଟି ତୁରନ୍ତ କୁଳପତି ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ପ୍ରମୁଖତାର ସହ ଲୋକଲୋଚନକୁ ଆଣିଥିଲା। କୁଳପତି ନିଯୁକ୍ତି ହୋଇ ନ ପାରିବା ସରକାରଙ୍କ ଅପାରଗପଣିଆର ପରିଣାମ ବୋଲି ▸ପୃଷ୍ଠା-୭

| ବିଶ୍ୱବିଦ୍ୟାଳୟ | କୁଳପତି |
|---|---|
| ଉତ୍କଳ | ଚଣ୍ଡୀ ପ୍ରସାଦ ନନ୍ଦ |
| ରେଭେନ୍ସା | ଅର୍କ କୁମାର ଦାସ ମହାପାତ୍ର |
| ଧରଣୀଧର | ସଞ୍ଜୟ କୁମାର ପାତ୍ର |
| ଗଙ୍ଗାଧର ମେହେର | ବ୍ୟୋମକେଶ ତ୍ରିପାଠୀ |
| ଖଲ୍ଲିକୋଟ | ଅସୀମା ସାହୁ |
| ମା' ମାଣିକେଶ୍ୱରୀ | ପଓନ କୁମାର ଅଗ୍ରୱାଲ |
| ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ | ଶିବରାମ ତ୍ରିପାଠୀ |
| ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ | ମହେନ୍ଦ୍ର କୁମାର ମହାନ୍ତି |
| ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ | ବିଭୂତି ଭୂଷଣ ମଲିକ |
| ରମାଦେବୀ | ଜ୍ୟୋତ୍ସ୍ନା କେ.ବି ରାଉତ |
| ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ | ପ୍ରଭାତ କୁମାର ମହାପାତ୍ର |
| ବିକ୍ରମଦେବ ବିଶ୍ୱବିଦ୍ୟାଳୟ | ହୃଷୀକେଶ ସେନାପତି |
| ଓଡ଼ିଆ ବିଶ୍ୱବିଦ୍ୟାଳୟ | ସତ୍ୟନାରାୟଣ ଆଚାର୍ଯ୍ୟ |
| ଫକୀର ମୋହନ ବିଶ୍ୱବିଦ୍ୟାଳୟ | ସନ୍ତୋଷ ତ୍ରିପାଠୀ (ଅପରିବର୍ତ୍ତିତ) |

## ୫ କେଜିଆ ଗ୍ୟାସ୍ ବନ୍ଦକୁ ନେଇ ସରକାରଙ୍କ ୟୁ-ଟର୍ଣ୍ଣ

# ମନ୍ତ୍ରୀ ମନା କରିଥିଲେ; ସଚିବ ହଁ କଲେ

■ ଭୁବନେଶ୍ୱର, ୬।୪ (ସମିସ): ୫ କେଜି ଫ୍ରି ଟ୍ରେଡିଂ ଏଲ୍‌ପିଜି ବା ଗ୍ୟାସ୍ ବିକ୍ରିକୁ ନେଇ ସରକାର ନେଇଥିବା ନିଷ୍ପତ୍ତିରେ ୟୁ-ଟର୍ଣ୍ଣ ମାରିଛନ୍ତି। ମାତ୍ର ୨୪ ଘଣ୍ଟା ମଧ୍ୟରେ ଯୋଗାଣ ମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେଇଥିଲେ, ତାହାକୁ ଆଜି ବିଭାଗୀୟ ସଚିବଙ୍କ ଦ୍ୱାରା ପରିବର୍ତ୍ତନ କରିଦିଆଯାଇଛି। ନିଜର ପରିଚୟପତ୍ର ଦେଖାଇ ଫଳରେ ଉପଭୋକ୍ତାମାନେ ଏଣିକି ପୂର୍ବଭଳି ୫ କେଜିଆ ଗ୍ୟାସ୍ ପାଇ ପାରିବେ ବୋଲି ସୋମବାର ସଚିବ କହିଛନ୍ତି।

> ପରିଚୟପତ୍ର ଦେଖାଇ ନେଇପାରିବେ ୫ କେଜିଆ ସିଲିଣ୍ଡର
>
> କେନ୍ଦ୍ର ନିର୍ଦ୍ଦେଶନାମାର ବିପରୀତ ଦିଗରେ ଯାଇଥିଲା ରାଜ୍ୟ

ମଧ୍ୟପ୍ରାଚ୍ୟ ଯୁଦ୍ଧର ଘନଘଟା ଭିତରେ ରନ୍ଧନ ଗ୍ୟାସ୍‌କୁ ନେଇ ଜାରି ରହିଥିବା ସମ୍ବେଦନଶୀଳ ସମୟରେ ସରକାରଙ୍କ ଏଭଳି ନିଷ୍ପତ୍ତି ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଥିବା ବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଆଉ ଏକ ଖାମଖିଆଲି ମନ୍ତବ୍ୟ ପାଇଁ ପୁଣିଥରେ ସରକାର ▸ପୃଷ୍ଠା-୭

## ଆଜାଦ୍‌ନଗର ବୋମା ବିସ୍ଫୋରଣ ମାମଲା

# ଏନ୍‌ଆଇଏ ନେଲା ତଦନ୍ତ ଭାର

■ ଭୁବନେଶ୍ୱର, ୬।୪ (ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦ୍‌ନଗର ଅଞ୍ଚଳରେ ବୋମା ବିସ୍ଫୋରଣ ମାମଲାର ତଦନ୍ତ ଭାର ଏନ୍‌ଆଇଏ ହାତକୁ ଯାଇଛି। ଏଣିକି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହାର ତଦନ୍ତ କରିବ। ପୂର୍ବରୁ ଏହି ମାମଲାର ତଦନ୍ତ ଭାର କମିଶନରେଟ୍ ପୁଲିସ ହାତରେ ଥିଲା। ତେବେ ବିସ୍ଫୋରଣ ସ୍ଥଳରୁ ଆର୍‌ଡିଏକ୍ସରେ ବ୍ୟବହୃତ ଏକ ଉପାଦାନ ମିଳିବା ପରେ ଏନ୍‌ଆଇଏ ଏହାର ତଦନ୍ତଭାର ନେଇଛି। ଏନ୍‌ଆଇଏ ମଫି ଘରେ ହୋଇଥିବା ବିସ୍ଫୋରଣ, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ। ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗର ଅଞ୍ଚଳରେ ଥିବା ଏକ ୫ମହଲା ଘରର ଛାତ ଉପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ▸ପୃଷ୍ଠା-୭

> ମଫିର କ୍ରାଇମ୍ ନେଟ୍‌ୱର୍କର ଖୋଳତାଡ଼ ହେବ

## ଭୟଙ୍କର ଏଲ୍‌ପିଜି ସଙ୍କଟ

# ଘରମୁହାଁ ପ୍ରବାସୀ ଶ୍ରମିକ

■ ଭୁବନେଶ୍ୱର, ୬।୪ (ସମିସ): କୋଭିଡ୍ ମହାମାରୀ ପରେ ଏବେ ପ୍ରବାସୀ ଶ୍ରମିକଙ୍କୁ ଲାଗିଛି ଆଉ ଏକ ବଡ଼ ଝଟ୍‌କା। ସେତେବେଳେ କୋଭିଡ୍ ପ୍ରବାସୀଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଥିବାବେଳେ ଏବେ ଏଲ୍‌ପିଜି ସଙ୍କଟ ବଡ଼ ସମସ୍ୟା ଆଣିଛି। ମଧ୍ୟପ୍ରାଚ୍ୟ ଅସ୍ଥିରତାରେ ଦେଖାଦେଇଥିବା ଏଲ୍‌ପିଜି ସିଲିଣ୍ଡର ଯୋଗାଣ ଜନିତ ଅଭାବ ପ୍ରବାସୀ ଶ୍ରମିକମାନଙ୍କୁ ଘରମୁହାଁ କରିଛି। ଏଥିରେ ଦେଶର ବଡ଼ ବଡ଼ ସହରକୁ ରୋଜଗାର ଆଶରେ ଯାଇଥିବା ହଜାର ହଜାର ସଂଖ୍ୟାରେ ଶ୍ରମିକ ଶ୍ରେଣୀର ଲୋକେ ଏବେ ସବୁ କାମ ଧନ୍ଦା ଛାଡି ନିଜ ଭିଟାମାଟିକୁ ଫେରୁଛନ୍ତି। କେବଳ ମୁମ୍ବଇ, ଦିଲ୍ଲୀ, ଚେନ୍ନଇ କି କୋଲକାତାରେ ନୁହେଁ; ଓଡ଼ିଶାରେ ମଧ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। ଏଲ୍‌ପିଜି ସିଲିଣ୍ଡର ନ ମିଳିବା ଯୋଗୁଁ ଶ୍ରମିକମାନେ ମହାନଗର ଛାଡିବାକୁ ବାଧ ହେଉଛନ୍ତି। ଏଭଳି ସ୍ଥିତିରେ ସୁରତ ଏବଂ ବେଙ୍ଗାଲୁରୁରୁ ଅନେକ ସଂଖ୍ୟାରେ ଓଡ଼ିଆ ଶ୍ରମିକ

> ସୁରତ, ବେଙ୍ଗାଲୁରୁରୁ ଓଡ଼ିଆ ଶ୍ରମିକଙ୍କ ଘରବାହୁଡ଼ା
>
> ଛାତ୍ରଛାତ୍ରୀଙ୍କଠାରୁ ବ୍ୟାଚେଲର ସମସ୍ତେ ଅଡ଼ୁଆରେ

ଏବେ ଘରକୁ ଫେରୁଛନ୍ତି, ଯାହା ଆଗାମୀ ଦିନରେ ରାଜ୍ୟେ ଏକ ଗମ୍ଭୀର ବେକାରି ସମସ୍ୟା ସୃଷ୍ଟି କରିବାକୁ ଯାଉଛି।

ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଇରାନ୍ ଯୁଦ୍ଧ ବର୍ତ୍ତମାନ ଏଲପିଜି ସଙ୍କଟକୁ ଆହୁରି ତୀବ୍ର କରିଛି। ▸ପୃଷ୍ଠା-୭









ସକାଳ
THE SAKALA
www.sakalaepaper.com

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଅସ୍ଥାୟୀ ଯୁଦ୍ଧବିରତି ପାଇଁ ପ୍ରସ୍ତୁତ ନୁହେଁ ଇରାନ



ତେହରାନ/ୱାସିଂଟନ, ୬।୪(ଏଜେନ୍ସି): ପାଖାପାଖି ୬ ସପ୍ତାହର ଭୟଙ୍କର ସଂଘର୍ଷ ପରେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ଏକ ବଡ଼ ଧରଣର କୂଟନୈତିକ ପଦକ୍ଷେପ ନିଆଯାଇଛି ।। ଇଜିପ୍ଟ, ପାକିସ୍ତାନ ଓ ତୁର୍କୀର ମଧ୍ୟସ୍ଥତାରେ ଉଭୟ ଦେଶକୁ ୪୫ ଦିନିଆ ଅସ୍ତ୍ରବିରତିର ପ୍ରସ୍ତାବ ଦିଆଯାଇଛି । ଶାନ୍ତି ପ୍ରସ୍ତାବ ମୁଖ୍ୟତଃ ୩ଟି ଦେଶ ଇଜିପ୍ଟ, ପାକିସ୍ତାନ ଓ ତୁର୍କୀ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏହି ମଧ୍ୟସ୍ଥି ଦେଶଗୁଡ଼ିକ ଆଶା କରୁଛନ୍ତି ଯେ ୪୫ ଦିନର ଶାନ୍ତି କାଳରେ ଉଭୟ ପକ୍ଷ ମଧ୍ୟରେ ଅଲୋଚନା ମାଧ୍ୟମରେ ଏକ ସ୍ଥାୟୀ ସମାଧାନ ବାହାର କରାଯାଇପାରିବ । ଯୁଦ୍ଧ କାରଣରୁ ବନ୍ଦ ଥିବା ହର୍ମୁଜ ପ୍ରଣାଳୀକୁ ଖୋଲିବା ଏହି ଚୁକ୍ତିର ଏକ ପ୍ରମୁଖ ସର୍ତ୍ତ । ଏହାଦ୍ୱାରା ବିଶ୍ୱ ବଜାରକୁ ତେଲ ରପ୍ତାନୀ ସ୍ୱାଭାବିକ ହୋଇପାରିବ ।

- **୪୫ ଦିନିଆ ଯୁଦ୍ଧବିରତି ପାଇଁ ପାକିସ୍ତାନ ପ୍ରସ୍ତାବକୁ ଇରାନର ପ୍ରତ୍ୟାଖ୍ୟାନ**
- **ଅସ୍ଥାୟୀ ଯୁଦ୍ଧବିରତି ପାଇଁ ଖୋଲିବ ନାହିଁ ହର୍ମୁଜ ପ୍ରଣାଳୀ: ଇରାନ**
- **ନିଜର ୧୦ ଦଫା ସର୍ତ୍ତ ଉପସ୍ଥାପନ କଲା**

ତେବେ ସେମାନଙ୍କର ଏହି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ ଅସ୍ଥାୟୀ ଯୁଦ୍ଧବିରତି ଲାଗି ହର୍ମୁଜକୁ ଖୋଲାଯାଇପାରିବ ନାହିଁ । ଯୁଦ୍ଧବିରତି ପାଇଁ ଆମେରିକାର ୧୫ ସୂତ୍ରୀ ଫର୍ମୁଲାକୁ ଇରାନ ପ୍ରତ୍ୟାଖ୍ୟାନ କରିବା ସହିତ ନିଜ ପକ୍ଷରୁ ୧୦ ସୂତ୍ରୀ ସର୍ତ୍ତ ରଖିଛି । ଏହାର ସର୍ତ୍ତ ପୂରଣ ନହେଲେ ଯୁଦ୍ଧ ବନ୍ଦ ହେବନାହିଁ ବୋଲି ଘୋଷଣା କରିଛି ଇରାନ । ଇରାନର ଏହି ପ୍ରତିକ୍ରିୟା ନେଇ କ୍ଷୁବ୍ଧ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ଏବେ ବଡ଼ ଧରଣର ଆକ୍ରମଣର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁ ।

ଇରାନ ଦାବି କରୁଛି ଯେ ତାକୁ ଯୁଦ୍ଧ ଜନିତ କ୍ଷତିପୂରଣ ମିଳୁ ଏବଂ ଭବିଷ୍ୟତରେ ଯେପରି ଆକ୍ରମଣ ନ ହେବ ତା'ର ଗ୍ୟାରେଣ୍ଟି ଦିଆଯାଉ । ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବିଦ୍ୟୁତ କେନ୍ଦ୍ର ଏବଂ ପୋଲଗୁଡ଼ିକ ଉପରେ ଭୟଙ୍କର ବୋମା ମାଡ଼ କରିବାକୁ ଚେତାବନୀ ଦେଇଛନ୍ତି । ଏହି ପ୍ରସ୍ତାବ ଏମିତି ସମୟରେ ଆସିଛି ଯେତେବେଳେ ସୋମବାର ସକାଳେ ଗୁଇନ୍ଦା ମୁଖ୍ୟ ମଜିଦ ଖାଦେମିଙ୍କର ଆମେରିକା-ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ଘଟିଛି । ତେଣୁ ଇରାନ ଏହି ଶାନ୍ତି ପ୍ରସ୍ତାବକୁ ଗ୍ରହଣ କରୁଛି କିମ୍ବା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ନଜର ରହିଛି ।

ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେରିକା ଏକ ସ୍ଥାୟୀ ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା ଭଳି ମନେ ହେଉନାହିଁ । ତେଣୁ କୌଣସି ଚାପରେ ପଡ଼ି ଇରାନ ନିଷ୍ପତ୍ତି ନେବନାହିଁ । ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ କହିଛନ୍ତି ଯେ ଆମେରିକାର ପୂର୍ବ '୧୫ ସୂତ୍ରୀ ପ୍ରସ୍ତାବ' ଅତ୍ୟଧିକ ଥିଲା, ଯାହାକୁ ଇରାନ ପୂର୍ବରୁ ପ୍ରତ୍ୟାଖ୍ୟାନ କରିସାରିଛି । ବର୍ତ୍ତମାନ ଇରାନ ନିଜର ଆଭିମୁଖ୍ୟ ପ୍ରସ୍ତୁତ କରିଛି ଓ ଉପଯୁକ୍ତ ସମୟରେ ଏହାର ଜବାବ ଦେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇରାନକୁ କଡ଼ା ଚେତାବନୀ ଦେଇଥିଲେ । ସେ କହିଥିଲେ ଯେ, ଇରାନ ତୁରନ୍ତ ହର୍ମୁଜ ପ୍ରଣାଳୀ ଖୋଲୁ ନଚେତ୍ ନର୍କର ଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ରହୁ । ଟ୍ରମ୍ପ ପ୍ରଥମେ ସୋମବାର ପର୍ଯ୍ୟନ୍ତ ସମୟ ଦେଇଥିଲେ, କିନ୍ତୁ ପରେ ଏହି ଡେଡ୍‌ଲାଇନକୁ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଘୁଞ୍ଚାଇଥିଲେ । ସେପଟେ ଇରାନ ସ୍ପଷ୍ଟ ଭାବେ କହିଛି ଯେ, ଆମେ ନିଜର ନ୍ୟାୟୋଚିତ ଦାବି ଉପସ୍ଥାପନ କରିବାରେ ପଛଘୁଞ୍ଚା ଦେବୁନାହିଁ । ଏହାକୁ ଆମର ଦୁର୍ବଳତା ନୁହେଁ, ନିଜର ସ୍ଥିତି ପ୍ରତି ଆତ୍ମବିଶ୍ୱାସ ବୋଲି ବୁଝିବା ଉଚିତ୍ ।

ଇତିମଧ୍ୟରେ ଦିଲ୍ଲୀରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ କହିଛନ୍ତି ଯେ ଇରାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶକୁ ଶତ୍ରୁଙ୍କ ଆକ୍ରମଣରୁ ରକ୍ଷା କରିବା । ନିଜର ସାର୍ବଭୌମତ୍ୱ ପାଇଁ ଲଢ଼େଇ ଜାରି ରହିବ । ତେବେ ଆଲୋଚନା ପାଇଁ ମଧ୍ୟ ଦ୍ୱାର ଖୋଲା ରହିବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ମଧ୍ୟପ୍ରାଚ୍ୟ ବିବାଦ ସମାଧାନରେ ପାକିସ୍ତାନର ବିଶେଷ କିଛି ଭୂମିକା ନାହିଁ ।

# ପାଇଲଟଙ୍କୁ ଉଦ୍ଧାର ପାଇଁ ନିଜ ବିମାନକୁ ନିଜେ ଉଡ଼ାଇଲା ଆମେରିକା

ୱାସିଂଟନ, ୬।୪(ଏଜେନ୍ସି): ନିଜର ବରିଷ୍ଠ ପାଇଲଟଙ୍କୁ ଉଦ୍ଧାର କରିବାକୁ ଯାଇ ଆମେରିକା ନିଜର ୧୦୦ ମିଲିୟନ ଡଲାର ଅର୍ଥାତ ୮୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅତ୍ୟାଧୁନିକ ବିମାନ ନିଜେ ବୋମା ମାଡ଼ କରି ଉଡାଇ ଦେଇଛି । ଶତ୍ରୁପକ୍ଷ ଅର୍ଥାତ ଇରାନ ହାତରେ ଯେପରି ଗୁପ୍ତ ବୈଷୟିକ ଜ୍ଞାନକୌଶଳ ନ ଲାଗିବ, ସେଥିପାଇଁ ଆମେରିକା ଏଭଳି କଠୋର ପଦକ୍ଷେପ ନେଇଛି । ଇରାନ ସୀମା ମଧ୍ୟରେ ଫସି ରହିଥିବା ନିଜର ଦୁଇଜଣ ବାୟୁସେନା କର୍ମଚାରୀଙ୍କୁ ଉଦ୍ଧାର କରିବା ପାଇଁ ଆମେରିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅପରେସନ ଚଳାଇଥିଲା । ଏହି ସମୟରେ ଆମେରିକା ଅତିକମ୍‌ରେ ଗୋଟିଏ କିମ୍ବା ଦୁଇଟି ହାଇଟେକ ପରିବହନ ବିମାନକୁ ନଷ୍ଟ କରିଦେଇଛି । ଆମେରିକାର ଏକ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ବିମାନକୁ ଇରାନ ଦୁଇ ଦିନ ତଳେ ଗୁଳି କରି ଖସାଇ ଦେଇଥିଲା । ଏଥିରେ ଥିବା ଜଣେ କର୍ଣ୍ଣେଲ ର‍୍ୟାଙ୍କର ପାଇଲଟଙ୍କୁ ଉଦ୍ଧାର କରିବା ପାଇଁ ଆମେରିକାର ସ୍ପେଶାଲ ଅପରେସନ ଟିମ୍ ଇରାନର ମରୁଭୂମି ଅଞ୍ଚଳରେ ଅସ୍ଥାୟୀ ଭାବେ ଓହ୍ଲାଇଥିଲେ । ଉଦ୍ଧାର ପାଇଁ ଯାଇଥିବା ଏମସି-୧୩୦ର କମାଣ୍ଡୋ ୨ ବିମାନଗୁଡ଼ିକ ମଧ୍ୟରୁ ଅତିକମ୍‌ରେ ଗୋଟିଏ ବିମାନ ଯାନ୍ତ୍ରିକ ତ୍ରୁଟି କିମ୍ବା ନରମ ବାଲିରେ ଫସିଯିବା ଯୋଗୁଁ ଅକାମୀ ହୋଇପଡ଼ିଥିଲା । ଇରାନ ସେନା ମାଡ଼ି ଆସୁଥିବାରୁ, ଆମେରିକା



ନିଜ ପାଇଲଟଙ୍କୁ ଅନ୍ୟ ଏକ ବିମାନରେ ଉଦ୍ଧାର କରି ନେଇଥିଲା, କିନ୍ତୁ ପଛରେ ରହିଯାଇଥିବା ବିମାନକୁ ନିଜେ ବୋମାମାଡ଼ କରି ଧ୍ୱଂସ କରିଦେଇଥିଲା । ତେବେ ଆମେରିକା କାହିଁକି ନିଜ ବିମାନକୁ ଉଡାଇଲା ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭବିକ । ଆମେରିକା ସେନାର ଏକ ନିୟମ ଅଛି ଯେ, ଯଦି କୌଣସି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଶତ୍ରୁ ଅଞ୍ଚଳରେ ରହିଯାଏ, ତେବେ ତାହାକୁ ନଷ୍ଟ କରିଦିଆଯାଏ । ଏହି ବିମାନଗୁଡ଼ିକରେ ଅତ୍ୟନ୍ତ ଗୁପ୍ତ ସଞ୍ଚାର ଓ ନାଭିଗେସନ ସିଷ୍ଟମ ରହିଥାଏ । ଯଦି ଇରାନ ହାତରେ ଏହା ଲାଗିଥାନ୍ତା, ତେବେ ଆମେରିକା ସାମରିକ ରହସ୍ୟ ପ୍ରଘଟ ହେବାର ଆଶଙ୍କା ଥିଲା । ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ପୂର୍ବରୁ ଓସାମା ବିନ୍ ଲାଡେନକୁ ମାରିବା ଅପରେସନ (ଆବୋଟାବାଦ) ସମୟରେ ମଧ୍ୟ ଆମେରିକା ନିଜର ଏକ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରକୁ ଏହିଭଳି ଭାବେ ଉଡାଇ ଦେଇଥିଲା । ରିପୋର୍ଟ ଅନୁଯାୟୀ, ନଷ୍ଟ ହୋଇଥିବା ବିମାନଟି ଏକ୍‌ହେଡ ମାର୍ଟିନ ସି-୧୩୦ ଶ୍ରେଣୀର । ଏହା ସହ କିଛି ଛୋଟ ହେଲିକପ୍ଟର (ଏମ୍‌ଏଚ୍- ୬ ଲିଟିଲ ବାର୍ଡ୍ସ) ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି । ସମସ୍ତ ବିପଦ ସତ୍ତ୍ୱେ ଆମେରିକା ନିଜର ଦୁଇଜଣ ଯବାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛି, ଯାହାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁସି ବ୍ୟକ୍ତ କରିଛନ୍ତି । କିନ୍ତୁ ଇରାନର ଆଇଆରଜିସି ଏହାକୁ ଆମେରିକାର ପରାଜୟ ବୋଲି ଅଭିହିତ କରିଛି । ଇରାନ ସେନା ଅନୁଯାୟୀ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଅପମାନକୁ ଲୁଚାଇବା ପାଇଁ ଆମେରିକା ନିଜେ ନିଜ ବିମାନକୁ ଉଡ଼ାଇଛି ।

# ଦିଲ୍ଲୀ ବିଧାନସଭା ପରିସରରେ ଆତଙ୍କ

## ଗେଟ୍ ଭାଙ୍ଗି ଭିତରକୁ ପଶିଲା, ପୁଣି ଫେରିଗଲା କାର୍

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ଯେଉଁଠାରେ ଗଣତନ୍ତ୍ରର ମନ୍ଦିର ସୁରକ୍ଷିତ ରହିବା କଥା, ସେଠି ସୁରକ୍ଷା ବ୍ୟବସ୍ଥାର ତ୍ରୁଟି ଅତି ବ୍ୟଙ୍ଗାତ୍ମକ ଭାବେ ପଦାରେ ପଡ଼ିଛି । ଦେଶର ରାଜଧାନୀ ଦିଲ୍ଲୀର ବିଧାନସଭା ପରିସରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି, ଯାହା ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ଧୂଳିସାତ କରିଦେଇଛି । ସୋମବାର ଦିନ ପ୍ରାୟ ୨ଟା ସମୟରେ ଏକ ଅଜ୍ଞାତ ଧଳା ରଙ୍ଗର ସିଆଜ୍ କାର୍ ଦିଲ୍ଲୀ ବିଧାନସଭାର ମୁଖ୍ୟ ଫାଟକକୁ ଜୋରଦାର ଧକ୍କା ଦେଇ ପରିସର ମଧ୍ୟକୁ ମାଡ଼ିଯାଇଥିଲା । ଏହି ଅଚାନକ ଆକ୍ରମଣରେ ସୁରକ୍ଷାକର୍ମୀ ଓ କର୍ମଚାରୀମାନେ ସ୍ତବ୍ଧ ହୋଇଯାଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କାର୍‌ଟି ଦ୍ରୁତଗତିରେ ଆସି ଗେଟ୍ ଭାଙ୍ଗି ଭିତରକୁ ପଶିବା ସହ କିଛି ସମୟ ପରିସର ମଧ୍ୟରେ ବୁଲିଥିଲା । ଉପସ୍ଥିତ ଲୋକ କିଛି ବୁଝିବା ପୂର୍ବରୁ ଚାଳକ କାର୍‌ଟିକୁ ପଛକୁ ନେଇ ପୁନର୍ବାର ଗେଟ୍‌ରେ ଧକ୍କା ଦେଇ ଦ୍ରୁତ



- **ମୁଖାପିନ୍ଧା ଅଭିଯୁକ୍ତ ଗିରଫ**
- **ଗେଟ୍ ପାଖରେ ରଖିଥିଲେ ଫୁଲତୋଡ଼ା**

ଗତିରେ ଫେରାର ହୋଇଯାଇଥିଲା । ଦିଲ୍ଲୀ ପୁଲିସ ଏହି ଘଟଣାକୁ ଅତି ଗମ୍ଭୀରତାର ସହ ଗ୍ରହଣ କରିଛି । ପୁଲିସ ଏବେ ସିସିଟିଭି ଫୁଟେଜ ଏବଂ ଫରେନସିକ ପ୍ରମାଣ ଆଧାରରେ ଗାଡ଼ି ଓ ଚାଳକକୁ ଚିହ୍ନଟ ପାଇଁ ତନାଘନା ଜାରି ରଖିଛି । ଏବେ ଏହି ଘଟଣା ଦିଲ୍ଲୀ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାରେ କେହି ଆହତ ହେବାର ସୂଚନା ମିଳିନାହିଁ, କିନ୍ତୁ ଅଜଣା ଗାଡ଼ି ଚାଳକର ଉଦ୍ଦେଶ୍ୟ କ'ଣ ଥିଲା ତାହା ଏବେ ବି ରହସ୍ୟ ଘେରରେ ରହିଛି । ଯଦିଲ୍ଲୀ ବିଧାନସଭାର ୨ ନଂ ଗେଟ୍ ଭାଙ୍ଗି ଜଣେ ମୁଖାପିନ୍ଧା ବ୍ୟକ୍ତି ନିଜ କାର୍ ସହ ଭିତରକୁ ପ୍ରବେଶ କରିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ତେବେ ମାତ୍ର କିଛି ଘଣ୍ଟାର ଅପରେସନ ପରେ ଦିଲ୍ଲୀ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତଙ୍କ ନାମ ସରବଜିତ ସିଂହ ବୋଲି ଜଣାପଡ଼ିଛି । ତାଙ୍କୁ ଦିଲ୍ଲୀର ରୂପନଗର ଅଞ୍ଚଳରୁ ଗିରଫ କରାଯାଇଛି । ବ୍ୟବହୃତ ଗାଡ଼ି ହେଉଛି ଟାଟା ସିଆରା । ପୂର୍ବରୁ ଏହା ଏକ ଧଳା ସିଆଜ୍ ଗାଡ଼ି ବୋଲି ସନ୍ଦେହ କରାଯାଉଥିଲା । ସେ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ କାର୍ଯ୍ୟାଳୟ ପାଖରେ ଗାଡ଼ି ରଖି ଓହ୍ଲାଇଥିଲେ । ସେ ସେଠାରେ ଏକ ଫୁଲତୋଡ଼ା ରଖିବା ସହ ବାଚସ୍ପତିଙ୍କ କାର୍ ଉପରକୁ କାଳି ମାଡ଼ କରିଥିଲେ । ଏହାପରେ ସେ ଅତି ଶାନ୍ତ ଭାବେ ଗାଡ଼ି ନେଇ ସେହି ଭଙ୍ଗା ଗେଟ୍ ବାଟେ ବାହାରକୁ ଚାଲିଯାଇଥିଲେ ।

# ଚନ୍ଦ୍ରକକ୍ଷରେ ଆର୍ଟେମିସ୍-୨

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ମହାକାଶ ବିଜ୍ଞାନ କ୍ଷେତ୍ରରେ ଏବେ ଏ ନୂଆ ରେକର୍ଡ ସୃଷ୍ଟି ହେବାକୁ ଯାଉଛି । ଦୀର୍ଘ ୫୩ ବର୍ଷ ପରେ ପୃଥିବୀର କକ୍ଷପଥ ଛାଡ଼ି ମାନବଜାତି ପୁଣିଥରେ ଗଭୀର ମହାକାଶରେ ପାଦ ଥାପିଛି । ଏପ୍ରିଲ ୬ ତାରିଖରେ ନାସାର 'ଆର୍ଟେମିସ-୨' ମିଶନର ୪ ଜଣ ମହାକାଶଚାରୀ ଚନ୍ଦ୍ରର ମାଧ୍ୟକର୍ଷଣ ଶକ୍ତି ବଳୟ ମଧ୍ୟରେ ପ୍ରବେଶ କରିଛନ୍ତି । ଏହି ମିସନ ମାନବ ମହାକାଶ ଯାନ ଇତିହାସରେ ପୃଥିବୀଠାରୁ



**ସବୁଠାରୁ ଦୂରତମ ଯାତ୍ରାର ରେକର୍ଡ ଭାଙ୍ଗିବେ ୪ ମହାକାଶଚାରୀ**

ସବୁଠାରୁ ଦୂରକୁ ଯିବାର ନୂଆ ରେକର୍ଡ ସ୍ଥାପନ କରିବାକୁ ଯାଉଛି । ଏହି କ୍ରମରେ ୧୯୭୦ ମସିହାରେ 'ଆପୋଲୋ-୧୩' ମିଶନର ରେକର୍ଡ ଭାଙ୍ଗିବା ନିଶ୍ଚିତ ହୋଇଛି । ଆପୋଲୋ-୧୩ ମିଶନ ପୃଥିବୀଠାରୁ ୪, ୦୦, ୧୭୧ କିମି ଦୂରକୁ ଯାଇ ରେକର୍ଡ କରିଥିଲା । ଆର୍ଟେମିସ୍-୨ ଏହି ରେକର୍ଡକୁ ଅତିକ୍ରମ କରି ପୃଥିବୀଠାରୁ ୪, ୦୬, ୭୭୩ କିମି ଦୂରତାରେ ପହଞ୍ଚିବ । ଏହି ମହାକାଶଚାରୀମାନେ ଏପ୍ରିଲ ୭ରେ ଭାରତୀୟ ସମୟ ରାତି ୧୨.୧୫ରେ ମିନିଟ୍‌ରେ ଚନ୍ଦ୍ରର ପଛ ପଟ ଦେଇ ଏକ ପରିକ୍ରମା ଆରମ୍ଭ କରିବେ ଏବଂ ପରେ ପୃଥିବୀ ଅଭିମୁଖେ ଯାତ୍ରା କରିବେ । ଏହି ମିଶନରେ ଓରିଅନ ମହକାଶଯ୍ୟାନ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତିକୁ ଏକ ସ୍ଲିଙ୍ଗସଟ୍ ଭଳି ବ୍ୟବହାର କରିବ । ଏହାର ଅର୍ଥ ହେଉଛି, ଯଦି ମହାକାଶଯ୍ୟାନର ଇଞ୍ଜିନ ଫେଲ୍ ହୁଏ, ତଥାପି ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଯାନଟିକୁ ଆପେ ଆପେ ପୃଥିବୀ ଆଡକୁ ଠେଲି ଦେବ । ଏହି ମିଶନର ଯଥେଷ୍ଟ ଗୁରୁତ୍ୱ ରହିଛି । ପୃଥିବୀର ଚୁମ୍ବକୀୟ କ୍ଷେତ୍ର ବାହାରେ ମହାକାଶଚାରୀମାନେ ପ୍ରବଳ ମହାଜାଗତିକ ବିକିରଣର ସାମ୍ନା କରିବେ । ସେମାନଙ୍କ ଶରୀର ଉପରେ ଏହାର ପ୍ରଭାବ କିଭଳି ପଡୁଛି, ତାହା ମଙ୍ଗଳ ଗ୍ରହ ଅଭିଯାନ ପାଇଁ ଅତ୍ୟନ୍ତ ଜରୁରୀ । ପୃଥିବୀକୁ ଫେରିବା ସମୟରେ ଓରିଅନ୍ କ୍ୟାପସୁଲର ବେଗ ଘଣ୍ଟାପ୍ରତି ୪୦, ୨୦୦ କିମି ରହିବ, ଯାହାକି ଏପର୍ଯ୍ୟନ୍ତ କୌଣସି ମାନବବାହୀ ମହାକାଶ ଯାନ ପାଇଁ ସର୍ବାଧିକ । ତେବେ ଏହି ମହାକାଶଚାରୀ ମାନେ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବେ ନାହିଁ ଓ ପରିକ୍ରମା କରି ପୃଥିବୀ ଫେରିଆସିବାର କାର୍ଯ୍ୟକ୍ରମ ରହିଛି ।

# ମାଲଦା ଘଟଣାରେ ମୁଖ୍ୟ ସଚିବ, ଡିଜିପିଙ୍କୁ ଭର୍ତ୍ସନା



ନୂଆଦିଲ୍ଲୀ,୬।୪(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଘେରଉ କରାଯିବା ଘଟଣାରେ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ବିପିନ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ମାମଲାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ଏପ୍ରିଲ ୧ରେ ମାଲଦା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟାଯିବା ପ୍ରସଙ୍ଗକୁ ନେଇ ବିରୋଧ ପ୍ରଦର୍ଶନ ହୋଇଥିଲା । ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ଘଣ୍ଟା ଘଣ୍ଟା ଧରି ଘେରଉ କରି ରଖିଥିଲେ । ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ବିଚାରପତି ମଧ୍ୟ ରହିଥିଲେ । ସୁପ୍ରିମକୋର୍ଟ ଆଜି ପଶ୍ଚିମବଙ୍ଗର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଘେରାଉ ସମୟରେ କଲିକତା ହାଇକୋର୍ଟର ପ୍ରଧାନବିଚାରପତିଙ୍କ ଫୋନ୍ କଲ୍ ନ ଉଠାଇବା କାରଣରୁ କୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଭର୍ତ୍ସନା କରିଛନ୍ତି ।

# ମୋତେ ୧୯, ମୋ ସ୍ୱାମୀଙ୍କୁ ୪୦ ବର୍ଷ; ତାଙ୍କ ସହ ରହିପାରିବି ନାହିଁ

ଗ୍ୱାଲିୟର, ୬।୪(ଏଜେନ୍ସି): ସାମାଜିକ ନୀତିନିୟମ ଏବଂ ପାରିବାରିକ ଚାପକୁ ପଛରେ ପକାଇ ନିଜ ପସନ୍ଦର ଜୀବନସାଥୀ ସହ ରହିବାକୁ ଅନୁମତି ପାଇଛନ୍ତି ଜଣେ ୧୯ ବର୍ଷୀୟା ଯୁବତୀ । ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଜଣେ ସାବାଳିକା ବା ସ୍ୱାଧୀନ ବ୍ୟକ୍ତି କାହା ସହ ରହିବେ, ତାହା ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ତାଙ୍କର ରହିଛି ।

ଆମ ସମାଜରେ ବିବାହ ଏକ ପବିତ୍ର ବନ୍ଧନ ହୋଇଥିବା ବେଳେ ବେଳେବେଳେ ବୟସର ବ୍ୟବଧାନ ଓ ପାରିବାରିକ ଚାପ ସମ୍ପର୍କକୁ ଦୁର୍ବିସହ କରିଦିଏ । ଏଭଳି ଏକ ସନ୍ଧି କ୍ଷଣରେ ଜଣେ ୧୯ ବର୍ଷୀୟା ଯୁବତୀ ନିଜ ଜୀବନର ନିଷ୍ପତ୍ତି ନିଜେ ନେବା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଏହା ଏବେ ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାର ନୂତନ ଉଦାହରଣ ସୃଷ୍ଟି କରିଛି । ଯୁବତୀ ଜଣକ ପ୍ରାୟ ଏକ ବର୍ଷ ତଳେ ୪୦ ବର୍ଷୀୟ ଅବଧେଶଙ୍କୁ ବିବାହ କରିଥିଲେ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ୨୧ ବର୍ଷ ରହିଥିଲା । ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବିବାହରେ ସେ ଖୁସି ନଥିଲେ ଏବଂ ତାଙ୍କୁ ଦୁର୍ବ୍ୟବହାର କରାଯାଉଥିଲା । ସ୍ୱାମୀ ଅବଧେଶ ଏକ 'ହେବିୟସ କର୍ପସ' ପିଟିସନ ଦାଖଲ କରି ଦାବି କରିଥିଲେ ଯେ, ଅନୁଜ କୁମାର ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବେଆଇନ ଭାବେ ଅଟକ ରଖିଛନ୍ତି । ପୁଲିସ ଯୁବତୀଙ୍କୁ ଉଦ୍ଧାର କରି କୋର୍ଟରେ ହାଜର କରିବା ପରେ ସେ ସମସ୍ତଙ୍କ ସାମ୍ନାରେ ନିର୍ଭୟରେ କହିଥିଲେ ଯେ, ମୁଁ ଜଣେ ସାବାଳିକା । ମୁଁ ନିଜ ଇଚ୍ଛାରେ ରହୁଛି । ମୁଁ ସ୍ୱାମୀ କିମ୍ବା ବାପାମା'ଙ୍କ ପାଖକୁ ଯିବାକୁ ଚାହେଁ ନାହିଁ, ମୁଁ ଅନୁଜଙ୍କ ସହ ରହିବାକୁ ଚାହେଁ । ସେ କହିଥିଲେ ଯେ ତାଙ୍କୁ ୧୯ ବର୍ଷ ହୋଇଥିବା ବେଳେ ସ୍ୱାମୀଙ୍କୁ ୪୦ ବର୍ଷ । ତେଣୁ ସ୍ୱାମୀଙ୍କ ସହ ରହିବାକୁ ସେ ଚାହାନ୍ତି ନାହିଁ । ଏହାପରେ କୋର୍ଟ ଯୁବତୀଙ୍କୁ ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ କାଉନସେଲିଂ ପାଇଁ ପଠାଇଥିଲେ । କିନ୍ତୁ ସେଠାରେ ଯୁବତୀ ଜଣକ ନିଜ ଜିଦ୍‌ରେ ଅଟଳ ରହିଥିଲେ । ଯୁବତୀଙ୍କ ପ୍ରେମିକ ଅନୁଜ କୋର୍ଟକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସେ ଯୁବତୀଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ଏବଂ ତାଙ୍କ ସୁରକ୍ଷା ନିଶ୍ଚିତ କରିବେ । ଯୁବତୀଙ୍କ ସୁରକ୍ଷା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗାମୀ ୬ ମାସ ପର୍ଯ୍ୟନ୍ତ ଶୌର୍ଯ୍ୟ ଦିଦି (ମହିଳା ସ୍ୱେଚ୍ଛାସେବୀ) ତାଙ୍କ ଯୋଗାଯୋଗରେ ରହିବେ ଓ ତାଙ୍କ ଭଲମନ୍ଦ ବୁଝିବେ । ଜଷ୍ଟିସ ଆନନ୍ଦ ପାଠକ ଓ ଜଷ୍ଟିସ୍ ପୁଷ୍ପେନ୍ଦ୍ର ଯାଦବଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସାମାଜିକ ନୈତିକତା ଅପେକ୍ଷା ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ବଡ଼ । ଯେହେତୁ ଯୁବତୀ ଜଣକ ସାବାଳିକା, ତେଣୁ ତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ କାହା ପାଖରେ ରହିବାକୁ ବାଧ କରାଯାଇପାରିବ ନାହିଁ । ଜଣେ ବୟସ୍କ ବ୍ୟକ୍ତିଙ୍କ ଜୀବନର ପସନ୍ଦକୁ ପରିବାର, ବିବାହ କିମ୍ବା ସାମାଜିକ ଚାପ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ ନାହିଁ । ଏହି ରାୟରେ ଆହ୍ଲାବାଦ ହାଇକୋର୍ଟଙ୍କ ଏକ ପୁରୁଣା ରାୟକୁ ମଧ୍ୟ ଦର୍ଶାଯାଇଛି, ଯେଉଁଥିରେ କୁହାଯାଇଥିଲା ଯେ, ସାମାଜିକ ନୈତିକତା ଏବଂ ଆଇନ ପୃଥକ ଅଟେ । ସମାଜର ଚିନ୍ତାଧାରା ଜଣେ ନାଗରିକଙ୍କ ବ୍ୟକ୍ତିଗତ ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ ।

# ସିଇସିଙ୍କ ବିରୋଧରେ ଆଗତ ମହାଭିଯୋଗ ନୋଟିସ ଖାରଜ

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀ ଦଳ ଦେଇଥିବା ମହାଭିଯୋଗ ନୋଟିସ ଖାରଜ ହୋଇଯାଇଛି । ଉଭୟ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଏହି ନୋଟିସକୁ ଖାରଜ କରି କହିଛନ୍ତି ଯେ ନୋଟିସ ବିସ୍ତୃତ ଭାବେ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଗତ ମାର୍ଚ୍ଚ ୧୨ରେ ଦିଆଯାଇଥିବା ଏହି ପ୍ରସ୍ତାବରେ ୧୦୦ରୁ ଅଧିକ ସାଂସଦ ଦସ୍ତଖତ କରିଥିଲେ । ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦମାନେ ମିଳିତ ଭାବେ ଏହି ନୋଟିସ ଦେଇଥିଲେ । ଭାରତର ସଂସଦୀୟ ଇତିହାସରେ ଏହା ପ୍ରଥମଥର, ଯେଉଁଠି ଜଣେ ମୁଖ୍ୟ ନିର୍ବାଚନ କମିସନଙ୍କୁ ହଟାଇବା ପାଇଁ ଏଭଳି ନୋଟିସ ଦିଆଯାଇଛି । ମୁଖ୍ୟ ନିର୍ବାଚନ କମିସନର ଶାସକ ବିଜେପିକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି । ବିରୋଧୀଙ୍କ ଦାବି ଅନୁଯାୟୀ, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ମାଧ୍ୟମରେ କମିସନ କେନ୍ଦ୍ର ସରକାରଙ୍କୁ ଫାଇଦା ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ଖାସ୍ କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ କମିସନ ଜାଣିଶୁଣି ଭୋଟର ତାଲିକାରୁ ପ୍ରକୃତ ଭୋଟରଙ୍କ ନାମ କାଟି ଦେଇ ବିଜେପିକୁ ଫାଇଦା ଦେବାକୁ ଚେଷ୍ଟା କରୁଛନ୍ତି ।

# ଇରାନ ପାଇଁ ଲେହରେ ୨୫ ହଜାର ଟଙ୍କାରେ ନିଲାମ ହେଲା ଗୋଟିଏ ଅଣ୍ଡା


ଲେହ, ୬।୪(ଏଜେନ୍ସି): ମାନବିକତାର କୌଣସି ସୀମା ବା ଭୂଗୋଳ ନାହିଁ । ଯେତେବେଳେ ବିଶ୍ୱର ଏକ କୋଣରେ ଯୁଦ୍ଧ ଓ ନିର୍ଯାତନର ବିଭୀଷିକା ଦେଖାଦିଏ, ଅନ୍ୟ ଏକ କୋଣରୁ ସମବେଦନାର ହାତ ବଢ଼ିଆସେ । ସମ୍ପ୍ରତି ଇରାନରେ ଚାଲିଥିବା ଯୁଦ୍ଧ ପୀଡିତ ଶିଶୁ ଏବଂ ସାଧାରଣ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ ଲଦାଖର ଲେହ ଜିଲ୍ଲାରେ ଏକ ନିଆରା ସହାୟତା ଅଭିଯାନ ଦେଖିବାକୁ ମିଳିଛି । ଲେହ ଜିଲ୍ଲାରେ ଆୟୋଜିତ ଏକ ଦାନ ଅଭିଯାନ ସମୟରେ ଜଣେ ସ୍ଥାନୀୟ ବାସିନ୍ଦା, ଶବିର ହୁସେନ ମାତ୍ର ୧୦ ଟଙ୍କାର ଗୋଟିଏ ଅଣ୍ଡାକୁ ୨୫, ୦୦୦ ଟଙ୍କାର ନିଲାମ ଧରି ସାରା ଦେଶର ଦୃଷ୍ଟିଆକର୍ଷଣ କରିଛନ୍ତି । ଇରାନ ଯୁଦ୍ଧରେ ପୀଡିତଙ୍କୁ ସହାୟତା ଦେବାକୁ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ସେ କହିଛନ୍ତି । ଗୋଟିଏ ସାଧାରଣ ଅଣ୍ଡାକୁ ହଜାର ହଜାର ଟଙ୍କାରେ ନିଲାମ କରାଯିବା ଏକ ବଡ଼ କଥା । କେବଳ ଏହି ଅଣ୍ଡା ନୁହେଁ, ଇରାନକୁ ସହାୟତା ପ୍ରଦାନ କରିବା ପାଇଁ ଜମ୍ମୁ-କଶ୍ମୀର ଏବଂ ଲଦାଖର ଲୋକମାନେ ନିଜ କ୍ଷମତା ଅନୁଯାୟୀ ବିଭିନ୍ନ ସାମଗ୍ରୀ ଦାନ କରୁଛନ୍ତି । ମହିଳାମାନେ ନିଜର ସୁନା, ରୂପା ଦାନ କରୁଥିବା ବେଳେ ଶିଶୁମାନେ ନିଜର ଜମାପୁଞ୍ଜି ବା ଇଦି ଟଙ୍କା ସାହାଯ୍ୟ ପାଇଁ ପ୍ରଦାନ କରୁଛନ୍ତି ।

# ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କୁ ଆଜୀବନ ଜେଲ୍

ବିଳାସପୁର, ୬।୪(ଏଜେନ୍ସି): ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଅଜିତ ଯୋଗୀଙ୍କ ପୁଅ ତଥା ଜନତା କଂଗ୍ରେସ ନେତା ଅମିତ ଯୋଗୀଙ୍କୁ ରାଜ୍ୟର ହାଇକୋର୍ଟ ଏନସିପି ନେତା ରାମାବତାର ଜଗିଙ୍କ ହତ୍ୟାକାଣ୍ଡ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ହାଇକୋର୍ଟ ତାଙ୍କୁ ୭ଦିନ ମଧ୍ୟରେ ଆତ୍ମସର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ବିଚାରପତି ଅରବିନ୍ଦ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ରାୟ ଶୁଣାଇଛନ୍ତି । ତେବେ ଅମିତ ଏହି ମାମଲା ବିରୋଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି । ସୂଚନାଯୋଗ୍ୟ, ଛତିଶଗଡ଼ର ବ୍ୟବସାୟୀ ତଥା ଏନସିପି ନେତା ରାମାବତାର ଜଗିଙ୍କୁ ୨୦୦୩ ଜୁନ୍ ୪ରେ ହତ୍ୟା କରାଯାଇଥିଲା । ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ପରେ ମାମଲାରେ ନିମ୍ନ ଅଦାଲତ ୨୦୦୭ରେ ୨୮ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ସେତେବେଳେ ପ୍ରମାଣ ଅଭାବରୁ ଅମିତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । କିନ୍ତୁ ଜଗିଙ୍କ ପୁଅ ପରେ ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରିଥିଲେ । ହେଲେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ମଧ୍ୟ ପରବର୍ତ୍ତୀ ଶୁଣାଣି ପାଇଁ ପୁନର୍ବାର ମାମଲାକୁ ହାଇକୋର୍ଟକୁ ପଠାଯାଇଥିଲା । ସିବିଆଇର ଆବେଦନ ପରେ ହାଇକୋର୍ଟ ଏହି ୨୩ ବର୍ଷ ପୁରୁଣା ମାମଲାର ଅନ୍ତ ଆଣି ଅମିତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅନ୍ୟପକ୍ଷେ ଅଭିଯୁକ୍ତ ଅମିତ ହାଇକୋର୍ଟଙ୍କ ଠାରୁ ତାଙ୍କୁ ଉଚିତ୍ ନ୍ୟାୟ ମିଳିପାରି ନାହିଁ ଏବଂ ସେ ନିର୍ଦ୍ଦୋଷ ସତ୍ତ୍ୱେ ଦଣ୍ଡାଦେଶ ପାଇଛନ୍ତି ବୋଲି କହିଛନ୍ତି । ଏହି ମାମଲାକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବେ ବୋଲି ସୂଚନା ଦେଇଛନ୍ତି ।

# ଭାରତରେ ପ୍ରଥମ: ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ଏଲ୍‌ଜିବିଟି

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ସୋମବାର ସଂସଦ ଭବନରେ ୧୯ ଜଣ ନବନିର୍ବାଚିତ ରାଜ୍ୟସଭା ସାଂସଦ ଶପଥ ଗ୍ରହଣ କରିଛନ୍ତି । ଏହି ସାଂସଦମାନଙ୍କ ମଧ୍ୟରେ ଅଛନ୍ତି ସୁପ୍ରିମ କୋର୍ଟର ଆଡଭୋକେଟ୍ ମେନେକା ଗୁରୁସ୍ୱାମୀ । ସେ ଏଲଜିବିଟିକ୍ୟୁ ସମୁଦାୟର ହୋଇଥିବାରୁ ରାଜ୍ୟସଭାରେ ସାଂସଦ ଭାବେ ଶପଥ ନେଇ ଇତିହାସ ରଚିଛନ୍ତି ।



ଏହାପୂର୍ବରୁ ଏଲଜିବିଟି ସମୁଦାୟର କେହି ରାଜ୍ୟସଭା ସାଂସଦ ହୋଇନଥିଲେ । ତାଙ୍କୁ ମମତାଙ୍କ ଟିଏମ୍‌ସି ସାଂସଦ କରିଛି । ଶପଥ ନେଇଥିବା ୧୯ ଜଣ ସାଂସଦଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୫, ଓଡ଼ିଶାରୁ ୩, ତାମିଲନାଡୁର ୬ ଓ ପଶ୍ଚିମବଙ୍ଗରୁ ୫ ଜଣ ସାଂସଦ ରହିଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କ ଉପସ୍ଥିତିରେ ସମସ୍ତ ସାଂସଦ ଶପଥ ପାଠ କରିଥିଲେ । ଗତ ମାର୍ଚ୍ଚ ୧୬ ତାରିଖରେ ୧୦ଟି ରାଜ୍ୟର ୩୭ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

# ସିକିମ୍‌ରେ ପ୍ରକୃତିର ତାଣ୍ଡବ

ଗାଙ୍ଗଟକ/ଲକ୍ଷ୍ନୌ, ୬।୪(ଏଜେନ୍ସି): ଉତ୍ତର ଓ ଉତ୍ତର-ପୂର୍ବ ଭାରତର ପାଣିପାଗ ରୂପ ଭୟଙ୍କର ରୂପ ହୋଇଛି । ସିକିମ୍‌ର ମାଙ୍ଗନ ଜିଲ୍ଲାରେ ପ୍ରବଳ ବର୍ଷା ଓ ତୁଷାରପାତ ଯୋଗୁଁ ଭୂସ୍ଖଳନ ଘଟି ପ୍ରାୟ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି । ଅନ୍ୟପଟେ, ବିଗତ ୭୨ ଘଣ୍ଟା ମଧ୍ୟରେ ଉତ୍ତର ପ୍ରଦେଶରେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୧୫ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ରବିବାର ସିକିମ୍‌ର ଲାଚେନ-ଚୁଙ୍ଗଥାନ ରୋଡ୍‌ରେ ଭୂସ୍ଖଳନ ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଫସି ରହିଥିବା ୧୫୦୦ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି । ୟୁପିର କାଶୀ, ଗୋଣ୍ଡା, ସୁଲତାନପୁର ଏବଂ କାନପୁର ସମେତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ଓ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ପବନ ବହିଛି । ଗତ ୩ ଦିନ ମଧ୍ୟରେ ବଜ୍ରପାତ ଯୋଗୁଁ ୧୫ ଜଣ ପ୍ରାଣ ହରାଇଛନ୍ତି ।

# ଗୈରିକୀକରଣ ଉଦ୍ୟମର କୁପରିଣାମ କୁଳପତି ମରୁଡ଼ି: ବିଜେଡି

ଭୁବନେଶ୍ୱର, ୬।୪(ସମିସ): ଚଳିତ ମାସ ଶେଷ ସୁଦ୍ଧା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ପଦ ପୂରଣ ନ ହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଅପରାହ୍ଣରେ ବିଜୁ ଜନତା ଦଳ ଚେତାବନୀ ଦେବା ପରେ ସରକାର ସନ୍ଧ୍ୟାରେ ସମସ୍ତ ୧୪ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତ କରିଛନ୍ତି। ତେବେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ଏବଂ ବହୁ ସଂଖ୍ୟାରେ ଅଧ୍ୟାପକ ପଦ ଫାଙ୍କା ପଡ଼ିବାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଉଚ୍ଚଶିକ୍ଷା ବିଭାଗର ଏଭଳି ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅପାରଗପଣିଆର ପରିଣାମ ବୋଲି ଅଭିଯୋଗ କରିଛନ୍ତି।

ଯୁବ ଜନତା ଦଳର ସଭାପିତ ଚିନ୍ମୟ ସାହୁ କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏକ ପ୍ରକାର ପଙ୍ଗୁ ହୋଇଯାଇଛି। ରାଜ୍ୟର ୧୭ରୁ ୧୪ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଅଧିକାଂଶ ସ୍ଥାନରେ ଅଧ୍ୟାପକ ପଦ ମଧ୍ୟ ଖାଲି ପଡିଛି। ସ୍ଥାୟୀ କୁଳପତି ନିଯୁକ୍ତି ନ ହେଲେ ଅଧ୍ୟାପକ ପଦ ପୂରଣ ହୋଇପାରିବ ନାହିଁ। ଫଳରେ ଶିକ୍ଷାଦାନ ଗୁରୁତର ପ୍ରଭାବିତ ହେବ ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ବିଶ୍ୱବିଦ୍ୟାଳୟରେ ତୁରନ୍ତ କୁଳପତି ନିଯୁକ୍ତି ଦାବିରେ ପୂର୍ବରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯିବା ସହ ରାଜ୍ୟପାଳଙ୍କ ନିକଟରେ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା।



ଶୀଘ୍ର ନିଯୁକ୍ତି ମିଳିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବାର ୯ ମାସ ପରେ ବି ନିଯୁକ୍ତି ପ୍ରକ୍ରିୟା ସରିପାରୁ ନ ଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଥିଲେ। ସେ ଆହୁରି କହିଥିଲେ ଯେ ନବୀନ ସରକାରଙ୍କ ସମୟରେ ଏହି ନିଯୁକ୍ତି ଦାୟିତ୍ୱ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ଦିଆଯାଇଥିଲା। କୁଳପତିଙ୍କ କାର୍ଯ୍ୟକାଳ ସରିବାର ୬ ମାସ ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ଶେଷ ହେଉଥିଲା। କିନ୍ତୁ ସେ ବ୍ୟବସ୍ଥାକୁ ଉଚ୍ଛେଦ କରିଦିଆଯିବାରୁ ଲମ୍ବା ସମୟ ଧରି ଏହି ପଦଗୁଡିକ ଖାଲି ପଡ଼ିଛି। ସେହିପରି ନବୀନ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସମେତ ସମସ୍ତ ୨୧ଟି ଅଧ୍ୟାପକ ପଦ ଖାଲି ପଡିଛି। ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରେ ବିଶ୍ୱବିଦ୍ୟାଳୟଗୁଡିକୁ ଗୈରିକୀକରଣ କରିବାକୁ ପ୍ରୟାସ କରାଯାଉଛି। ଯୋଗ୍ୟତା ଭିତିରେ ନୁହେଁ; ବରଂ ଆନୁଗତ୍ୟକୁ ପ୍ରାଥମିକତା ଦିଆଯାଉଛି। ବିଶ୍ୱବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତାକୁ ଅକ୍ଷୁଣ୍ଣ ରଖି ସ୍ୱଚ୍ଛତାର ସହିତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନୁରୂପ ଭାବେ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥା ସମାଜ ବିକାଶର ମେରୁଦଣ୍ଡ ହୋଇଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବିଜେପି ସରକାରଙ୍କ ଗୈରିକୀକରଣ ମନୋଭାବ ଏବଂ କିଏ କେଉଁଠି ରହିବେ, ସେ ନେଇ ଦଳୀୟ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ଏହି ନିଯୁକ୍ତି ପ୍ରକ୍ରିୟା ହୋଇପାରୁ ନ ଥିବା ସେ ଅଭିଯୋଗ କରିଥିଲେ।

# ଶିକ୍ଷାନବୀଶ ଡିଏସ୍‌ପିଙ୍କ ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର, ୬।୪ (ସମିସ): ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ନବମ ବ୍ୟାଚ୍ ଡିଏସ୍‌ପି ପ୍ରୋବେସନର୍‌ଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ନବମ



ବ୍ୟାଚ୍‌ର ୫ ଜଣ ଡିଏସ୍‌ପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୁଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ।

ପୁଲିସ ଡିଜି ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେସାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା ପୁଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସ୍‌ଏସ୍‌ଏଫ୍, ଓଆଇଏସ୍‌ଏଫ୍ ଓ ଓଡ୍ରାଫ୍ ୟୁନିଟ୍‌ର ବିସ୍ତାର ଓ ଟ୍ରାଫିକ୍ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡ଼ିକ ପୁଲିସ୍ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ।

ସେହିପରି ନୂତନ ଅପରାଧିକ ଆଇନଗୁଡ଼ିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୁଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେବା ଓ ସୁରକ୍ଷା ହେଉଛି ଓଡ଼ିଶା ପୁଲିସର ମୂଳମନ୍ତ୍ର ଏବଂ ସମାଜର ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ। ପେସାଦାରିତା, ସମ୍ବେଦନଶୀଳତା ଓ ଉତ୍ତମ ବ୍ୟବହାର ଦ୍ୱାରା ପୁଲିସର ପ୍ରତିଛବିକୁ ଉଜ୍ଜ୍ୱଳ କରିବାକୁ ଡିଜି ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେସନର୍ ଭାବେ ଗଭର୍ଣ୍ଣର ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ସୃଷ୍ଟି ଇନଡୋର୍ ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନ୍‌ଆଇସିଏଫ୍‌ଏସ୍ ମେଡାଲ୍ ଅର୍ଜନ କରିଥିଲେ। ସେହିପରି, ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର୍ ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ। ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର୍ ଟ୍ରଫି ଲାଭ କରିଥିଲେ। ଏହି ସଫଳତା ପ୍ରଶିକ୍ଷାର୍ଥୀମାନଙ୍କ କଠୋର୍ ପରିଶ୍ରମ, ନିଷ୍ଠା ଓ ଉଚ୍ଚମାନର ପ୍ରଶିକ୍ଷଣ ପାଇଁ ସମ୍ଭବ ହୋଇଥିଲା। ଆୟୋଜିତ ଏହି ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍ ସାଇନି, ବରିଷ୍ଠ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଜେଡିରୁ ନିଲମ୍ବିତ ହେଲେ ଭଦ୍ରକର ମଣ୍ଡଳ ଦମ୍ପତି

ଭୁବନେଶ୍ୱର,୬।୪(ସମିସ): ବିଜେଡି ରାଜ୍ୟ ପରିଷଦ ସଦସ୍ୟା ତଥା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ନିଲମ୍ବିତ କରିଛି ବିଜେଡି। ଦଳ ବିରୋଧୀ ଗତିବିଧିରେ ଲିପ୍ତ ଥିବା କାରଣରୁ ମଣ୍ଡଳ ଦମ୍ପତିଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

**ଦଳ ବିରୋଧୀ ଗତିବିଧିରେ ଲିପ୍ତ ଥିବା କାରଣରୁ କାର୍ଯ୍ୟାନୁଷ୍ଠାନ**

# ଦୁର୍ଘଟଣାରେ ଗଲା ୩ ଜୀବନ

ସୋର, ୬।୪ (ସମିସ): ବାଲେଶ୍ୱର ଜିଲ୍ଲା ସୋର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଦହିସଡ଼ା ମଡର୍ଣ୍ଣ ହୋଟେଲ ସମ୍ମୁଖରେ ଗତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଛି। ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ରାସ୍ତାକଡ଼ରେ ଅଚଳ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ଲୁହାପ୍ଲେଟ୍ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ରେ ଥିବା ୩ଜଣ ଚାପି ହୋଇ ରହି ଯାଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର୍‌ରେ ଟ୍ରକ୍ କ୍ୟାବିନକୁ କାଟି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ମେଡିକାଲରେ ପହଞ୍ଚି ଶବ ଜବତ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ।






**ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରେ ଚଢ଼ଉ**

# ଗଞ୍ଜେଇ ବେପାରୀ ପାଖରୁ ବନ୍ଧୁକ, ୩ ଗୁଳି ଜବତ

ରାସଗୋବିନ୍ଦପୁର,୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍ ନିକଟରେ ଚଢ଼ଉ କରି ରାସଗୋବିନ୍ଦପୁର ପୁଲିସ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ ଗୁଳି, ୧୩୨ ଗ୍ରାମ୍ ଗଞ୍ଜେଇ, ଗୋଟିଏ ବାଇକ୍ ଓ ମୋବାଇଲ୍ ଜବତ କରିଛି। ସେ ହେଲା, ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ବେତନାସିଆ ଗ୍ରାମର ସୁଜିତ ବେହେରା ଓରଫ୍ ଜିତୁ (୨୨)। ସୂଚନାନୁଯାୟୀ, ଜିତୁ ଏକ ବାଇକ୍‌ରେ ଗଞ୍ଜେଇ ନେଇ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାସଗୋବିନ୍ଦପୁର ପୁଲିସ ତାକୁ ଏୟାରଷ୍ଟ୍ରିପ୍ ଅଞ୍ଚଳରୁ କାବୁ କରିଥିଲା। ପଚରାଉଚରା ବେଳେ ସେ ପୁଲିସକୁ କହିଛି ଯେ ଉକ୍ତ ଗ୍ରାମର ରାଧାଶ୍ୟାମ ବାରିକ ତାକୁ ବନ୍ଧୁକ ଓ ଗଞ୍ଜେଇ ଦେଇ ପଠାଇଥିଲା। ତା' ସୂଚନା ଆଧାରରେ ପୁଲିସ ଉଭୟ ଜିତୁ ଓ ରାଧାଶ୍ୟାମ ବିରୋଧରେ ମାମଲା ରୁଜୁ କରିଛି। ଆଜି ପୁଲିସ ଜିତୁକୁ କୋର୍ଟଚାଲାଣ କରିଛି।





# ବାହାର ରାଜ୍ୟର ୧୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ିକୁ ନୂତନ ପରମିଟ୍ ମନା

କଟକ,୬।୪(ସମିସ): ବାହାର ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ି ଯଥା ବସ୍ ଇତ୍ୟାଦିକୁ ଆଉ ଓଡ଼ିଶାରେ ନୂତନ ପରମିଟ୍ ପ୍ରଦାନ କରାଯିବ ନାହିଁ। ଏପରିକି, ବାହାର ରାଜ୍ୟର ଗାଡ଼ିର ଏଠାରେ ମାଲିକାନା ପରିବର୍ତ୍ତନ କରିବା ଉପରେ ରୋକ୍ ଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି। ପୂର୍ବରୁ ଅନୁମତି ନେଇସାରିଥିବା ଗାଡ଼ିଗୁଡ଼ିକ କ୍ଷେତ୍ରରେ କୌଣସି ଅସୁବିଧା ହେବ ନାହିଁ। ପୂର୍ବ ଅନୁମତି ଥାଇ କୌଣସି ଗାଡ଼ି ଓଡ଼ିଶାରେ ଚଳାଚଳ ପାଇଁ କୌଣସି ସମସ୍ୟା ନାହିଁ ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଓଡ଼ିଶାରେ ପଞ୍ଜୀକୃତ ଗାଡ଼ି କିମ୍ବା ଆନ୍ତଃରାଜ୍ୟ ପରମିଟ୍ ଥିବା ଗାଡ଼ି ପାଇଁ ମଧ୍ୟ କୌଣସି ସମସ୍ୟା ନାହିଁ ବୋଲି କୁହାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନ୍ୟ ରାଜ୍ୟର ଖରାପ ମାନର ଯାତ୍ରୀବାହୀ ବାଣିଜ୍ୟିକ ଗାଡ଼ି ଓଡ଼ିଶାକୁ ମାଲିକାନା ପରିବର୍ତ୍ତନ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଗତ ୨୦୨୩ ଜୁଲାଇ ୧୯ରେ ପରିବହନ ପ୍ରାଧିକରଣ ବୈଠକରେ ହୋଇଥିବା ଉପରୋକ୍ତ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆର୍‌ଟିଓମାନଙ୍କୁ ପରିବହନ କମିସନରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

**ପରିଷଦ ଭାଙ୍ଗିବାର ୧୯ ମାସ ପରେ ନିଯୁକ୍ତି**

# ୨୩ ଜିଲ୍ଲାରେ ନୂଆ ଏସ୍‌ଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ


ଭୁବନେଶ୍ୱର,୬।୪(ସମିସ): କ୍ଷମତାକୁ ଆସିବା ପରେ ୨୦୨୪ ସେପ୍‌ଟେମ୍ବର ମାସରେ ରାଜ୍ୟର ନୂଆ ବିଜେପି ସରକାର ଜିଲ୍ଲା ଉନ୍ନୟନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ବିକାଶ ପରିଷଦକୁ ଭାଙ୍ଗିଦେଲେ। ପ୍ରାୟ ୧୯ ମାସ ଧରି ଅଚଳ ରହିବା ପରେ ସୋମବାର ରାଜ୍ୟ ସରକାର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରେ ୨୩ଜଣ ମହିଳାଙ୍କ ସହ ମୋଟ ୪୬ ଜଣ ସାମିଲ ଥିବା ବେଳେ ପ୍ରାୟ ସମସ୍ତେ ବିଜେପିର ନେତା ଓ ନେତ୍ରୀ ବୋଲି ଜଣାପଡ଼ିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

- ୨୩ ମହିଳା ନେତ୍ରୀଙ୍କ ସହ ମୋଟ ୪୬ ଜଣଙ୍କୁ ନିଯୁକ୍ତି
- ୨୦୧୭ ମସିହାରେ ଏସ୍‌ଡିସି ଗଠନ କରିଥିଲେ ନବୀନ

ସରକାରଙ୍କ ପକ୍ଷରୁ ଜାରି ତାଲିକା ଅନୁଯାୟୀ, ଅନୁଗୁଳ ଜିଲ୍ଲାରେ ଅଧ୍ୟକ୍ଷ ଭାବେ ବଶିଷ୍ଠ ନାୟକଙ୍କୁ ନିଯୁକ୍ତି ମିଳିଥିଲା ବେଳେ ବଲାଙ୍ଗିରରେ ବଲ୍ଲଭ ଧରୁଆ, ବାଲେଶ୍ୱରରେ ବିପିନ ମାରାଣ୍ଡି, ବରଗଡ଼ରେ ଗୋବର୍ଦ୍ଧନ ଭୋଇ, ବୌଦ୍ଧ- ଉମ୍ବୁରଧର କଅଁର, ଦେବଗଡ଼ରେ ପ୍ରଶାନ୍ତ କୁମାର ବେହେରା, ଢେଙ୍କାନାଳରେ ନାଉରୀ ସିଂ, ଗଜପତିରେ କାମଦେବ ବଡ଼ନାୟକ, ଗଞ୍ଜାମରେ ନୀଳମାଧବ ପାତ୍ର, ଯାଜପୁରରେ ରାଜେନ୍ଦ୍ର କାଣ୍ଡୁଲିଆ, ଝାରସୁଗୁଡ଼ାରେ ସମଲ ନାୟକଙ୍କୁ ନିଯୁକ୍ତି ମିଳିଛି। ସେହିପରି କଳାହାଣ୍ଡିରେ ବିଜୟ କୁମାର ଦିଶାରୀଙ୍କୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଥିବା ବେଳେ କନ୍ଧମାଳରେ ମାନଗୋବିନ୍ଦ ପ୍ରଧାନ, କେନ୍ଦୁଝରରେ ମମିତା ନାଏକ, କୋରାପୁଟରେ ଭଗବାନ ମୁଦୁଲି, ମାଲକାନଗିରିରେ ଗଙ୍ଗାଧର ସୋଡି, ମୟୂରଭଞ୍ଜରେ ଡାକ୍ତର ବୁଧାନ ମୁର୍ମୁ, ନବରଙ୍ଗପୁରରେ ବାସନ୍ତୀ ମାଝୀ, ନୟାଗଡ଼ରେ ତ୍ରିନାଥ ମଲ୍ଲିକ, ନୂଆପଡ଼ାରେ ଇଂଜିନିୟର ହୋମସିଂ ମାଝୀ, ରାୟଗଡ଼ାରେ ବିଦ୍ୟାଧର ଶବର, ସମ୍ବଲପୁରରେ ଭଗୀନ୍ଦ୍ର କିଷାନ ଓ ସୁନ୍ଦରଗଡ଼ ଜିଲ୍ଲାରେ ସନ୍ତୋଷ କୁମାର ଅମାତଙ୍କୁ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି।

ସେହିପରି ସ୍ୱତନ୍ତ୍ର ପରିଷଦର ଉପାଧ୍ୟକ୍ଷ ଭାବେ ଅନୁଗୁଳରେ ସୁରୁମଣି ଛତରଙ୍କୁ ନିଯୁକ୍ତି ମିଳିଥିବା ବେଳେ ବଲାଙ୍ଗିରରେ ଜୟନ୍ତୀ ଭୋଇ, ବାଲେଶ୍ୱରରେ ଝରଣା ସିଂ, ବରଗଡ଼ରେ ତିଳୋତ୍ତମା ଭୁଏ, ବୌଦ୍ଧରେ ଝରଣା ଜାନୀ, ଦେବଗଡ଼ରେ ପ୍ରମିଳା କିଷାନ, ଢେଙ୍କାନାଳରେ ସେବତୀ ଭୋଇ, ଗଜପତିରେ ପଙ୍କଜିନୀ ଦଳାଇ, ଗଞ୍ଜାମରେ ଲଳିତା ପ୍ରଧାନ, ଯାଜପୁରରେ ସାନି ଜାରିକାଙ୍କୁ ନିଯୁକ୍ତିପ୍ରଦାନ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ସଂଯୁକ୍ତା ଓରାମ, କଳାହାଣ୍ଡିରେ ରୀନା ଭୋଇ, କନ୍ଧମାଳରେ କଳ୍ପନା କୁମାରୀ କହଁର, କେନ୍ଦୁଝରରେ ମାନସ କୁମାର ନାୟକ, କୋରାପୁଟରେ ସୁକାନ୍ତି ମାଝୀ, ମାଲକାନଗିରରେ ସାବିତ୍ରୀ ପଡିଆମି, ମୟୂରଭଞ୍ଜରେ କୌଶଲ୍ୟା ନାୟକ, ନବରଙ୍ଗପୁରରେ ଲିଙ୍ଗରାଜ ଭତ୍ରା, ନୟାଗଡରେ ସମିତା ଦେହୁରୀ, ନୂଆପଡ଼ାରେ ବେଲାମତି ମାଝୀ, ରାୟଗଡ଼ାରେ ମଞ୍ଜୁଳା ମିନିଆକା, ସମ୍ବଲପୁରରେ ସୁଷମା ମୁଣ୍ଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗାଙ୍ଗୀ କିଣ୍ଡୋଙ୍କୁ ଉପାଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଛି।

ସୂଚନାଯୋଗ୍ୟ, ବିଜେଡି ସରକାର ୨୦୧୭ ମସିହା ସେପ୍ଟେମ୍ବର ୨୧ ତାରିଖରେ ପ୍ରଥମେ ୯ଟି ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଏସଡିସି ଗଠନ କରିଥିଲେ। ପରେ ୨୦୨୩ ମସିହା ମେ'ମାସରେ ବିଜେଡି ସରକାର ଆଉ ୧୪ଟି ଜିଲ୍ଲା ଯଥା - ବଲାଙ୍ଗିର, ଗଞ୍ଜାମ, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ଅନୁଗୁଳ, ବରଗଡ଼, ଯାଜପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରେ ଏସ୍‌ଡିସିକୁ ସମ୍ପ୍ରସାରିତ କରିଥିଲେ।

# ବେଆଇନ ଇଟାଭାଟିରେ ବୁଲିଲା ବୁଲ୍‌ଡୋଜର୍



'ସକାଳ' ପ୍ରଭାବ

- ଖବର ପ୍ରକାଶ ପରେ ଆକ୍ସନ ମୋଡ଼ରେ ଉପ ଜିଲ୍ଲାପାଳ
- ମାଟିରେ ମିଶିଲା ୨ଭାଟି ସହ ୧ ଲକ୍ଷ ଇଟା

ବାଲେଶ୍ୱର, ୬।୪(ସମିସ)

ଦୀର୍ଘଦିନ ଧରି ବାଲେଶ୍ୱର ଜିଲ୍ଲାରେ ବେଆଇନ ଭାବେ ଶହ ଶହ ଇଟା ଭାଟି ଚାଲୁଥିବା ବେଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହାକୁ ରୋକିବା ପରିବର୍ତ୍ତେ ଦେଖଣାହାରି ସାଜିଥିଲା। ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ଦୋଷ ଲଦା ଲଦି ହେଉଥିବା ବେଳେ ଜିଲ୍ଲାରେ ଇଟାଭାଟି ମାଫିଆଙ୍କ ରାଜ କ୍ରମଶଃ ବଢ଼ି ଚାଲିଥିଲା। ବିଶେଷ କରି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ ରୁ ୫ କିମି ପରିଧିରେ ଥିବା ରେମୁଣା ତହସିଲର ଦହପଦା, ହରିପୁର, ବେଗୁନିଆ ଛକ ଆଦି ଅଞ୍ଚଳରେ ଖୋଲାଖୋଲି ଭାବେ ଇଟା ଭାଟି ଚାଲୁଥିବା ନେଇ ଗତ ମାର୍ଚ୍ଚ ୨୩ ତାରିଖରେ ଦୈନିକ 'ସକାଳ'ରେ 'ବଢ଼ୁଛି ବେଆଇନ ଇଟାଭାଟି; ପ୍ରଶାସନ ନିରବ' ଶୀର୍ଷକ ଖବର ଏବଂ ଏପ୍ରିଲ ୪ ତାରିଖରେ 'ବାଲେଶ୍ୱର ଜିଲ୍ଲାରେ ମାଳ ମାଳ ବେଆଇନ ଇଟାଭାଟି...' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସକାଳରେ ଖବର ପ୍ରସାରଣ ପରେ ଚେଇଁ ଶୋଇଥିବା ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଲା। ଉପଜିଲ୍ଲାପାଳ ଶିବ ମାଳବ୍ୟ ନିଜେ ଆକ୍ସନ ମୋଡ୍‌କୁ ଆସି ସଦର ଓ ରେମୁଣା ତହସିଲ ପ୍ରଶାସନ, ଅଗ୍ନିଶମ ବିଭାଗ ଓ ପୁଲିସ ଟିମ ସହାୟତାରେ ଦହପଦାର ବେଗୁନିଆ ଛକସ୍ଥିତ ହରିପୁର ଓ କାଳୀପୁର ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ରେମୁଣା ତହସିଲ ହରିପୁରର 'ଗୋଲ୍‌ଡ' ଓ ସଦର ତହସିଲର କାଳୀପୁର ସ୍ଥିତ 'ଷ୍ଟିଲ' ନାମକ ବେଆଇନ ଇଟାଭାଟିକୁ ଟାର୍ଗେଟ କରାଯାଇ ଉକ୍ତ ଚିମିନିକୁ ବୁଲଡୋଜରରେ ଭାଙ୍ଗି ଦିଆଯାଇଛି। ପୋଡ଼ା ଯାଇଥିବା ଏବଂ ପୋଡ଼ିବା ପାଇଁ ରଖାଯାଇଥିବା ପ୍ରାୟ ୧ ଲକ୍ଷ ଇଟାକୁ ପାଣି ପକାଇବା ସହ ଜେସିବି ମଡ଼ାଇ ନଷ୍ଟ କରାଯାଇଥିଲା। ଜେସିବି ମେସିନ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାଟିକୁ ମାଟିରେ ମିଶାଯାଇଥିଲା। ଏହି ଅପରେସନ ସମୟରେ ଅଞ୍ଚଳର ମାଫିଆଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଯେଉଁଠାରେ ଜିଲ୍ଲାପାଳ କାର୍ଯ୍ୟାଳୟରୁ କେବଳ କିଛି କିମି ଦୂରରେ ୧୦ ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲୁଥିଲା ଏବଂ ପ୍ରଶାସନ ସବୁ ଜାଣି ଚୁପ୍ ବସିଥିଲା, ସେଠାରେ ଏବେ ହଠାତ୍ ଏପରି କଠୋର କାର୍ଯ୍ୟାନୁଷ୍ଠାନ ନିଆ ଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ 'ଇଟାଭାଟି ଚାଲୁନାହିଁ' ବୋଲି ଦାବି କରୁଥିବା ଉପଜିଲ୍ଲାପାଳଙ୍କ ମନ୍ତବ୍ୟ ଏବେ ସନ୍ଦେହରେ ପରିଣତ ହୋଇଛି, ଯାହା ପ୍ରଶାସନର ଭୂମିକାକୁ ମିଛ ବୋଲି ପ୍ରମାଣିତ କରିଛି। ଏହି ବେଆଇନ ଇଟାଭାଟି ମାଧ୍ୟମରେ ବୁଢ଼ାବଳଙ୍ଗ ନଦୀରୁ ମାଟି ଓ ବାଲି ଲୁଟ, ଟନ ଟନ କୋଇଲା ପୋଡ଼ି ପ୍ରଦୂଷଣ ବୃଦ୍ଧି ଓ ଭୂଗର୍ଭ ଜଳସ୍ତର କମିବା ଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ସତ୍ତ୍ୱେ ଦୀର୍ଘଦିନ ଧରି ତହସିଲ ପ୍ରଶାସନ ଓ ଖଣି ବିଭାଗ ନିଷ୍କ୍ରିୟ ରହିଥିବା ଅଭିଯୋଗ ଏବେ ଅଧିକ ଗମ୍ଭୀର ହୋଇଛି। ଗଣମାଧ୍ୟମ ଚାପ ପଡ଼ିବା ପରେ ମାତ୍ର ଆକ୍ସନ ନିଆଯାଇଥିବାରୁ ସ୍ପଷ୍ଟ ହେଉଛି ଯେ ପୂର୍ବରୁ କୌଣସି ନା କୌଣସି ଚାପ କିମ୍ବା ପ୍ରଶାସନର ମଧୁଚନ୍ଦ୍ରିକା ଯୋଗୁଁ ଏଠାରେ ବର୍ଷବର୍ଷ ଧରି ଚାଲିଥିଲା ବେଆଇନ ଇଟା ଭାଟି। ଏବେ ପ୍ରଶ୍ନ ଉଠୁଛି କେବଳ କିଛି ଭାଟି ଭାଙ୍ଗିଲେ କି ମାଫିଆ ରାଜ ଶେଷ ହେବ, ନା ପୁଣି କିଛି ଦିନ ପରେ ପୁରୁଣା ଖେଳ ଆରମ୍ଭ ହେବ? କେବଳ ୨ ଗୋଟି ବେଆଇନ ଇଟାଭାଟି ଭାଙ୍ଗି ଜିଲ୍ଲା ପ୍ରଶାସନ ବାଃ ବାଃ ନେଉଥିବା ବେଳେ ଅନ୍ୟ ବେଆଇନ ଇଟା ଭାଟି ଉପରେ କେବେ ନିଆଯିବ କାର୍ଯ୍ୟାନୁଷ୍ଠାନ ବୋଲି ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ଯଦି ପ୍ରଶାସନ ବେଆଇନ ଇଟା ଭାଟିକୁ ପ୍ରଶ୍ରୟ ଦେଉନାହିଁ, ତେବେ ସମସ୍ତ ବେଆଇନ ଇଟାଭାଟିକୁ ବନ୍ଦ କରି ମାଫିଆ ଓ ସେମାନଙ୍କ ସହ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● ପୌରପାଳିକାର ୧୭ ନମ୍ବର ୱାର୍ଡ

## ୬ କୋଟି ବ୍ୟୟରେ ହେବ ମଲଟି ପରପଜ୍ ବିଲଡିଂ

### ମିଳିବ ଫୁଡ୍ କୋର୍ଟ, ଲାଇବ୍ରେରୀ ଓ ଅଡିଟୋରିୟମ ସୁବିଧା

ବାଲେଶ୍ୱର,୬।୪(ସମିସ): ନିର୍ମାଣ ହେବ ମଲ୍ ପରି ଚାରି ମହଲା ବିଶିଷ୍ଟ ବିଲଡିଂ। ରାଜଧାନୀରେ ଥିବା ବଡ଼ ବଡ଼ ମଲ୍ ଭଳି ସମସ୍ତ ସୁବିଧା ମିଳିବ। ଫୁଡ୍ କୋର୍ଟ, ଲାଇବ୍ରେରୀ ଓ ଅଡିଟୋରିୟମର ସୁବିଧା ପାଇବେ ଜନସାଧାରଣ। ସେହିପରି ବିଲଡିଂ ଭିତରେ କଲଚୁରାଲ ସେଣ୍ଟର ମଧ୍ୟ ରହିବ। ଏହି ବଡ଼ ପ୍ରକଳ୍ପର ସମ୍ପୂର୍ଣ୍ଣ କାମ ପାଇଁ ୪ କୋଟି ମଞ୍ଜୁର ହୋଇଥିବାବେଳେ ଆହୁରି ୨ କୋଟି ଆବଶ୍ୟକ। ଅର୍ଥାତ୍ ୬ କୋଟି ଟଙ୍କା ହେଲେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇପାରିବ। ବାଲେଶ୍ୱର ପୌରପାଳିକାର ୧୭ ନମ୍ବର ୱାର୍ଡରେ ହେବାକୁ ଥିବା ଏହି ପ୍ରକଳ୍ପ କାମ କିନ୍ତୁ କେବେ ଆରମ୍ଭ ହେଉଛି ତାହା ଦେଖିବାକୁ ବାକି ରହିଛି। ଏଥିପାଇଁ ଏଡିଏମ୍ ଛକ ନିକଟରେ ଥିବା ଏକ ପୁରୁଣା ଅସୁରକ୍ଷିତ ବିଲଡିଂକୁ ଭଙ୍ଗାଯାଇଛି। ଏବାବଦରେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ କହିଛନ୍ତି,' ଏଡିଏମ୍ ଛକରେ ଥିବା ପୌରପାଳିକାର ପ୍ରାୟ ୮୦ ଡିସିମିଲ ଜାଗା ରହିଛି। ସେଠାରେ ଏକ ବଡ଼ ପ୍ରକଳ୍ପର କାମ ଆରମ୍ଭ ପାଇଁ ଯୋଜନା ହୋଇଛି। ପ୍ରାୟ ଦେଢ଼ କୋଟି ଟଙ୍କା ଆସିଯାଇଛି। ବାକି ଟଙ୍କା ଆସିବ। ଟଙ୍କା ଆସିଗଲେ ଆମେ କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ କରିବା।

ସେଠାରେ ମଲଟି ପରପଜ୍ ବିଲଡିଂ ନିର୍ମାଣ ହେବ ଏଡିଏମ୍ ଛକର ରାସ୍ତା କଡ଼ରେ ଥିବା ଦୋକାନ ଘର ସବୁ ଉଠିଯିବ। ଫୁଡ୍ କୋର୍ଟ, ଲାଇବ୍ରେରୀ, ଅଡିଟୋରିୟମ ହେବା ନେଇ ଯୋଜନା ହୋଇଛି। ସେଠାରେ ଫୁଡ୍ କୋର୍ଟ ହେଲେ ଏଡିଏମ୍ ଛକରେ ଥିବା ଦୋକାନୀମାନଙ୍କୁ ସେଠାରୁ ସ୍ଥାନାନ୍ତର କରାଯିବ'। ଏବାବଦରେ ୧୭ ନମ୍ବର ୱାର୍ଡ କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ କହିଛନ୍ତି, ରାଜଧାନୀର ବଡ଼ ମଲ୍ ଭଳି ସବୁ ସୁବିଧା ମିଳିବ। ଏଠାରେ ୱାର୍ଡର ଏସ୍‌ଏଚଜି ଗ୍ରୁପ୍, ଗରିବ ବେରୋଜଗାର ଯୁବପିଢ଼ିଙ୍କୁ ଏଥିରେ ଅଧିକ ଗୁରୁତ୍ୱ ଦିଆଯିବ।

## କିଡ୍‌ନୀ ରୋଗ ଆକ୍ରାନ୍ତ ମହିଳାଙ୍କ ସହାୟତା ନିବେଦନ

ବାଲେଶ୍ୱର, ୬।୪(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ନିଜାମପୁର ଅଞ୍ଚଳର ଦିଲ୍ଲୀପ କୁମାର ଜେନାଙ୍କ ପତ୍ନୀ ସୁନିତା ଜେନାଙ୍କର ଦୁଇଟି ଯାକ କିଡନି ୯୦ ପ୍ରତିଶତ ଖରାପ ହୋଇଯାଇଛି। ଆବଶ୍ୟକୀୟ ଚିକିତ୍ସା ପାଇଁ ଅର୍ଥ ଅଭାବ ହେତୁ ଆଜି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ପତ୍ନୀ ସୁନିତାଙ୍କର ୫ମାସ ହେବ ଦୁଇଟି ଯାକ କିଡ୍‌ନୀ ଖରାପ ହୋଇଯାଇଛି। ୨୦୨୫ମସିହା ନଭେମ୍ବର ମାସରେ ହୋଇଥିବା ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଏହା ଜଣାପଡ଼ିଥିଲା। ଏପରିକି ଡାକ୍ତର କିଡନୀ ପ୍ରତ୍ୟାରୋପଣ କରିବା ପାଇଁ କହୁଛନ୍ତି। ଏପରିକି ପ୍ରତି ସପ୍ତାହରେ ଦୁଇଥର ଡାଏଲୋସିସ କରିବାକୁ ମଧ୍ୟ ଡାକ୍ତର ପରାମର୍ଶ ଦେଇଛନ୍ତି। ଯଦି କିଡନି ଶିଘ୍ର ପ୍ରତ୍ୟାରୋପଣ କରାନଯିବ ତେବେ ରୋଗୀ ବଞ୍ଚିବା ମୁସକିଲ ହୋଇପଡ଼ିବ ବୋଲି ଡାକ୍ତର ସତର୍କ କରାଇ ଦେଇଛନ୍ତି। ଏଣୁ ଏଥିପାଇଁ ପ୍ରାୟ ୪୦ରୁ ୫୦ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମାଟିଘରେ ସେ ରହୁଛନ୍ତି। ତାଙ୍କର ଜଣେ ୫ବର୍ଷର ଝିଅ ଥିବା ବେଳେ ଦେଢ଼ବର୍ଷର ପୁଅଟିଏ ରହିଛି। ଏହାଛଡା ତାଙ୍କ ଉପରେ ବାପା ଓ ମା ମଧ୍ୟ ନିର୍ଭର କରୁଛନ୍ତି। ଏପରିକି ତାଙ୍କର ଅନ୍ୟ କିଛି ଜମିବାଡି ମଧ୍ୟ ନାହିଁ। ଏପରିସ୍ଥିତିରେ ସେ ଏତେ ଟଙ୍କା କେମିତି ଆଣିବେ ସେ ଚିନ୍ତାରେ ରହିଛନ୍ତି। ଏପରିକି ସପ୍ତାହରେ ଦୁଇଥର ଡାଏଲିସିସ ହେଉଥିବା ଯୋଗୁଁ ସେ ସଠିକ ଭାବେ କାମକୁ ମଧ୍ୟ ଯାଇ ପାରୁ ନାହାନ୍ତି। ଯାହାଫଳରେ ସେ ତାଙ୍କ ପରିବାରର ଦୈନିକ ଖର୍ଚ୍ଚ ମଧ୍ୟ ଚଳାଇପାରୁ ନାହାନ୍ତି। ଏଣୁ ତାଙ୍କୁ ସରକାରୀ ସ୍ତରରେ ସାହାଯ୍ୟ କରାଗଲେ ସେ ତାଙ୍କ ପତ୍ନୀଙ୍କର କିଡନୀ ପ୍ରତ୍ୟାରୋପଣ କରିପାରିବେ। ଏଣୁ ତାଙ୍କୁ ସାଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

## ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ବାଣିଜ୍ୟିକ କୋର୍ଟ ଉଦ୍‌ଘାଟିତ

ବାଲେଶ୍ୱର,୬।୪(ସମିସ): ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଆଜି ଏକ ବାଣିଜ୍ୟିକ ଅଦାଲତ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉଦ୍‌ଘାଟନ କରିଛନ୍ତି। ସେଠାରେ ତାଙ୍କ ସହ ଉଚ୍ଚ ନ୍ୟାୟାଳୟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ବିଚାରପତିମାନେ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ଜିଲ୍ଲା ଓ ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କ ସମେତ ଅନ୍ୟ ବିଚାରପତି ଏବଂ ଆଇନଜିବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲା ପାଇଁ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ। ଏହି ଚାରିଟି କ୍ଲଷ୍ଟର ଜିଲ୍ଲାରୁ ବିଭିନ୍ନ ବର୍ଗର ୧୮୩୧ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦଘାଟିତ ଅଦାଲତକୁ ସ୍ଥାନାନ୍ତର କରାଯାଇଛି। ଯେଉଁଥିରେ ବାଲେଶ୍ୱର ଜଜସିପରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଥିବା ବେଳେ ମୟୂରଭଞ୍ଜ ଜଜସିପରୁ ୧୭୫ମାମଲା, ଭଦ୍ରକ



ଜଜସିପରୁ ୩୭୪ ମାମଲା ଏବଂ କେନ୍ଦୁଝର ଜଜସିପରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି। ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ହେବା ଦ୍ୱାରା ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବା ସହ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରାଯିବ। ଏହା ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବା ସହ ନ୍ୟାୟିକ ଦକ୍ଷତା ଉନ୍ନତ କରିବ। ବାଣିଜ୍ୟିକ ଅଦାଲତ ଆଇନ ୨୦୧୫ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦଘାଟିତ ହୋଇଥିବା ଏହି ଅଦାଲତର ପ୍ରତିଷ୍ଠା ଏକ ଆବଶ୍ୟକୀୟ ଏବଂ ନୀତି ଚାଳିତ ପଦକ୍ଷେପ ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ସମାଧାନ ହୋଇପାରିବ। ଏହି ଉଦଘାଟନୀ ଉତ୍ସବକୁ ଅଦାଲତର ରେଜିଷ୍ଟ୍ରାର ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ।

## ପ୍ରଭାକୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାଲେଶ୍ୱର,୬।୪(ସମିସ): ପ୍ରଭାକୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସହ ପାଠାଗାର ଉଦଘାଟନ ହେବା ସହ ପତ୍ରିକା 'ପଲ୍ଲୀ ମହକ ପ୍ରଭାକୁମୁଦିନି' ଓ ପ୍ରଭାକର ସାହୁଙ୍କ ବ୍ୟଙ୍ଗ କବିତା ପୁସ୍ତକ ନୀଳପରୀ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୁମୁଦିନି ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିମଳ ଜେନା ଯୋଗଦେଇଥିଲେ।

ମୁଖ୍ୟ ବକ୍ତା ଭାବେ ଡ. ନରୋତ୍ତମ ପରିଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ଡ. ସାରଙ୍ଗଧର ତ୍ରିପାଠୀ,ଡ ରତ୍ନାକର ସିଂହ, ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଯୋଗଦେଇ ପାଠାଗାର ଓ ପତ୍ରିକା ଗୋଟିଏ ଯୁଗର ଇତିହାସକୁ ଧରିରଖିଥାଏ ବୋଲି କହିଥିଲେ। ଏଥିରେ ନିରଞ୍ଜନ ସାହୁ କବିତା ପୁରସ୍ତକଟିକୁ ସମୀକ୍ଷା କରିଥିବା ବେଳେ ଡ କାଳୀପଦ ପଣ୍ଡା ପ୍ରକାଶକୀୟ ତଥ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଓ କବିତା କବି ପ୍ରଭାକର ସାହୁ ବାର୍ଷିକ ବିରବଣୀ ପାଠ କରିଥିଲେ। ପ୍ରଦୀପ ମିଶ୍ର ମଂଚ ଆହ୍ୱାନ କରିଥିବା ବେଳେ ଦିପ୍ତୀମୟୀ ସାହୁ ସ୍ୱାଗତ ସଙ୍ଗିତ ଗାନ କରିବା ସହ ପ୍ରାଚୀପ୍ରଜ୍ଞା ପାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମଧୁସୂଦନ ମିଶ୍ର,ଡ ତାନଶ୍ରୀ ପାଣିଗ୍ରାହୀ ଓ ଗଗନ ସେଠୀଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମରେ ଜୁମରନାଥ ପାତ୍ର,ତୁଳସୀ ବେହେରା,ସମରବଲ୍ଲଭ ଭୋଇ, କଲ୍ୟାଣୀ ନନ୍ଦ, ମାଳତୀ ଧଳ, ଦୀନବନ୍ଧୁ ପଣ୍ଡା, ଅରୁଣକାନ୍ତ ନାୟକ, କୃଷ୍ଣା ପ୍ରଧାନ, ଡ ରାମଚନ୍ଦ୍ର ମାଝୀ, ମୋହିତ କୁମାର ସାହୁ, ମଧୁସୂଦନ ମାଝୀ, ଗିରିଶଚନ୍ଦ୍ର ଷଡଙ୍ଗୀ, ଦିବ୍ୟଲୋଚନ ମହାପାତ୍ର, ସୁନାମଣି ଜେନା, ଯୋଗେଶଚନ୍ଦ୍ର ବେହେରାଙ୍କ ସମେତ ୪୦ରୁ ଅଧିକ କବି କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତନ୍ମୟ କୁମାର ସାହୁ,ଫଂଚାନନ ଜେନା, ପ୍ରଶାନ୍ତ ସାହୁ, ତୃପ୍ତିମୟୀ ସାହୁ, ରବୀନ୍ଦ୍ର ନାୟକ, ତାପସ ଭୋଇ ପ୍ରମୁଖ ସହଯୋଗ କରିଥିବା ବେଳେ ଶୁଭଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।

## ଚନ୍ଦ୍ରମୋହନ ମହାରଣାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବାଲେଶ୍ୱର,୬।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେମୁଣା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଗୁଡୁଦା ପଞ୍ଚାୟତ ଅଧୀନସ୍ଥ ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ସୁସାହିତ୍ୟିକ ଚନ୍ଦ୍ର ମୋହନ ମହାରଣାଙ୍କ ୧୫୭ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପୂର୍ବତନ ସଭାପତି ଫକୀରମୋହନ ସାହିତ୍ୟ ପରିଷଦ,ମୁଖ୍ୟ ବକ୍ତା ବ୍ୟାକରଣବିତ୍ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଚନ୍ଦ୍ର ମୋହନଙ୍କ ଅଣନାତି ନାମଦେବ କମିଳା, ଅବସରପ୍ରାପ୍ତ ଅଧକ୍ଷ ଡ. ଶ୍ୟାମ ସୁନ୍ଦର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ପ୍ରମୁଖ ଯୋଗଦେଇ ଚନ୍ଦ୍ର ମୋହନଙ୍କ ସାହିତ୍ୟକୃତି, ତାଙ୍କର ନୀତିନିଷ୍ଠ ଜୀବନ ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବାବେଳେ ରାଧା ଗୋବିନ୍ଦ ମହାର୍ଣ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ବିନିସ୍ମିତା ଖଟୁଆ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଭା ପରେ ଚନ୍ଦ୍ରମୋହନଙ୍କ ସ୍ୱରଚିତ କବିତାକୁ ନେଇ ଏକ କବିତା ପାଠୋତ୍ସବ କବୟିତ୍ରୀ ସତ୍ୟଭାମା ମୁଦୁଲି ଓ କଲ୍ୟାଣୀ ନନ୍ଦଙ୍କ ସଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବାସନ୍ତୀ ଦେ, ବିକର୍ତ୍ତନ ନାୟକ, ରାଜକିଶୋର ମିଶ୍ର, ସୁନାମଣି ଜେନା, ମହେନ୍ଦ୍ର ପ୍ରସାଦ ପାଣଗ୍ରାହୀ, ସଞ୍ଜୟ ପ୍ରଧାନ, ସଇଦିନ ବିବି, ଶ୍ରୀଧର ଘୋଷ, ଗିରିଶ କୁମାର ଷଡ଼ଙ୍ଗୀ, ପ୍ରଭାକର ସାହୁ, ଯୋଗେନ୍ଦ୍ର ନାଥ ସିଂହ, ଅଜୟ ବାରିକ, ସନ୍ତୋଷ ଦାସ, ହିରାଲାଲ ପାକଳ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।




## ସମ୍ମାନିତ ହେଲେ ଶିକ୍ଷକ ଭକ୍ତବନ୍ଧୁ ନାୟକ



ବାଲେଶ୍ୱର, ୬।୪(ସମିସ) : ଅଦମ୍ୟ ଇଚ୍ଛା ଶକ୍ତି ତଥା କଠିନ ଶିକ୍ଷାଦାନ ଦ୍ୱାରା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଣପଣା କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କୁ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଣିତ ପ୍ରତିଭାରେ ସମ୍ମାନିତ କରାଯାଇଛି। ଗଣିତ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ଆଗକୁ ନେବା ପାଇଁ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କ ଅଦମ୍ୟ ଚେଷ୍ଟା ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି। ଆଲମାଟିରେ ପୁରସ୍କୃତ ହୋଇ ସାରା ଦେଶ, ରାଜ୍ୟ ତଥା ଜିଲ୍ଲା ଏବଂ ବ୍ଲକ ପାଇଁ ସୁନାମ ଅର୍ଜନ କରିଛନ୍ତି। ଆଜିର ସମାଜରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ସେହି ପରିପ୍ରେକ୍ଷିରେ ଜଣେ ପ୍ରତିଭାବାନ ଶିକ୍ଷକଙ୍କ ଗୁଣକୁ ଚିହ୍ନି ତାଙ୍କୁ ଚୟନ କରି ରାଜ୍ୟ ସ୍ତରରେ ସମାନ୍ନିତ କରାଯାଇଥିବା ବ୍ୟକ୍ତି ବିଶେଷ ହେଉଛନ୍ତି ଶିକ୍ଷକ ଭକ୍ତବନ୍ଧୁ ନାୟକ। ଭୁବନେଶ୍ୱରରେ ଆୟୋଜିତ ଜ୍ଞାନଦାନ ହୋନେରାରୀ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କୁ ଗଣିତ ପ୍ରତିଭାରେ ସମାନ୍ନିତ କରାଯାଇଛି। ଭକ୍ତବନ୍ଧୁ ନାୟକ ପଣପଣା କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଏହି ସମ୍ମାନ ସମସ୍ତ ଶିକ୍ଷକଙ୍କ ମନୋବଳକୁ ଦୃଢ଼ କରିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି,୬।୪(ସମିସ): ସୋମବାର ଛେଳି ଚରାଇବାକୁ ଯାଇଥିବା ବେଳେ ଜୈନିକ ମହିଳାଙ୍କୁ ଭାଲୁ ଆକ୍ରମଣ କରି ଗୁରୁତର କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ ବାଉଁଶ ବଣିଆ ପଞ୍ଚାୟତର ମାନଗଡ ଗ୍ରାମର ଗୟାଧର ନାୟକଙ୍କ ସ୍ତ୍ରୀ ସୁଭାସିନୀ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିବାରୁ ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଅଛି। ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ସମାଜସେବୀ ରଂଜିତ ପଣ୍ଡିତ ମେଡିକାଲରେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ।

## ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ହେଲେ ଅପର୍ଣ୍ଣା ସେଠୀ

ବାଲେଶ୍ୱର, ୬।୪(ସମିସ): ଡ. ସୋନାଲିସା ମହାନ୍ତିଙ୍କ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଭାବେ କାର୍ଯ୍ୟକାଳ ସରିବା ପରେ ପରିସଂଖ୍ୟାନ ବିଭାଗର ମୁଖ୍ୟ ଅପର୍ଣ୍ଣା ସେଠୀ ସର୍ବ କନିଷ୍ଠ ଅଧକ୍ଷା ଭାବେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ପରୀକ୍ଷା ବିଭାଗ ସମେତ ବିଭିନ୍ନ ବିଭାଗର ସଦସ୍ୟ ଭାବେ ଶ୍ରୀମତୀ ସେଠୀଙ୍କ ଖୁବ୍ ଅଭିଜ୍ଞତା ରହିଛି। ପୂର୍ବତନ ଅଧକ୍ଷା ଡ. ସୋନାଲିସା ମହାନ୍ତି, ସହକାରୀ ପ୍ରଫେସର ଡ. ଅଞ୍ଜନା ବେହେରା, ଡ. ସନ୍ତୋଷ କୁମାର ରାଉତଙ୍କ ସମେତ କାର୍ଯ୍ୟାଳୟ ମୁଖ୍ୟ ବଳରାମ ନାୟକ ନୂତନ ଅଧକ୍ଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କାର୍ଯ୍ୟକର୍ତ୍ତା ଅପର୍ଣ୍ଣା ସେଠୀଙ୍କୁ ସ୍ୱାଗତ କରିବା ସହ ସୋନାଲିସା ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ରାଜ୍ୟ ପିଜିଟି ସଂଘର ମହା ସଚିବ ତଥା ମହା ବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ସୁଜିତ୍ ଦାସ ନୂତନ ଅଧକ୍ଷାଙ୍କ ନେତୃତ୍ୱରେ ମହା ବିଦ୍ୟାଳୟର ଉନ୍ନତି ପାଇଁ ଖୁବ୍ ଆଶାବାଦୀ ଥିବା ମତ ରଖିଛନ୍ତି।

ଭାଗବତ ଟୁଙ୍ଗି ନାଁରେ ଅସାମାଜିକ କାର୍ଯ୍ୟକଳାପ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ ଓ ଅଭିଭାବକ

ବାଲେଶ୍ୱର,୬।୪(ସମିସ)



ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର। କିନ୍ତୁ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ଇଶାଣୀ ସରକାରୀ ପଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏବେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସ୍କୁଲ ପରିସରରେ ଜୋର ଜବରଦସ୍ତ ଏକ ଭାଗବତ ଟୁଙ୍ଗି ନିର୍ମାଣ କରାଯାଇ ସେଠାରେ ମଦ ଓ ଗଞ୍ଜେଇ ଆସର ଜମୁଛି। ଯାହା ଫଳରେ ସେଠାରେ ଏକ ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକ ଗୁରୁତର ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଠାରେ ଏକ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଠାରେ ମଧ୍ୟ ଅଭିଯୋଗ କରାଯାଇଛି। ଏହାଛଡା ଜିଲ୍ଲାପ୍ରଶାସନ ଏକ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ମଧ୍ୟ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁସାରେ, ଇଶାଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ଦୀର୍ଘ ୧୯ବର୍ଷରୁ ଅଧିକ ସମୟ ଧରି ନିଜସ୍ୱ ପରିସର ମଧ୍ୟରେ ପାଠ ପଢ଼ା ଚାଲିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ଏହି ପରିସର ମଧ୍ୟରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି। ଗ୍ରାମର ହରିହାଟ ଧୋବା ପଡା ଠାରେ ପୂର୍ବରୁ ଏକ ଭାଗବତ ଟୁଙ୍ଗି ରହିଥିବା ସତ୍ତ୍ୱେ କିଛି ବ୍ୟକ୍ତି ସ୍କୁଲ ପରିସରରେ ଥିବା ସରକାରୀ ଜମିକୁ ଜବରଦଖଲ କରି ଏଠାରେ ଅନ୍ୟ ଏକ ଭାଗବତ ଟୁଙ୍ଗି ନିର୍ମାଣ କରିଛନ୍ତି। ଯାହାଫଳରେ ସ୍କୁଲ ପରିସରର ପରିବେଶ ନଷ୍ଟ ହେବାରେ ଲାଗିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏପରିକି ରାତିରେ ମଧ୍ୟ ଭାଗବତ ଟୁଙ୍ଗି ବ୍ୟବହାର କରି ନିଶାସେବନ ଏବଂ ଗଞ୍ଜେଇ ପିଇବା ଭଳି ସମସ୍ତ ପ୍ରକାରର ବେଆଇନ କାର୍ଯ୍ୟ କରାଯାଉଛି। ଏହାଛଡା ରାତିର ଅନ୍ଧାର ସମୟରେ ଅସାମାଜିକ ତତ୍ତ୍ୱମାନେ ଭାଗବତ ଟୁଙ୍ଗୀକୁ ମନୋରଞ୍ଜନର ସ୍ଥାନ ଭାବରେ ବ୍ୟବହାର କରାଯାଉଛି। ହେଲେ ଏହାକୁ ନେଇ ଗ୍ରାମବାସୀମାନେ ପ୍ରତିବାଦ କରିବାରୁ ସେମାନଙ୍କୁ ବିଭିନ୍ନ ପ୍ରକାର ଖରାପ ବ୍ୟବହାର ମଧ୍ୟ କରୁଛନ୍ତି। ଭାଗବତ ଟୁଙ୍ଗି ନାମରେ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ମାଇକ ବାଜୁଛି। ଯାହାଫଳରେ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ବାଧ୍ୟ ହୋଇ ଅଭିଭାବକମାନେ ବିଦ୍ୟାଳୟରୁ ପିଲାମାନଙ୍କର ଟିସି ନେବାକୁ ବସିଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଇଶାଣୀ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସୁକାନ୍ତି ଦାସଙ୍କ ସମେତ ସଦସ୍ୟ ବଂଶୀଧର ଦାସ, ସୁଶାନ୍ତ ଶତପଥି, ପ୍ରଭାକର ବେହେରା, ମିଥୁନ ଦାସ, ଭାଗବତ ଦାସ, ଗୌରୀ ମହାଳିକ, ଗଣେଶ ଦାସ, ରାକେଶ ଦାସ, କୁନ୍ତଳା ମାଝୀ ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ଯାଜପୁର,୬।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା । ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ଓ



ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬.୩୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା । ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକମାନଙ୍କୁ ଦିଆଯାଇଥିଲା । ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧିମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା । ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଦେବାଦେବୀ ପୀଠ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**● 'ଶତରୂପା'ର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

# ପିତାମ୍ବର ତରାଇଙ୍କୁ 'ଶତରୂପା ସାହିତ୍ୟ ପୁରସ୍କାର'



କୁଆଖିଆ,୬।୪(ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ଶତରୂପା ସାହିତ୍ୟାୟନ'ର ୭ମ ବାର୍ଷିକ ଉତ୍ସବ ଓଡ଼ିଶୋ ଅଣ୍ଡେଇଗୋଡ଼ା ଗ୍ରାମ ସ୍ଥିତ ସ୍ୱପ୍ନେଶ୍ୱର ହାଇସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରତାପରୁଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ବିଶିଷ୍ଟ ପ୍ରାବନ୍ଧିକ ଡ. ଚିତ୍ତରଞ୍ଜନ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଏବଂ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟା ଡ. ବୈଜୟନ୍ତୀମାଳା ଶତପଥୀ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ଅନୁଷ୍ଠାନର ମୁଖପତ୍ର 'ଶତରୂପା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । 'ଶତରୂପା'ର ସଂପାଦକ ମନୋଜ କୁମାର ନାୟକ ବିବରଣୀ ଓ ମାନପତ୍ର ପାଠ କରିଥିଲେ । ବ୍ରହ୍ମବରଦା କଲେଜର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଂଗଠନ ସଂପାଦକ ରମାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ 'ଗୋକର୍ଣ୍ଣିକା'ର ସଂପାଦକ ଡ. ରମାକାନ୍ତ ଜେନା, ପ୍ରାବନ୍ଧିକ ଡ. ମହେଶ୍ୱର ପାଢ଼ି ମୁଖ୍ୟବକ୍ତା, 'ମେଘମହ୍ଲାର'ର ସଂପାଦିକା ପ୍ରଭାତି ମାଝୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । କବୟିତ୍ରୀ ସୁରଭି ଦ୍ୱିବେଦୀ, ବ୍ରଜେଶ୍ୱରୀ ସିଂହ, ସରୋଜିନୀ ପତି, ଅରୁଣା ଦ୍ୱିବେଦୀ କବିତା ସଂଯୋଜନା କରିଥିଲେ । ଏହି ଅବସରରେ ବିଶିଷ୍ଟ କବି ପିତାମ୍ବର ତରାଇଙ୍କୁ 'ଶତରୂପା ସାହିତ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା । ସେହିପରି ବରିଷ୍ଠ ସାମ୍ବାଦିକ ଦୁର୍ଗା ଚରଣ ଦାଶଙ୍କୁ 'ଶତରୂପା ସାମ୍ବାଦିକ ରତ୍ନ ସମ୍ମାନ' ଏବଂ ବିଶିଷ୍ଟ ସାହିତ୍ୟିକ ଡ. ସୁଶିଲ କୁମାର ବାଗ, ଦେବେନ୍ଦ୍ର ବାଉରୀ, ଯୋଗୀନ୍ଦ୍ରନାଥ ସାହୁ, ଦୟାନିଧି ନାୟକ, ମିନତୀ ମିଶ୍ର, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ରଙ୍କୁ 'ଶତରୂପା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା । ଯୁବ ଲେଖକ ଗୌରୀଶଙ୍କର ଦାଶଙ୍କୁ 'ଶତରୂପା ଯୁବ ଲେଖକ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ଭାଗବତ ଦତ୍ତ ସଭାକାର୍ଯ୍ୟରେ ସହଯୋଗ କରିଥିଲେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୬।୪(ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୨୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ଟି ଏବଂ ରେଡ୍‌କ୍ରସ ପାଣ୍ଠିରୁ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

**ପୂର୍ବତନ ବିଧାୟକଙ୍କ ଘରେ ପଶି ଆକ୍ରମଣ ଘଟଣାରେ ପୁଲିସ ନିରବ**

# ଏସ୍‌ପିଙ୍କୁ ଭେଟିଲା ଧର୍ମଶାଳା ବିଜେଡି ପ୍ରତିନିଧି ମଣ୍ଡଳୀ



ପାଣିକୋଇଲି,୬।୪(ସମିସ):

ଧର୍ମଶାଳାରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ମିଥ୍ୟା ମାମଲା ବଢିବାରେ ଲାଗିଛି । ଏମିତିକି ଏକାଧିକ ମିଥ୍ୟା ମାମଲା ଜଣଙ୍କ ନାମରେ କରାଯାଇ ହାଡ୍‌କୋର କ୍ରିମିନାଲ ଭଳି ଉଠାଯାଇ ଅନ୍ୟ ଥାନାକୁ ନେଇ କାଗଜ ପ୍ରସ୍ତୁତ କରି କୋର୍ଟ ଚାଲାଣ କରାଯାଉଛି । ଗତ ମାସ ୨୭ ତାରିଖରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜାରକା ଘରେ କେତେକ ଦୁର୍ବୃତ୍ତ ପଶି ଆକ୍ରମଣ ଓ ଭଙ୍ଗାରୁଜା କରିଥିଲେ । ସେହି ଆକ୍ରମଣ ଓ ଭଙ୍ଗାରୁଜା ସମୟର ସିସିଟିଭି ଫୁଟେଜ ପଲିସକୁ ଦିଆଯାଇଛି । କିନ୍ତୁ ପୁଲିସ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଓଲଟି ପୂର୍ବତନ ବିଧାୟକଙ୍କ ସହଯୋଗୀ ପ୍ରଦୋଷ ନାୟକଙ୍କୁ ମିଥ୍ୟା ମକଦ୍ଦମାରେ କୋର୍ଟଚାଲାଣ କରିଥିବା ଅଭିଯୋଗ କରିଛି । ପୂର୍ବତନ ବିଧାୟକଙ୍କ ରୋଷେଇଆ କୁଆଖିଆ ଥାନା ମସୁଦପୁର ଗ୍ରାମର ସୁଶାନ୍ତ କୁମାର ଦାସଙ୍କୁ ଧର୍ମଶାଳା ଥାନା ବଡମଙ୍ଗଳପୁର ଗ୍ରାମର ସଂଜୟ ମହାନ୍ତି, ନାଉପାଳ ଗ୍ରାମର ହୃଷୀକେଶ ରାଉତ କିଛି ଅସାମାଜିକ ବ୍ୟକ୍ତିମାନଙ୍କୁ ଧରି ମରଣାନ୍ତକ ଆକ୍ରମଣ କରିବା ସହ ଭୟଭୀତ କରି ଧର୍ମଶାଳାକୁ ଅଶାନ୍ତ କରୁଛନ୍ତି । ବିଜେଡି ମିଡିଆ ସେଲ୍‌ର ଇନଚାର୍ଯ୍ୟ ପ୍ରଦୋଷ ନାୟକଙ୍କ ନାମରେ ଧର୍ମଶାଳା ଥାନାରେ ଦୁଇଟି ମାମଲା ୧୩୧ ଓ ୧୩୪/୨୬ କୁଆଖିଆ ଥାନାରେ ଦୁଇଟି ମାମଲା ୧୫୨ ଓ ୧୫୩/୨୬ ମିଥ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଅଶାନ୍ତ ଧର୍ମଶାଳା ଶାନ୍ତ କରିବା ପାଇଁ ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ବିଜେଡି ନିନ୍ଦା କରିବା ସହ ଆଜି ଏସ୍‌ପିଙ୍କୁ ଦାବିପତ୍ର ଦେଇଛି । ମିଥ୍ୟା ମାମଲା ରୁଜୁ ବନ୍ଦ କରିବା, ପ୍ରତ୍ୟେକ ମାମଲାକୁ ସଠିକ ଭାବେ ତଦନ୍ତ କରିବା, ଅଭିଯୁକ୍ତ ମାନଙ୍କୁ ଅବିଳମ୍ବେ ଗିରଫ କରିବା ସହ ପୁଲିସ ଜନସାଧାରଣଙ୍କ

**ଧର୍ମଶାଳାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

ଶ୍ରଦ୍ଧାଭାଜନ ହେବା ଦିଗରେ କାମ କରିବାକୁ ଦାବି କରାଯାଇଛି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମହାନ୍ତି, ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର କୁମାର ପଣ୍ଡା, ଉତ୍କଳମଣି ଦାସ, ଅଭିନ ମଲିକ, ଆଶିଷ କୁମାର ରାଉତ, ଅର୍ପିତା ସିଂହ, ମମତା ଦଣ୍ଡପାଟ, ପ୍ରଣତୀ ଲେଙ୍କା, ଉର୍ମିଳା ପଲେଇ ସମତେ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଅରଖପୁର ବିଜେଡିର କର୍ମୀ ସମ୍ମିଳନୀ



ବଡଚଣା,୬।୪(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରଖପୁର ପଞ୍ଚାୟତ ବାଇଶିମୌଜା ମେଳଣ ପଡ଼ିଆ ଠାରେ ଅରଖପୁର ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଜେଡି ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନରଞ୍ଜନ ସାହୁ, ପ୍ରଦୀପ୍ତ ମହାନ୍ତି, ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ସ୍ନେହାଶିଷ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ, ପୁଷ୍ପଲତା ସିଂ, ରଶ୍ମିତା ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି ବୈଠକରେ ସଚ୍ଚିଦାନନ୍ଦ ସିଂ, ଉମେଶ ଚନ୍ଦ୍ର ସାମଲ, ଗୌତମ ସିଂ, ମଳୟ ସିଂ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ଦାସ, ଦେବାଶିଷ ସ୍ୱାଇଁ, ଚିନ୍ମୟ ଖୁଣ୍ଟିଆ, ବିଳାସ ଘଡେଇ, ବିଜୟ କୁମାର ସିଂ, ମହେନ୍ଦ୍ର ଦାସ, ସୋନାଲି ସ୍ୱାଇଁ, ସଂଗ୍ରାମ ସାମଲ, ଦ୍ୱିବେନ୍ଦୁ ସ୍ୱାଇଁ, ସନାତନ ଜେନା, ହିମାଂଶୁ ଶେଖର ସ୍ୱାଇଁ, ଶ୍ରୀକାନ୍ତ ସେଠୀ, ଗୟାଧର ବିଶ୍ୱାଳ, ଅମରେନ୍ଦ୍ର ସିଂ, ମନୋରଞ୍ଜନ ସାହୁ, ମାଳତୀ ସ୍ୱାଇଁ, ସନ୍ଧ୍ୟାରାଣୀ ସ୍ୱାଇଁ, ମାନସ ନାୟକ, ଗୋପାଳ ଜେନା, ସୁଶାନ୍ତ କୁମାର ସାମଲଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ବୈଠକରେ ସାମିଲ ହୋଇଥିଲେ ।

**ଦୁବକଣ-ନାରିଙ୍ଗା ପୂର୍ତ୍ତ ବିଭାଗ ରାସ୍ତା**

# ମାଟି ସଫା ନକରି କରାଯାଉଛି ପିଚୁକାର୍ଯ୍ୟ

ମଙ୍ଗଳପୁର,୬।୪(ସମିସ): ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ ଠିକାଦାରମାନଙ୍କ ସାଙ୍ଗକୁ ବିଭାଗୀୟ ଅଧିକାରୀ ମାନଙ୍କ ପାଇଁ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରୁନଥିବା ନେଇ ଅଭିଯୋଗ ହୋଇଛି । ଏପରି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ନାରିଙ୍ଗା ଠାରୁ ଦୁବକଣ ଭାୟା ଗରବନ୍ଧ ଜୁନ୍ଦୁପୁର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କ୍ଷେତ୍ରରେ । ୧୧ କିମି ଏହି ରାସ୍ତା ନିର୍ମାଣ ପାଇଁ ୨୨.୦୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ୧-୦୩-୨୪ ରିଖରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧-୦୪-୨୫ ରିଖ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରହିଥିଲା । ମାତ୍ର ଇତି ମଧ୍ୟରେ ୧ ବର୍ଷ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହୋଇନଥିବା ଦେଖିବା ପାଇଁ ମିଳିଛି । ବିହାର ରାଜ୍ୟର ଠିକାଦାର ସମ୍ପୂର୍ଣ୍ଣ ଦାୟିତ୍ୱ ସୁପରଭାଇଜର ଉପରେ ନ୍ୟସ୍ତ କରିଦେଇ ଆଦୌ କାର୍ଯ୍ୟସ୍ଥଳକୁ ଆସୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଏହି ରାସ୍ତାଟି ନୂତନ ଭାବେ ନିର୍ମାଣ ହେଉଥିବା ବେଳେ ପ୍ରଶସ୍ତୀକରଣ କାର୍ଯ୍ୟ ହେଉଥିବା ଦେଖିବା ପାଇଁ ମିଳିଛି । ନିୟମ ଅନୁଯାଇ ପ୍ରଥମେ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଦୁଇ ପାଶ୍ୱର୍ରୁ ଅବରୋଧ ହଟେଇବା ସହ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ ବନ ବିଭାଗର ଅନିମତି ନେଇ କାଟିବା ସହ ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକୁ ମଧ୍ୟ ସ୍ଥାନାନ୍ତର କରିବା କଥା । ମାତ୍ର ଏବେ ରାସ୍ତାର ଅଧିକାଂଶ ସ୍ଥାନ ପିଚୁ ଓ ଢଳେଇ ହୋଇସାରିଥିବା ବେଳେ ରାସ୍ତା ଉପରୁ ବିଦ୍ୟୁତ ଖୁଣ୍ଟ କିମ୍ବା ଗଛ ଗୁଡିକୁ ଉଠା ନଯିବା ଫଳରେ ଅନେକ ସମୟରେ ଲୋକ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ସେହିପରି ରାସ୍ତା କାର୍ଯ୍ୟ କରିବା ପୂର୍ବରୁ ରାସ୍ତା ମଝିରେ ଥିବା ପୁରୁଣା କଲଭର୍ଟ ଗୁଡିକ ଭାଙ୍ଗି ନୂତନ ଭାବେ ପ୍ରଶସ୍ତୀକରଣ କାର୍ଯ୍ୟ କରିବା କଥା । ମାତ୍ର ଠିକାଦାର ପୁରୁଣା କଲଭର୍ଟ ଗୁଡିକ ନଭାଙ୍ଗି କେବଳ ହୋମ୍‌ପାଇପ ଯୋଡ଼ିଦେଇ କାର୍ଯ୍ୟ ଶେଷ କରୁଥିବା ଦେଖିବା ପାଇଁ ମିଳିଛି । ସୁପରଭାଇଜର ନିଜର ଇଛା ମୁତାବକ କାର୍ଯ୍ୟ କରୁଥିବାରୁ ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଢଳେଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବାଲି ଗୁଡିକ ମାଟି ମିଶା ବାଲି ସାଙ୍ଗକୁ ଧୂଳି ବାଲିରେ ଢଳେଇ କରାଯାଉଥିବା ଦେଖିବା ପାଇଁ ମିଳିଛି । ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରିକି ରାସ୍ତା କାର୍ଯ୍ୟ ହେଉଥିବା ସମୟରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ନେଇ ଜନସାଧାରଣରେ ଅଭିଯୋଗ ହେଉଛି । ସେହିପରି ଜୁନ୍ଦୁପୁର ଗାଁ ନିକଟରେ ଏକ ବଡ଼ ବ୍ରିଜ କାର୍ଯ୍ୟ କରାଯାଇଥିବା ବେଳେ ବ୍ରିଜକୁ ଲାଗି କରାଯାଇ ଥିବା ଗାର୍ଡ ୱାଲ ଫାଟି ଆଁ କରିଛି । ସେହିପରି ଏହି ବ୍ରିଜକୁ ଲାଗି ଆଜି ପିଚୁ କାର୍ଯ୍ୟ କରାଯାଉ ଥିବା ବେଳେ ରାସ୍ତା ଉପରୁ ମାଟି ସଫା ନକରି ମାଟି ଉପରେ ପିଚୁ କାର୍ଯ୍ୟ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ । ମାତ୍ର ଠିକାଦାର କିଛି ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କ ସହଯୋଗରେ ଉକ୍ତ ରାସ୍ତାରୁ ମାଟି ସଫା ନକରି ମାଟି ଉପରେ ପିଚୁ କାର୍ଯ୍ୟ କରିଥିବା ନେଇ ଅଭିଯୋଗ ହୋଇଛି । ଏହି ରାସ୍ତାର ଗରବନ୍ଧ ଠାରୁ ହଲୁପଡା ପର୍ଯ୍ୟନ୍ତ ୨ ମାସ ପୂର୍ବରୁ କରାଯାଇ ଥିବା ପିଚୁ ଏବେ ରାସ୍ତାରୁ ଫଟା ଫଟା ହୋଇ ଉଠିଯାଉଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ସହିଦ ରଘୁନାଥ ମହାନ୍ତଙ୍କ ତିରୋଧାନ ଦିବସ

ସୁକିନ୍ଦା/ଦାନଗଦି,୬।୪(ସମିସ): ସୁକିନ୍ଦା ବ୍ଲକ ସଂସାଇଲୋ ପଞ୍ଚାୟତ ଅଧୀନ ଟାଟା କଲୋନୀ ଠାରେ ସହିଦ ରଘୁନାଥ ମହାନ୍ତଙ୍କ ୨୪୮ ତମ ସହିଦ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ୍ ରଘୁନାଥ ମହାନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ସଭାରେ ଝାଡଖଣ୍ଡର ଜେଏଲ୍‌କେଏମ୍ ପ୍ରବକ୍ତା ମାଧବ ମହତୋ,



ଜେଏଲ୍‌କେଏମ୍ ନେତା ପ୍ରେମକୁମାର ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ସ୍ମୃତି କମିଟିର ସଭାପତି ଭୀମସେନ ମହାନ୍ତ, ସଂପାଦକ ତ୍ରିଲୋଚନ ମହାନ୍ତ, ବରିଷ୍ଠ ସଭ୍ୟ ଦୋଳଗୋବିନ୍ଦ ମହାନ୍ତ, ସୁକିନ୍ଦା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷ, ସୁକିନ୍ଦାଗଡ ସରପଞ୍ଚ ସ୍ୱାଧୀନ ଦାସ, ଲକ୍ଷ୍ମୀଧର ବେହୁରା, ଦିପ୍ତିରଂଜନ ବେହୁରା, ଜୟନ୍ତ କୁମାର ରାଉତ, ବାରାଗାଡିଆ ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ ।

# ଦଶରଥପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଦଶରଥପୁର,୬।୪(ସମିସ): ଦଶରଥପୁର ବ୍ଲକ୍ ଉଦୟପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷାବିତ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଶିକ୍ଷାନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ପିଲାମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସଭ୍ୟା ସ୍ମିତାରାଣୀ ମିଶ୍ର ଉପସ୍ଥିତ ଥିଲେ । ସରୋଜ କୁମାର ମହାପାତ୍ର, ବ୍ରହ୍ମାନନ୍ଦ ସାମଲ, ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବହୁ ଅଭିଭାବକ, ଶିକ୍ଷାବିତ୍, ସମାଜସେବୀ ଉତ୍ସବରେ ସାମିଲ ହୋଇଥିଲେ । ଇତିଶ୍ରୀ ଗୁରୁମା ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପ୍ରାରମ୍ଭରେ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ବନ୍ଦନା ସ୍ୱାଗତ ସଙ୍ଗୀତ, ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାଥ,ଗୁରୁଜୀ ଅନନ୍ତ ଚରଣ ପୋଥାଳ,ଗୁରୁମା ମିନାକ୍ଷୀ ଦାଶ, ପ୍ରଜସ୍ୱିନୀ ଦେବତା, ଇତିଶ୍ରୀ ଗୋସ୍ୱାମୀ, ଗୀତାରାଣୀ ପଣ୍ଡା, ସଂତୋଷୀ ମହାଳିକ, ଦେବସ୍ମିତା ପଲାଇ, ଅର୍ପିତା ସାହୁ,ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବିଜେପିର ପ୍ରତିଷ୍ଠା ଦିବସ

ଧର୍ମଶାଳା,୬।୪(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଧର୍ମଶାଳା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଗିରିଧାରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମାତା ତଥା ସମାଜସେବୀ ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରେଇ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ, ଅରୁହା ଜୋନ ସଭାପତି ଜିତେନ୍ଦ୍ର ରାଉତ, ଜାରକା ଜୋନ ସଭାପତି ଦେବଦତ ପଣ୍ଡା, ଜେନାପୁର ମଣ୍ଡଳ ସଭାପତି ଶ୍ରୀବସ୍ତ ଧିର, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, କୋତପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେପି ଦଳ ଶୁଭାରମ୍ଭ ଓ ଆଜିପର୍ଯ୍ୟନ୍ତ ଦଳର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ବିଜେପି ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ପ୍ରଦୀପ ପରିଡା, ଉପେନ୍ଦ୍ର କର, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ତେବେ ବିଧାୟକ ନିର୍ବାଚନ ପ୍ରଚାରରେ ରାଜ୍ୟ ବାହାରେ ଥିବାରୁ ଏଥିରେ ଯୋଗଦେଇପାରିନଥିଲେ ।

# କସବାରେ ପାଲା ଓ ନୃତ୍ୟ ପ୍ରତିଯୋଗିତା

କୟାଁଗୋଲା,୬।୪(ସମିସ): ଦଶରଥପୁର ବ୍ଲକ ଥାଲକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ କସବା ଗ୍ରାମରେ ପୀରବାବାଙ୍କ ପାଖରେ ବିଗତ ତିନି ରାତି ଧରି ବାଦିପାଲା ଅନୁଷ୍ଠିତ ହୋଇଯାଇଛି । ଚତୁର୍ଥ ସନ୍ଧ୍ୟାରେ ସଞ୍ଜୁ ଡାନ୍ସ ଆଣ୍ଡ ସ୍କୁଲ ଗ୍ରୁପ୍ ତରଫରୁ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ଏଥିରେ ଭାଗ ନେଇଥିବା ଅନେକ ଶିଶୁ କଳାକାରଙ୍କୁ ଟ୍ରଫି ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ସଞ୍ଜୟ ଦାଶ (ସଞ୍ଜୁ), ପରିଚାଳକ ଗୋଲେଖ ଦାସ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ସା ସାହେବଙ୍କ ବାର୍ଷିକ ଉତ୍ସବ

ଧର୍ମଶାଳା,୬।୪(ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ମୁସ୍ତଫାନଗରସ୍ଥିତ ସା ସାହେବ ବାବା (ପୀର)ଙ୍କ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଚହଟା ମୁସ୍ତଫାନଗର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶିର୍ବାଦ ନେଇଥିଲେ । ଆଜି ସକାଳୁ ବାବାଙ୍କ ଆସ୍ତାନରେ ଗୋସଲ କରାଯାଇ ନୂତନ ଚାଦର ପକାଯାଇଥିଲା । ପରେ ସେଠରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଧର୍ମଶାଳା ବଜାରଦେଇ ଚୋରମୁହାଁସ୍ଥିତ ମଲାନା ସହେବ ବାବାଙ୍କ ଆସ୍ତାନକୁ ଆସି ସେଠାରେ ଚାଦର ଚଡାଇଥିଲେ । ଯୁବସଙ୍ଗଠକ ରାଜେଶ ପାଲ ଯୋଗଦେଇ ବାବାଙ୍କ ଆଶୀର୍ବାଦ ନେବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସିଥିବା ଧର୍ମଗୁରୁମାନେ ମୁସ୍ତଫାନଗରରେ ଧର୍ମବାଣି ଶୁଣାଇଥିଲେ ।

# ଚୋରମୁହାଁରେ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଧର୍ମଶାଳା,୬।୪(ସମିସ):



ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ପଡିଆରେ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ଚୋରମୁହାଁ ୟୁଥ କ୍ଲବ ଆନୁକୂଲ୍ୟରେ ଦିବଙ୍ଗତ ସଙ୍ଗଠକ ମଧୁସୂଦନ ରାଉତ ଓ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ସ୍ମୃତିରେ ଅନୁଷ୍ଠିତ ଦୁଇଦିନିଆ ଫ୍ଲଡ ଲାଇଟ କ୍ରକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରୁ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ବୁଢ଼ୀଜାଗୁଳଇ ଭଦ୍ରକ ଓ ଏସିସି ଟିମ୍ ସୁଜାନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ସୁଜନପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ୱିକେଟ ହରାଇ ୩୭ ରନ ସଂଗ୍ରହ କରିଥିଲା । ଜବାବରେ ଭଦ୍ରକ ଟିମ ବ୍ୟାଟିଂ କରି ୬.୩ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ସ୍ମୃତିରଂଜନ ବେହେରା, ବବୁଲ ଦାସ ପରିଚାଳନା କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱର୍ଗତ ସରପଞ୍ଚଙ୍କ ପିତା ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି, ପ୍ରବୋଧ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ସିରିଜର ଶ୍ରେଷ୍ଠ ଖେଳାଳି ଭାବେ ସୁଜନପୁର ଟିମର ବବଲୁ ଓ ଫାଇନାଲ ମ୍ୟଚର ଶ୍ରେଷ୍ଠ ଖେଳାଳୀ ଭାବେ ଭଦ୍ରକ ଟିମର ଚଗଲୁକୁ ଟ୍ରଫି ପ୍ରଦାନ କରିବା ସହ ଚଳିତ ବର୍ଷର ଚମ୍ପିଅନ ବୁଢିଜାଗୁଳାଇ ଟିମ ଭଦ୍ରକକୁ ଚମ୍ପିଅନ ଟ୍ରଫି ସହ ନଗଦ ଅର୍ଥରାଶି ଓ ରନର୍ଶଅପ ଏସିସି ସୁଜନପୁର ଟିମକୁ ରନର୍ଶଅପ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ ।

# ସମ୍ପାଦକୀୟ

ବିଶ୍ୱର ଅଧିକାଂଶ ସମସ୍ୟା ପଛରେ କିଛି ଲୋକଙ୍କର ନିଜ ଗୁରୁତ୍ୱକୁ ଜାହିର କରିବାର ମାନସିକତା ହିଁ ଦାୟୀ।
-ଟି ଏସ୍ ଏଲିଅଟ୍

ସକାଳ THE SAKALA

## ଅସ୍ମିତା ଭୂଲୁଣ୍ଠିତ

ଡବଲ ଇଂଜିନ ସରକାର କ୍ଷମତାସୀନ ହେବା ପରେ ଆମ ରାଜ୍ୟକୁ ହୋହରା ଫାଇଦା ମିଳିବ ବୋଲି ସମସ୍ତେ ଆଶା କରିବା ସ୍ୱାଭାବିକ। ହେଲେ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦେଉଥିବାର ପରିଲକ୍ଷିତ ହୋଇଛି। କ୍ଷମତାକେନ୍ଦ୍ର ପାଇଁ ଆନ୍ଧ୍ରର କ୍ଷମତାସୀନ ତେଲେଗୁ ଦେଶମ୍ ଦଳର ସାଂସଦଙ୍କ ସମର୍ଥନର ଆବଶ୍ୟକତା ଦୃଷ୍ଟିରୁ ଚନ୍ଦ୍ରବାବୁ ନାଇଡୁଙ୍କ ମୁହଁଚାହିଁ ନିକଟରେ ଓଡ଼ିଶାର ସ୍ୱାର୍ଥ ନଗଣ୍ୟ ହୋଇପଡ଼ୁଛି। କିନ୍ତୁ ଏହାଥ ଭୁଲିଯିବା ଉଚିତ ନୁହେଁ କି ଆମ ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟି ବିଜେପି ଦଳକୁ ଯେଉଁ ବଳ ଦେଇଛି ତାହା ଆନ୍ଧ୍ରର ସମର୍ଥନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି କିଛିଦିନ ମଧ୍ୟରେ କ୍ରମାଗତ ଏପରି କିଛି ଘଟଣା ଆଲୋଚନା ପରିସରକୁ ଆସିଛି ଯାହାକି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପ୍ରତିକ୍ରିୟା ଶୂନ୍ୟ ଆମ ସରକାର ହାଇକମାଣ୍ଡଙ୍କ ଇଙ୍ଗିତ ଛାଡ଼ିବା ନ ହୋଇ ନିରବତା ଅବଲମ୍ବନ କରୁଥିବାରୁ ଆମ ଅସ୍ମିତା ଭୂଲୁଣ୍ଠିତ ହୋଇଥିବା ମନେ ହେଉଛି। ଯେତେଦୂର ମନେ ହୁଏ ରାଜ୍ୟର ସ୍ୱାର୍ଥ ରକ୍ଷା ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କଲା ଭଳି ନେତୃତ୍ୱର ଅଭାବ ରହିଛି।

ଏଥି ମଧ୍ୟରେ ତିନିଟି ଘଟଣା ରାଜ୍ୟବାସୀଙ୍କ ଆଲୋଚନା ପରିସରକୁ ଆସିଛି। ସବୁ ଯେମିତି ଗୋଟିଏ ପରେ ଗୋଟିଏ ଘଟିଚାଲିଛି ଓଡ଼ିଶାର ହାନିଦୃଷ୍ଟିରେ। ପ୍ରଥମଟି ହେଉଛି ଝାଡ଼ଖଣ୍ଡ ନେତା ନିଶିକାନ୍ତ ଦୁବେଙ୍କ ପ୍ରୟୋଗ କରାଗଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ବଦ୍‌ନାମ କରିବା ସକାଶେ। ଦେଶର ସ୍ୱାର୍ଥରକ୍ଷା ପାଇଁ ତାଙ୍କର ଅପୂର୍ବ ସାହସିକତା ଓ ଅନନ୍ୟ ନିଷ୍ଠା ଏପରିକି ସ୍ୱାଧୀନତା ସଂଗ୍ରାମ ସମୟର ଅବଦାନ ପ୍ରତି ଆଖିବୁଜି ଦେଇ ତାଙ୍କୁ ସିଆଇଏ ଏଜେଣ୍ଟ କହିବାକୁ ସେ ପଛଘୁଞ୍ଚା ଦେଲେ ନାହିଁ। ଦଳୀୟ ନିର୍ଦ୍ଦେଶରେ ଜାତୀୟସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ସବୁସ୍ତରରେ ପ୍ରତିବାଦ ହେବାରୁ ଦୁବେ ତାଙ୍କ ବକ୍ତବ୍ୟ ପ୍ରତ୍ୟାହାର କରିଥିଲେ। ବିଜୁବାବୁଙ୍କ ବ୍ୟକ୍ତିତ୍ୱ କୌଣସି ଗୋଟିଏ ଦଳ ମଧ୍ୟରେ ସୀମିତ ନଥିଲା। କଂଗ୍ରେସ ବିରୋଧୀ ଆନ୍ଦୋଳନର ସେ ଥିଲେ ଅନ୍ୟତମ ମହାନାୟକ। ଆଜିର କ୍ଷମତା ତାଙ୍କ ରାଜନୈତିକ ପ୍ରୟାସର ସୁଫଳ। ଜଣେ ଦିବଂଗତ ନେତାଙ୍କୁ ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ନିନ୍ଦିତ କରିବା ସୌଜନ୍ୟ ହାନିକର ପରିଚାୟକ।

ଓଡ଼ିଶାରେ ଅବସ୍ଥାପିତ ପୂର୍ବତଟ ରେଳପଥ ଆର୍ଥିକ ଦୃଷ୍ଟିରୁ ଦେଶର ଅନ୍ୟ ଜୋନ ଅପେକ୍ଷା ଯଥେଷ୍ଟ ଆଗରେ ଥିବାରୁ ରେଳବାଇ ବ୍ୟବସ୍ଥାପକ ବୋର୍ଡ ରାଜ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆମର ଯେଉଁ ଦାବି କରିବାର ହକ୍ ଥିଲା ତାହାକୁ କ୍ଷୁଣ୍ଣ କରିବା ସକାଶେ ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟ ରାଜନୀତି ସକାଶେ ବିଶାଖାପାଟଣାରେ ପ୍ରତିଷ୍ଠା ହୋଇଥିଲା ଦକ୍ଷିଣତଟ ରେଳପଥ। ଆର୍ଥିକ ଦୃଷ୍ଟିରୁ ସେହି ରେଳବାଇକୁ ସକ୍ଷମ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ ହୋଇଯାଇଛି। ପ୍ରଥମେ ୱାଲଟିୟର ଡିଭିଜନର ଅର୍ଦ୍ଧେକ ଅଂଶ କାଢ଼ି ନିଆଯାଇ ରେଳପଥରେ ସଂଯୁକ୍ତ କରାଯାଇଥିଲା। ସେତେବେଳେ ଓଡ଼ିଶା ପକ୍ଷରୁ ବାରମ୍ବାର ଆପତ୍ତି ଦର୍ଶାଯାଇଥିଲେ ମଧ୍ୟ ସେଥିପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ ନାହିଁ। ନିକଟରେ ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥରୁ ପୁଣି ବାଦ ଦିଆଯାଉଛି। ଏହା ଫଳରେ ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହାନି ଘଟିବ। ଅଧିକ ଉପାର୍ଜନ କ୍ଷମତା ପାଇଁ ପୂର୍ବତଟ ରେଳପଥର ଯେଉଁ ସ୍ୱତନ୍ତ୍ର ମର୍ଯ୍ୟାଦା ଥିଲା ତାହା ହାନି ଘଟିବାକୁ ଯାଉଛି। ୱାଲଟିୟର ଡିଭିଜନର ଅଧୀନରେ ଥିବା ୧୧୦୬ କିମି ରେଳଲାଇନରୁ ୪୫୧ କି.ମି ବିଜୟୱାଡ଼ା ଡିଭିଜନରେ ମିଶିଥିଲା। ଅବଶିଷ୍ଟ ୬୫୬ କିଲୋମିଟରର ରେଳ ଲାଇନରୁ ରାୟଗଡ଼ା ଓ ଖୋର୍ଦ୍ଧାରୋଡ ଡିଭିଜନରେ ଯଥାକ୍ରମେ ୫୪୧ କିମି ଓ ୧୧୫ କିମି ରଖିବାକୁ ସ୍ଥିର ହୋଇଥିଲା। ବିସ୍ମୟକର କଥା ହେଉଛି, ଖୋର୍ଦ୍ଧାରୋଡ ଅଧୀନରେ ଥିବା ପଲାସା ଇଚ୍ଛାପୁରମ୍ ସେକ୍ସନକୁ କାଢ଼ି ନେଇ ପୁଣି ଦକ୍ଷିଣତଟ ରେଳପଥରେ ସଂଯୁକ୍ତ କରାଯାଇଛି। ସେହିପରି ରାୟଗଡ଼ା ଡିଭିଜନ ଅଧୀନରେ ଥିବା କୋଟାବାଲ୍‌ସା-ଗୁଣ୍ଟୁର ଲାଇନକୁ ମଧ୍ୟ ଦକ୍ଷିଣ ରେଳପଥରେ ସାମିଲ କରିବାକୁ ଯୋଜନା ଆରମ୍ଭ ହୋଇଯାଇଛି। ଛତିଶଗଡ଼ରୁ ଓଡ଼ିଶା ଦେଇ ବିଶାଖାପାଟଣା ବନ୍ଦରକୁ ସଂଯୋଗ କରୁଥିବା ୪୪୫ କିଲୋମିଟର ରେଳଲାଇନ ଲୁହାପଥର ପରିବହନର ମୁଖ୍ୟ ମାଧ୍ୟମ ହୋଇଛି। ଏହା ବ୍ୟତୀତ ପର୍ଯ୍ୟଟନ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି। ଏଭଳି ଏକ ଉଦ୍ୟମ ପୂର୍ବତଟ ରେଳପଥର ବିପୁଳ ଆର୍ଥିକ କ୍ଷତି ଘଟାଇବ। ଆନ୍ଧ୍ର ପ୍ରଦେଶରେ ଥିବା ସମସ୍ତ ରେଳ ଲାଇନକୁ ଖୋର୍ଦ୍ଧା ଡିଭିଜନରୁ ବାଦଦେଇ ଦକ୍ଷଣତଟ ରେଳପଥରେ ସାମିଲ କରିବା ସକାଶେ ଆନ୍ଧ୍ରପ୍ରଦେଶର ସାଂସଦମାନେ କେନ୍ଦ୍ର ଉପରେ ଚାପ ପକାଇଥିବାରୁ ପର୍ଯ୍ୟାୟକ୍ରମେ ଏହି ଅଦଳବଦଳ ପ୍ରକ୍ରିୟା ଚାଲିଛି। ରାଜ୍ୟ ଭିତ୍ତିରେ ରେଳପଥ ବିଭାଜନକୁ ସରକାର ଗୁରୁତ୍ୱ ଦେଇଥିବା ବେଳେ ଚକ୍ରଧରପୁର ଡିଭିଜନ ଅଧୀନରେ ଥିବା ଝାରସୁଗୁଡ଼ା – ରାଉରକେଲା ବାନ୍ଧିମୁଣ୍ଡା ଏବଂ ଖଡ଼ଗପୁର ଅଧୀନରେ ଥିବା ବାଲେଶ୍ୱର- ରୁପସା –ଜଳେଶ୍ୱର ରେଳଲାଇନ ପୂର୍ବତଟ ରେଳପଥର ଅନ୍ତର୍ଭୁକ୍ତ କରାଯାଇ ପାରନ୍ତା। ଡବଲ ଇଂଜିନ ସରକାର ସାଂସଦମାନେ ଏକ୍ଷେତ୍ରରେ ପଛଘୁଞ୍ଚା କାହିଁକି ଦେଇଛନ୍ତି?

ରେଳବାଇ ସାଂଗକୁ ନଦୀଜଳ ପ୍ରକଳ୍ପ ନେଇ ମଧ୍ୟ ଦୁଇପଡ଼ୋଶୀ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଏଥିରେ ମଧ୍ୟ ଆନ୍ଧ୍ରପ୍ରଦେଶ ଜିତାପଟ ହାସଲ କରିଛି। ବଂଶଧାରା ନଦୀ ଉପରେ ନେରେଡ଼ି ବ୍ୟାରେଜ ପ୍ରତିଷ୍ଠା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡୀ ଶୁଭପ୍ରଦାନ କରିଥିଲେ। ଏହାକୁ କେନ୍ଦ୍ର କରି ଦୁଇରାଜ୍ୟ ମଧ୍ୟରେ ୨୦୦୬ ରୁ ବିବାଦ ଲାଗି ରହିଛି। ବାଧ୍ୟ ହୋଇ, ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୧୦ ରେ ଗଠିତ ବଂଶଧାରା ଜଳଟ୍ରିବ୍ୟୁନାଲ ଗତ ମାର୍ଚ୍ଚ ୩୦ ତାରିଖରେ ରାୟ ପ୍ରଦାନ କରିଛନ୍ତି। ଉଭୟ ପକ୍ଷର ଶୁଣାଣିକୁ ଗୁରୁତ୍ୱ ଦେବା ଅପେକ୍ଷା କେନ୍ଦ୍ରସରକାରଙ୍କ ପରାମର୍ଶ ହିଁ ଶେଷ କଥା ହୋଇଛି। ଆନ୍ଧ୍ରପ୍ରଦେଶକୁ ନେରେଡି ବ୍ୟାରେଜ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଆନ୍ଧ୍ର ସଂରକ୍ଷିତ ଜଳର ବୃହତ୍ ଅଂଶ ଉପଭୋଗ କରିବ। ଅଥଚ ଓଡ଼ିଶା ସରକାର ଏହି ପ୍ରକଳ୍ପ ପାଇଁ ୧୦୬ ଏକର ଜମି ଆନ୍ଧ୍ରକୁ ହସ୍ତାନ୍ତର କରିବେ। ଅବଶ୍ୟ ଓଡ଼ିଶା ପାଇଁ ବାମ ପାର୍ଶ୍ୱରେ ଅନ୍ୟ ଏକ ସୁଇସ ଗେଟ ନିର୍ମାଣ କରାଯିବ ବୋଲି ଦର୍ଶାଯାଇଛି। ବର୍ଷର ୬ ମାସ ଜଳ ଡିରୋଟ ସମୟରେ ଦୁଇ ରାଜ୍ୟ ୫୦:୫୦ ଅନୁପାତରେ ଜଳବଣ୍ଟନ କରିବେ।

ଆମେ ଏଠାରେ ଉଲ୍ଲେଖ କରିଥିବା ତିନିଟି ପ୍ରସଙ୍ଗ ନେଇ ରାଜ୍ୟରେ କ୍ଷମତାସୀନ ସରକାରଙ୍କ ପକ୍ଷରୁ କୌଣସି ସୋରଶବ୍ଦ ନାହିଁ। ଉପେକ୍ଷିତ ଓଡ଼ିଶା ସ୍ୱାର୍ଥ ଅସ୍ମିତାର ଅହଂକାରକୁ କ୍ଷୁର୍ଣ୍ଣ କରିବା ପୂର୍ବରୁ କ୍ଷମତା କେନ୍ଦ୍ର ସତର୍କ ହୋଇଯିବା ଉଚିତ। ମନେ ରଖିବା ଉଚିତ୍ ପ୍ରତିଶ୍ରୁତିର ପାହାଡ଼ ଉପରେ ଠିଆହୋଇ ସବୁଦିନ ଭୋଟ ଭିକ୍ଷା ମାଗିଲେ ଥାଳ ଭରିଯିବା ଏତେ ସହଜ ନୁହେଁ। ●

# ନିର୍ବାଚିତ ଜନପ୍ରତିନିଧିଙ୍କ ଆଚରଣ ସଂହିତା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସଦ ଓ ବିଧାନସଭା କେବଳ ଆଇନ ପ୍ରଣୟନକାରୀ ସଂସ୍ଥା ନୁହନ୍ତି, ବରଂ ସରକାରୀ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଗୋଟିଏ ଗୋଟିଏ ପ୍ରମୁଖ ଅନୁଷ୍ଠାନ ବା ସାମ୍ବିଧାନିକ ମନ୍ଦିର। ଏକ ସଂଘୀୟ ବ୍ୟବସ୍ଥାରେ ଏହି ଉଭୟ ଗୃହ ଦେଶର ଅଖଣ୍ଡତା ଓ ମର୍ଯ୍ୟାଦା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସାଂସଦମାନେ ଅନ୍ତର୍ଜାତୀୟ ମଞ୍ଚ, ସଂସଦୀୟ ପ୍ରତିନିଧିମଣ୍ଡଳ ଓ କୂଟନୈତିକ ଆଦାନପ୍ରଦାନରେ ଭାରତକୁ ପ୍ରତିନିଧିତ୍ୱ କରନ୍ତି। ସେମାନେ ବୈଦେଶିକ ନୀତି ଆଲୋଚନା, ବାଣିଜ୍ୟ ଚୁକ୍ତିନାମା ଓ ସାଂସ୍କୃତିକ କୂଟନୀତିରେ ଯୋଗଦାନ କରନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ସାମାଜିକ ଅଶାନ୍ତି ବା ବିଭ୍ରାଟ, ଯୁଦ୍ଧ କିମ୍ବା ଆର୍ଥିକ ଆହ୍ୱାନ ଭଳି ସଙ୍କଟ ସମୟରେ ସାଂସଦମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସମାନ କାର୍ଯ୍ୟ ରାଜ୍ୟସ୍ତରରେ ବିଧାୟକମାନେ କରନ୍ତି। ଲୋକସଭା ଓ ବିଧାନସଭା ସଦସ୍ୟମାନେ ସିଧାସଳଖ ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ। ସାଂସଦ ଓ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ରାଜ୍ୟସଭା ସଦସ୍ୟମାନେ ରାଜ୍ୟ କିମ୍ବା ଦଳର ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି। ଉଭୟ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ସ୍ଥାନୀୟ ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଉପସ୍ଥାପନ କରିବା ହେଉଛି ସେମାନଙ୍କ ଦାୟିତ୍ୱ।

ସଂସଦର ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ପରିଚାଳନା କରନ୍ତି, ଯାହା ସେମାନଙ୍କ ନିର୍ବାଚନମଣ୍ଡଳୀରେ ଛୋଟଧରଣର ବିକାଶ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ କରେ। ସେହିପରି ବିଧାୟକମାନେ ବିଧାନସଭାର ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ପରିଚାଳନା କରନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟସେବା ସୁବିଧା ଓ ପାନୀୟ ଜଳ ବ୍ୟବସ୍ଥା ନିର୍ମାଣ ଅନ୍ତର୍ଭୁକ୍ତ, ଯାହା ସିଧାସଳଖ ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରେ। ଜନପ୍ରତିନିଧିମାନେ ଭୋଟର ଓ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି। ତେଣୁ ଉଭୟ ଗୃହ ଏହାର ସଦସ୍ୟମାନଙ୍କଠାରୁ ଆଚରଣ, ଶୃଙ୍ଖଳା ଓ ସୌଜନ୍ୟର ସର୍ବୋଚ୍ଚ ମାନଦଣ୍ଡ ଦାବି କରେ। ଏଥିପାଇଁ ଭାରତୀୟ ସମ୍ବିଧାନରେ ଆଚରଣ ସଂହିତା ପରାମର୍ଶ ବ୍ୟବସ୍ଥା ରହିଛି।

ସଂସଦୀୟ ଶିଷ୍ଟାଚାର କେବଳ ଆନୁଷ୍ଠାନିକ ନିୟମର ଏକ ସେଟ୍ ବା ସଙ୍କଳନ ନୁହେଁ, ବରଂ ସମ୍ବିଧାନରେ ଲିଖିତ ମୂଲ୍ୟବୋଧର ପ୍ରତିଫଳନ - ଗଣତନ୍ତ୍ର, ଧର୍ମନିରପେକ୍ଷତା, ନ୍ୟାୟ, ସ୍ୱାଧୀନତା ଓ ଭାଇଚାରା, ଇତ୍ୟାଦି। ସେମାନେ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବେ, ସ୍ୱାର୍ଥର ଦ୍ୱନ୍ଦ୍ୱକୁ ଏଡ଼ାଇବେ ଏବଂ ସରକାରୀ ସେବାରେ ସ୍ୱଚ୍ଛତା ବଜାୟ ରଖିବେ ବୋଲି ଆଶା କରାଯାଏ। ନୈତିକ ତ୍ରୁଟି, ଦୁର୍ନୀତି କିମ୍ବା କ୍ଷମତାର ଅପବ୍ୟବହାର ସଂସଦୀୟ ଅଖଣ୍ଡତାକୁ ଦୁର୍ବଳ କରିଥାଏ ଏବଂ ନାଗରିକଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିଥାଏ। ସେମାନଙ୍କୁ ସଂସଦ ଭିତରେ ଓ ବାହାରେ ଉଚ୍ଚ ନୈତିକ ଏବଂ ବୃତ୍ତିଗତ ମାନଦଣ୍ଡ ବଜାୟ ରଖିବାକୁ ପଡ଼ିବ, ଜନପ୍ରତିନିଧି ଭାବରେ ସେମାନଙ୍କ ଭୂମିକା ଉପରେ ସକାରାତ୍ମକ ଭାବ ପ୍ରତିଫଳିତ କରିବାକୁ ପଡ଼ିବ। ସେମାନେ ଗୃହରେ ବ୍ୟକ୍ତିଗତ ଭାବରେ ଅଧ୍ୟକ୍ଷଙ୍କ ନିକଟକୁ ଯିବେ ନାହିଁ; ଆବଶ୍ୟକ ହେଲେ ଟେବୁଲରେ ଥିବା ଅଧିକାରୀଙ୍କ ମାଧ୍ୟମରେ ଚିଟ୍ ପଠାଇପାରିବେ; ଗୃହ ଭିତରକୁ ଅସ୍ତ୍ରଶସ୍ତ୍ର ଆଣିବେ ନାହିଁ କିମ୍ବା ପ୍ରଦର୍ଶନ କରିବେ ନାହିଁ; ଗୃହରେ କୌଣସି ପ୍ରକାରର ବ୍ୟାଜ୍ ପିନ୍ଧିବେ ନାହିଁ କିମ୍ବା ପ୍ରଦର୍ଶନ କରିବେ ନାହିଁ; ଅଧ୍ୟକ୍ଷଙ୍କ ଅନୁମତି ବିନା ପତାକା, ପ୍ରତୀକ କିମ୍ବା କୌଣସି ପ୍ରଦର୍ଶନୀ ପ୍ରଦର୍ଶନ କରିବେ ନାହିଁ; ଗୃହ ପରିସର ମଧ୍ୟରେ ସାମ୍ବାଦିକ ସମ୍ମିଳନୀ କରିବେ ନାହିଁ; ପ୍ରତିବାଦ ସ୍ୱରୂପ ଡକ୍ୟୁମେଣ୍ଟ ଚିରିବେ ନାହିଁ; ଗୃହ ଭିତରେ ସତ୍ୟାଗ୍ରହ କିମ୍ବା ଧାରଣାରେ ବସିବେ ନାହିଁ; ଇତ୍ୟାଦି। ଯଦି ସେମାନେ ଗୃହ ପରିସରରେ ଲିଫଲେଟ୍, ଡକ୍ୟୁମେଣ୍ଟ କିମ୍ବା ନିଜର ଅଭିମତ ପ୍ରସାରଣ କରିବାକୁ ଚାହାନ୍ତି, ତେବେ ସଂସଦୀୟ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ପୂର୍ବ ଅନୁମତି ନେବାକୁ ପଡ଼ିବ।

ଜଣେ ଭଲ ଭାରତୀୟ ନିର୍ବାଚିତ ପ୍ରତିନିଧି, ଜଣେ ସାଂସଦ କିମ୍ବା ବିଧାୟକ ହୋଇପାରେ, ନାଗରିକମାନଙ୍କୁ ପ୍ରଭାବଶାଳୀ ଭାବରେ ପ୍ରତିନିଧିତ୍ୱ କରେ, ଦାୟିତ୍ୱ ସହିତ ଆଇନ ପ୍ରଣୟନରେ ଅଂଶଗ୍ରହଣ କରେ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖେ। ଏହି ଭୂମିକା ପାଇଁ ଜ୍ଞାନ, ଶୃଙ୍ଖଳା, ନୈତିକ ଆଚରଣ ଓ ଜାତୀୟ ପ୍ରାଥମିକତା ସହିତ ସ୍ଥାନୀୟ ନିର୍ବାଚନମଣ୍ଡଳୀର ଆବଶ୍ୟକତାକୁ ସନ୍ତୁଳିତ କରିବାର କ୍ଷମତା ଆବଶ୍ୟକ। ନିର୍ବାଚନ ନାମାଙ୍କନ ଓ ଅପଡେଟ୍ ସମୟରେ ସେମାନଙ୍କୁ ସମ୍ପତ୍ତି, ଦାୟିତ୍ୱ ଓ ଫୌଜଦାରୀ ମାମଲା (ଯଦି ଥାଏ) ଘୋଷଣା କରୁଥିବା ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ସ୍ୱଚ୍ଛତା ବଜାୟ ରଖିବା ଏକ ଶିଷ୍ଟାଚାର। ସମସ୍ତ ସଂସଦୀୟ ଓ ବିଧାନସଭା ସମାରୋହ ଏବଂ କାର୍ଯ୍ୟକ୍ରମରେ ସେମାନେ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ପ୍ରତୀକକୁ ସମ୍ମାନ ଦେବା ଉଚିତ। ସାଂସଦମାନେ ପାରମ୍ପରିକ ଭାବରେ ବିତର୍କରେ ଅଂଶଗ୍ରହଣ କରନ୍ତି ଏବଂ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରନ୍ତି, ସାମ୍ବିଧାନିକ ପ୍ରୋଟୋକଲ ବା ନିୟମାନୁଗତ ଶିଷ୍ଟାଚାରକୁ ବଜାୟ ରଖନ୍ତି। ସେହିପରି ରାଜ୍ୟପାଳଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବରେ ବିଧାୟକମାନେ ଅଂଶଗ୍ରହଣ କରନ୍ତି। ପ୍ରଶ୍ନକାଳ ସମୟରେ ସାଂସଦ ଓ ବିଧାୟକମାନେ ସ୍ପଷ୍ଟ, ସଂକ୍ଷିପ୍ତ ଓ ପ୍ରାସଙ୍ଗିକ ପ୍ରଶ୍ନ ପଚାରିବା ଉଚିତ। ପରିପୂରକପ୍ରଶ୍ନ ମୂଳପ୍ରଶ୍ନର ପରିସର ମଧ୍ୟରେ ରହିବା ଉଚିତ। ଶୂନ୍ୟ ଘଣ୍ଟାରେ, ସଦସ୍ୟମାନେ ଜରୁରୀ ପ୍ରସଙ୍ଗ ବିଷୟରେ ଉଠାଇପାରିବେ, କିନ୍ତୁ ସେଗୁଡ଼ିକ ଅଯୌକ୍ତିକ କିମ୍ବା ବିଭ୍ରାନ୍ତକାରୀ ନୁହେଁ, ବରଂ ସଂକ୍ଷିପ୍ତ ଓ ତଥ୍ୟଭିତ୍ତିକ ହେବା ଆଶା କରାଯାଏ। ସାଂସଦ ଓ ବିଧାୟକମାନେ ସେମାନଙ୍କର ଭୋଟ ଅଧିକାର ପ୍ରୟୋଗ କରିବା ସମୟରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଉଚିତ। ଯଦି କ୍ରସ୍-ଭୋଟିଂ ହୁଏ, ତେବେ ଏହା ବିବେକ ଓ ପ୍ରସଙ୍ଗ ଉପରେ ଆଧାରିତ ହେବା ସମୀଚୀନ, ବାହ୍ୟ ଚାପ କିମ୍ବା ପ୍ରଲୋଭନରେ ନୁହେଁ।

ରାଜନୈତିକ ମତଭେଦ ସତ୍ତ୍ୱେ ସାଂସଦ ଓ ବିଧାୟକମାନେ ଦଳୀୟ ସୀମା ଭିତରେ ସଦସ୍ୟମାନଙ୍କୁ ସମ୍ମାନ କରିବା ଏବଂ ଗୃହ ଭିତରେ ନିରପେକ୍ଷ ପାରସ୍ପରିକ କ୍ରିୟା ସୁନିଶ୍ଚିତ କରିବା ଉଚିତ। ଯଦି କୌଣସି ନିଷ୍ପତ୍ତିର ପ୍ରତିବାଦ କରନ୍ତି କିମ୍ବା ମତଭେଦ ପ୍ରକାଶ କରନ୍ତି, ତେବେ ସାଂସଦ ଓ ବିଧାୟକମାନେ ଗୃହର କାର୍ଯ୍ୟକୁ ବାଧା ଦେବା ପରିବର୍ତ୍ତେ ଆନୁଷ୍ଠାନିକ ପ୍ରସ୍ତାବ, ଲିଖିତ ଅଭିଯୋଗ, ଗୃହ ତ୍ୟାଗ କିମ୍ବା ବୟକଟ ଭଳି ବୈଧ ବିକଳ୍ପ ବ୍ୟବହାର କରିପାରିବେ, ଯାହା ପ୍ରତୀକାତ୍ମକ ଓ ଶାନ୍ତିପୂର୍ଣ୍ଣ ହେବା ଉଚିତ। ମତଭେଦ ଥାଇପାରେ, କିନ୍ତୁ ସଂସଦ ବା ବିଧାନସଭାରେ ବିତର୍କର ସୁଯୋଗ ରହିଛି। ଅର୍ଥାତ୍ ସଦସ୍ୟମାନେ ଯୁକ୍ତିକୁ ବିରୋଧ କରିପାରନ୍ତି, କିନ୍ତୁ ବ୍ୟକ୍ତିତ୍ୱକୁ ନୁହେଁ। ସେମାନେ ଗୃହଭିତରେ ଦାୟିତ୍ୱର ସହ ନିଜ ନିଜର ବାକ୍ ସ୍ୱାଧୀନତା ବ୍ୟବହାର କରିବା ଉଚିତ। ବିତର୍କରେ ଅଂଶଗ୍ରହଣ କରିବା ସମୟରେ ସେମାନେ ଅପଶବ୍ଦ, କଥାବାର୍ତ୍ତା କିମ୍ବା ବ୍ୟଙ୍ଗାତ୍ମକ ଉଲ୍ଲେଖ ଏଡ଼ାଇବା ଉଚିତ। ସଂସଦୀୟ ନିୟମଗୁଡ଼ିକ ଅପମାନଜନକ, ମାନହାନିକାରୀ କିମ୍ବା ଅଣସଂସଦୀୟ ଭାଷା ବ୍ୟବହାରକୁ ନିଷେଧ କରେ। ନୈତିକ ଆଚରଣ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରେ ଓ ଗଣତନ୍ତ୍ରକୁ ସୁଦୃଢ଼ କରେ। ଗୃହର କାର୍ଯ୍ୟଧାରା ପ୍ରାୟତଃ ଟେଲିଭିଜନରେ ପ୍ରସାରିତ ହୁଏ ବୋଲି ସ୍ୱୀକାର କରି, ସାଂସଦ ଓ ବିଧାୟକମାନେ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କର ଭାଷା ଓ ଆଚରଣ ଜନସାଧାରଣଙ୍କ ନିକଟରେ ଏକ ସକାରାତ୍ମକ ପ୍ରତିଛବି ପ୍ରଦାନ କରେ।

ସ୍ୱାଧୀନ ଭାରତର ସମ୍ବିଧାନ ୧୯୫୦ ମସିହାରୁ ପ୍ରଣୟନ ହୋଇ ୭୬ ବର୍ଷ ହେଲାଣି, ତଥାପି ସାମ୍ବିଧାନିକ ଗୃହରେ ଅନେକ ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ ହୋଇଚାଲିଛି। ଶୁଣିବାକୁ ମିଳେ ଯେ ଅନେକ ସଦସ୍ୟଙ୍କ ନାମରେ ଫୌଜଦାରୀ ମକଦ୍ଦମା ଚାଲୁ ରହିଛି। କିଛି ସଦସ୍ୟ/ସଦସ୍ୟା ଗୃହରେ ଅଧ୍ୟକ୍ଷ ବା ଅଧ୍ୟକ୍ଷାଙ୍କ ଟେବୁଲ ଉପରକୁ ଉଠି ଯାଉଛନ୍ତି, କାଗଜପତ୍ର ଚିରି ପକାଉଛନ୍ତି, ମାଇକ୍ରୋଫୋନ ଟଣାଟଣି କରି ଭାଙ୍ଗି ଦେଉଛନ୍ତି। ଗୃହର ମଧ୍ୟଭାଗକୁ ପଶି ଆସି ବାଧା ସୃଷ୍ଟି କରିବା, ଗୃହ ଭିତରେ ଘଣ୍ଟି ବଜାଇବା, ପାଟିତୁଣ୍ଡ କରିବା, ପ୍ଲାକାର୍ଡ, ବ୍ୟାନର, ଇତ୍ୟାଦି ଧରି ନାରାବାଜି କରିବା, ନିଜ ନିଜ ଭିତରେ ଧସ୍ତାଧସ୍ତି ହେବା, ମୁଥ ମରାମରି ହେବା, ଚପଲ ଫୋପାଡ଼ିବା, ଅନ୍ୟ କାହାରିକୁ କୁହାଇ ନ ଦେବା, ଘେରାଉ କରିବା, ଅନଶନ ଓ ସତ୍ୟାଗ୍ରହ କରି ବସିବା ଇତ୍ୟାଦି ଆଚରଣ ସଂହିତାର ଉଲ୍ଲଙ୍ଘନ କରେ ଓ ଜନମାନସରେ ଶୋଭା ପାଏନାହିଁ।

ନିର୍ବାଚିତ ପ୍ରତିନିଧିମାନେ ଭାରତର ସମ୍ବିଧାନ ପ୍ରତି ବିଶ୍ୱସ୍ତ ରହିବା ଆବଶ୍ୟକ। ଏହା ନିଶ୍ଚିତ କରିବା ଉଚିତ ଯେ ଗୃହଭିତରେ ଓ ବାହାରେ ସେମାନଙ୍କର କାର୍ଯ୍ୟ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଗଣତାନ୍ତ୍ରିକ ନୀତି ସହିତ ସମନ୍ୱିତ ରହିବ। ସେମାନେ ଈଶ୍ୱରଙ୍କ ନାମରେ ଶପଥ କରନ୍ତି ଏବଂ ଗମ୍ଭୀରତାର ସହିତ ପ୍ରତିଜ୍ଞା କରନ୍ତି ଯେ ଆଇନ ଦ୍ୱାରା ପ୍ରତିଷ୍ଠିତ ଭାରତର ସମ୍ବିଧାନ ପ୍ରତି ପ୍ରକୃତ ବିଶ୍ୱାସ ଓ ଆନୁଗତ୍ୟ ବହନ କରିବେ, ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ବଜାୟ ରଖିବେ ଏବଂ ଯେଉଁ କର୍ତ୍ତବ୍ୟରେ ସେ ପ୍ରବେଶ କରିବାକୁ ଯାଉଛନ୍ତି ତାହା ବିଶ୍ୱସ୍ତ ଭାବରେ ପାଳନ କରିବେ। ଜନସାଧାରଣଙ୍କ ମତରେ ସେମାନଙ୍କ ପ୍ରତିନିଧିମାନେ ଏହି ଶପଥକୁ ସମ୍ମାନ ଜଣାଇ ପ୍ରତ୍ୟେକ କ୍ଷେତ୍ରରେ ଶାଳୀନତା ପ୍ରଦର୍ଶନ କରିବା ଶ୍ରେୟସ୍କର। ●

ଶିକ୍ଷାବିତ୍, ମୋ-୯୭୭୭୮୦୦୪୦୮

# ଅମୂଲ୍ୟ ସମ୍ପଦ-ଜଳ

**ହିମାଂଶୁ ଶେଖର ଫତେସିଂହ**

ଏକଦା ବିଖ୍ୟାତ ଇଂରେଜ କବି ସାମୁଏଲ ଟେଲର କୋଲେରିଜ ବିଶାଳ ସମୁଦ୍ର ବକ୍ଷରେ ନୌଯାତ୍ରା ସମୟରେ ପିଇବା ପାଣି ମୁନ୍ଦାଏ ନପାଇ ଡହଳ ବିକଳ ହୋଇ ଲେଖିଥିଲେ, ଯାହାର ମର୍ମାଂଶ ହେଉଛି - 'ଚାରିଆଡ଼େ ଜଳ କିନ୍ତୁ ପିଇବା ପାଇଁ ବୁନ୍ଦାଏ ମଧ୍ୟ ନାହିଁ।' ଏହି କାଳଜୟୀ ପଦ୍ୟାଂଶରୁ ପୃଥିବୀରେ ମାନବର ପାନୀୟ ତଥା ବ୍ୟବହାର ଉପଯୋଗୀ ଜଳର ସ୍ୱଳ୍ପତା ସମ୍ପର୍କରେ ସ୍ପଷ୍ଟ ହୁଏ। ଜଳ ଏକ ଅସରନ୍ତି ପ୍ରାକୃତିକ ସମ୍ବଳ ରୂପେ ବିବେଚିତ ହେଉଥିଲେ ହେଁ ମନୁଷ୍ୟର ବ୍ୟବହାର ଉପଯୋଗୀ ଜଳର ପରିମାଣ ଖୁବ ନଗଣ୍ୟ।

ପୃଥିବୀରେ ଜୀବଜଗତର ସୃଷ୍ଟି ଓ ସ୍ଥିତି କେବଳ ଜଳ ଦ୍ୱାରା ହିଁ ସମ୍ଭବ ହୋଇପାରିଛି। ଏହା ଏକ ଅମୂଲ୍ୟ ପ୍ରାକୃତିକ ସମ୍ବଳ। ଶିଳ୍ପ, କୃଷି, ନିର୍ମାଣ କାର୍ଯ୍ୟ ଓ ମନୁଷ୍ୟର ଦୈନନ୍ଦିନ କାର୍ଯ୍ୟ ପାଇଁ ଏହା ଅପରିହାର୍ଯ୍ୟ। ପରିବେଶ ସନ୍ତୁଳନ, ପୋଷଣୀୟ ବିକାଶ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ଦାରିଦ୍ର୍ୟ ଦୂରୀକରଣ, ସୁସ୍ଥ ସମାଜ ଗଠନ ଆଦି ଜଳର ସୁବିନିଯୋଗ ଓ ସୁପରିଚାଳନା ଉପରେ ନିର୍ଭର କରିଥାଏ। ମାତ୍ର ସାମ୍ପ୍ରତିକ ସମୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପ ଓ କୃଷିର ଦ୍ରୁତ ଅଭିବୃଦ୍ଧି ଫଳରେ ଜଳର ବ୍ୟବହାର ବହୁଗୁଣିତ ହେବାରେ ଲାଗିଛି। ପୁନଶ୍ଚ ମନୁଷ୍ୟର ଅତ୍ୟାଧୁନିକ ଜୀବନଶୈଳୀ ଓ ଅପରିଣାମଦର୍ଶୀ କାର୍ଯ୍ୟଧାରା ଫଳରେ ଜଳ ପ୍ରଦୂଷଣର ବୃଦ୍ଧି ପାଇଚାଲିବାରୁ ବ୍ୟବହାର ଉପଯୋଗୀ ଜଳର ପରିମାଣ ହ୍ରାସ ପାଇ ଜଳସଙ୍କଟ ଭୟାବହ ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଫଳରେ ପୃଥିବୀରେ ତୀବ୍ର ଜଳାଭାବ ସମସ୍ୟା ଦେଖାଦେଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂତ୍ରରୁ ପ୍ରକାଶ ଯେ ୨୦୨୫ ମସିହାରେ ପୃଥିବୀର ୨୨୦ କୋଟି ଲୋକ ନିରାପଦ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି। ଏହାମଧ୍ୟରୁ ୨୯୬ ନିଯୁତ ଲୋକ ଅସୁରକ୍ଷିତ କୂପ କିମ୍ବା ଝରଣାରୁ ଜଳ ସଂଗ୍ରହ କରୁଛନ୍ତି। ସେହିପରି ପୃଥିବୀର ୧୧୫ ନିଯୁତ ଲୋକ ଭୂପୃଷ୍ଠସ୍ଥ ନଦୀ, ହ୍ରଦ, କେନାଲ, ପୋଖରୀ, ଗଡ଼ିଆ ଆଦିର ଦୂଷିତ ଜଳକୁ ବ୍ୟବହାର କରିଥା'ନ୍ତି। ଦୂଷିତ ଜଳ ବ୍ୟବହାର କାରଣରୁ ପୃଥିବୀରେ ପ୍ରତି ବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହି ସଂଖ୍ୟା କ୍ରମେ ବୃଦ୍ଧି ପାଇ ଚାଲିଛି। ଏବେ ମଧ୍ୟ ପୃଥିବୀର କୋଟି କୋଟି ବାସଗୃହ, ଅଗଣିତ ବିଦ୍ୟାଳୟ, ଶିଳ୍ପକେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ବାଣିଜ୍ୟିକ କେନ୍ଦ୍ରରେ ବିଶୁଦ୍ଧ ଜଳ ଉପଲବ୍ଧ ହୋଇପାରିନାହିଁ। ଦୂଷିତ ଜଳର ସେବନ ଓ ପରିମଳ ଅବ୍ୟବସ୍ଥା ଫଳରେ ହଇଜା, ଟାଇଫଏଡ୍, କୋଲେରା, ପୋଲିଓ ପରି ବହୁ ମାରାତ୍ମକ ଜଳବାହିତ ରୋଗଗୁଡ଼ିକ ଦେଖାଦେଉଛି। ପୃଥିବୀରେ ପ୍ରତି ବର୍ଷ ୪୮୫୦୦୦ ଲୋକ କେବଳ ହଇଜାରେ ଓ ୯୫୦୦୦ ଲୋକ କୋଲେରାରେ ପ୍ରାଣତ୍ୟାଗ କରିଥା'ନ୍ତି।

ଜଳ ପରିସଂସ୍ଥାରେ ସୃଷ୍ଟି ହୋଇ ମନୁଷ୍ୟ ଦ୍ୱାରା ବ୍ୟବହୃତ ହେବା ପରେ ଜଳଚକ୍ର ମାଧ୍ୟମରେ ପୁନର୍ବାର ପରିବେଶକୁ ଫେରିଆସିଥାଏ। ପୃଥିବୀରେ ଜଳସଙ୍କଟ ଦୂର କରିବା ପାଇଁ ଜଳଚକ୍ରକୁ ଅବାଧ ଓ କ୍ରିୟାଶୀଳ ରଖିବା ଅପରିହାର୍ଯ୍ୟ। ଏଥିପାଇଁ ଅରଣ୍ୟ, ପର୍ବତ, ନଦୀ, ହ୍ରଦ, ସମୁଦ୍ର ଆଦି ସମସ୍ତ ଜଳ ସମ୍ବନ୍ଧୀୟ ପରିସଂସ୍ଥାଗୁଡ଼ିକର ସୁରକ୍ଷା ନିତାନ୍ତ ଆବଶ୍ୟକ। ଜଳ ଭିତ୍ତିଭୂମି ଅନ୍ତର୍ଗତ ଜଳ ସଂଚୟ, ଜଳ ବିଶୋଧନ ଓ ଜଳ ଯୋଗାଣ ଆଦି କାର୍ଯ୍ୟ ସହିତ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଜଳ ଭିତ୍ତିଭୂମି ସୁଦୃଢ଼ ନଥିଲେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ ପରିସଂସ୍ଥା ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ।

ଯେକୌଣସି ରାଷ୍ଟ୍ରରେ ପାନୀୟ ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ ଜଳ ସମ୍ବନ୍ଧୀୟ ସେବାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ପ୍ରତିଟି ବାସଗୃହ, ବିଦ୍ୟାଳୟ, କାର୍ଯ୍ୟସ୍ଥଳ ଓ ସ୍ୱାସ୍ଥ୍ୟସେବାସ୍ଥଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉତ୍ତମ ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ଅପରିହାର୍ଯ୍ୟ ହୋଇଥାଏ। ଖାଦ୍ୟ ଉତ୍ପାଦନ, କୃଷି, ଶକ୍ତି, ଶିଳ୍ପ, ବାଣିଜ୍ୟ ଆଦି ସାମାଜିକ- ଅର୍ଥନୈତିକ କାର୍ଯ୍ୟରେ ଜଳ ବେଶ ଗୁରତ୍ୱ ବହନ କରିଥାଏ। ଖାଦ୍ୟ ଉତ୍ପାଦନ, ଖାଦ୍ୟ ନିରାପତ୍ତା, ପୋଷଣର ବିକାଶ, ଆୟ ବୃଦ୍ଧି ଆଦିରେ ଜଳର ପ୍ରମୁଖ ଭୂମିକା ରହିଛି। ତେଣୁ ଏହି କ୍ଷେତ୍ରରେ ଜଳର ଗୁରୁତ୍ୱକୁ ଯଥାଯଥ ଭାବେ ବିଚାର କରାଯିବା ଉଚିତ। ସେହିପରି ଚିତ୍ତବିନୋଦନ, ସାଂସ୍କୃତିକ ବିକାଶ, ଧାର୍ମିକ ଓ ଆଧ୍ୟାତ୍ମିକ ଚିନ୍ତନ ପରି ସାମାଜିକ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଜଳର ବିଶେଷ ଗୁରୁତ୍ୱ ରହିଛି। ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ଘରୋଇ ଓ ପରିବାରିକ ଜୀବନର ସମୃଦ୍ଧି, ଜୀବିକାର ସୁରକ୍ଷା, ସଂସ୍କୃତିକ ଜୀବନ, ସୁସ୍ଥ ପରିବେଶ ଆଦିରେ ଜଳର ଗୁରୁତ୍ୱ ଉପଲବ୍ଧି କରିହୁଏ। ଅତଏବ ଏହି ବହୁମୂଲ୍ୟ ସମ୍ବଳକୁ ମାନବର କଲ୍ୟାଣରେ ସଫଳ ବିନିଯୋଗ ଉଦ୍ଦେଶ୍ୟରେ ଏହାର ବ୍ୟାପକ ଓ ବହୁମୁଖୀ ଗୁରୁତ୍ୱ ଉପରେ ଅନୁଶୀଳନ କରାଯିବା ବିଧେୟ।

ମାନବ ସ୍ୱାସ୍ଥ୍ୟପାଇଁ ଜଳ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥିବାରୁ ରାଷ୍ଟ୍ରସଂଘ ସ୍ଥିରୀକୃତ ପୋଷଣୀୟ ବିକାଶ ଲକ୍ଷ୍ୟ ଅନ୍ତର୍ଗତ ଲକ୍ଷ୍ୟ-୬ ରେ ଆଗାମୀ ୨୦୩୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ସୁଲଭ ନିରାପଦ ବିଶୁଦ୍ଧ ପାନୀୟ ଜଳ ଓ ଉତ୍ତମ ପରିମଳ ବ୍ୟବସ୍ଥା ଯୋଗାଇ ଦେବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି। ଜଳର ବିଧିସମ୍ମତ ବିନିଯୋଗ, ସୁପରିଚାଳନା ଓ ସଂରକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ●

ଗୁରୁଜଙ୍ଗ (ଖୋର୍ଦ୍ଧା), ମୋ: ୭୦୦୮୬୬୨୩୪୧

# ବିଜ୍ଞାନାଗାରରେ ଶୁକ୍ରାଣୁ ଓ ଡିମ୍ବାଣୁ ସୃଷ୍ଟି

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବିଶ୍ୱରେ କ୍ରମଶଃ ହ୍ରାସ ପାଇଚାଲିଛି ଜନସଂଖ୍ୟା ବୃଦ୍ଧି ହାର। ଜାପାନ, ଚୀନ ଆଦି ଦେଶରେ ଏହା ବେଶ୍ କମ୍ ହୋଇଗଲାଣି। ଏସବୁ ସ୍ଥାନରେ ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଜନସଂଖ୍ୟା ଯେତିକି ହେବା ଦରକାର ଏହା ତା' ତଳକୁ ଖସି ଆସିଲାଣି। ଏହାର ନାନାଦି କାରଣ ରହିଛି। ତନ୍ମଧ୍ୟରୁ ମୁଖ୍ୟଟି ହେଲା ପ୍ରଜନନ ହାର ହ୍ରାସ। ପୁରୁଷଠାରେ ଶୁକ୍ରାଣୁ ହ୍ରାସ ପାଇବା ଏବଂ ନାରୀର ଡିମ୍ବାଣୁରେ କେତେକ ପରିବର୍ତ୍ତନ ଆସିବା ହେତୁ ଏପରି ଘଟୁଛି।

ସନ୍ତାନଟିଏ ସୃଷ୍ଟି ହୋଇଥାଏ ଯେତେବେଳେ ପୁରୁଷର ଶୁକ୍ରାଣୁର ନାରୀର ଡିମ୍ବାଣୁ ସହିତ ସମାୟନ ଘଟେ। ଏହା ଫଳରେ ଯୁଗ୍ମଜଟିଏ ଉତ୍ପନ୍ନ ହୁଏ। ତାହା ନାରୀର ଗର୍ଭାଶୟରେ ପ୍ରତିରୋପିତ ହୁଏ। ସେଠାରେ ତାହା ଭ୍ରୂଣ ରୂପେ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେଲା ପରେ ଶିଶୁଟିଏ ହୋଇ ଜନ୍ମଲାଭ କରେ। ଏଣୁ ଏହି 'ହ୍ୟାପ୍ ଲଏଡ' କୋଷିକା ଦୁଇଟିର ଦକ୍ଷତା ହ୍ରାସ ପାଇଲେ ଏ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସ୍ୱାଭାବିକ।

ଏପରିସ୍ଥଳେ ଭବିଷ୍ୟତରେ ବିଜ୍ଞାନାଗାର ମଧ୍ୟରେ ଭ୍ରୂଣୀୟ ମୂଳକୋଷ କିମ୍ବା ଚର୍ମକୋଷିକାକୁ ପୁନଃ କାର୍ଯ୍ୟକ୍ରମଣ ବା 'ରିପ୍ରୋଗ୍ରାମିଂ' କରି ତାହା ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଏ।

ଇଂଲଣ୍ଡର ହ୍ୟୁମ୍ୟାନ୍ ଫର୍ଟିଲାଇଜେସନ୍ ଆଣ୍ଡ ଏମ୍ବ୍ରିଓ ଅଥରିଟି'(ଏଚ୍ଏଫ୍ଇଏ)ର କେତେକ ବୈଜ୍ଞାନିକ ବିଶ୍ୱାସ କରିନ୍ତି ଯେ ଏହା ଖୁବ୍‌ଶୀଘ୍ର, ଅର୍ଥାତ୍ ୫ ରୁ ୧୦ ବର୍ଷ ମଧ୍ୟରେ ସମ୍ଭବ ହୋଇପାରେ। ଅଦ୍ୟାବଧି ଏଥିପାଇଁ ବ୍ୟବହୃତ ରିପ୍ରଡକ୍ଟିଭ ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍' ପଦ୍ଧତି ଅବଲମ୍ବନ କରି ସେମାନେ ମୂଷାର ଡିମ୍ବାଣୁ ଓ ଶୁକ୍ରାଣୁ ପ୍ରସ୍ତୁତ କରି ସାରିଲେଣି। ମାଙ୍କଡ଼, ସିମ୍ପାଜୀ ଆଦି 'ପ୍ରିମେଟ୍' (ମଣିଷର ପୂର୍ବବଂଶଧର) ମାନଙ୍କଠାରେ ଏବେ ଏ ପରୀକ୍ଷା ଚାଲିଛି। 'ଏଚ୍ଏଫ୍ଇଏ' ର ରିପୋର୍ଟ ଅନୁସାରେ 'ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍' ପ୍ରକ୍ରିୟା ମାଧ୍ୟମରେ ବିଜ୍ଞାନାଗାରରେ ବିବିଧ ପରୀକ୍ଷା ନିରୀକ୍ଷା ପାଇଁ ମଣିଷର ଡିମ୍ବାଣୁ ଓ ଶୁକ୍ରାଣୁ ପ୍ରସ୍ତୁତ ହୋଇପାରିବ। ତେବେ ଏହା କେତେଦୂର ନିରାପଦ ଓ ଫଳପ୍ରଦ ତାହା ନିଶ୍ଚିତ କଲା ପରେ ଏବଂ ସର୍ବସାଧାରଣରେ ଗ୍ରହଣୀୟ ହେଲା ପରେ ତାହାକୁ ପ୍ରଜନନ ଚିକିତ୍ସାରେ ବ୍ୟବହାର କଥା ଚିନ୍ତା କରାଯିବ।

ଏହି ସଂସ୍ଥାର ମୁଖ୍ୟ ପିଟର ଥମ୍ପସନ୍‌ଙ୍କ ସୂଚନା ଅନୁସାରେ ଏ ଗବେଷଣା ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି। ତେବେ ତାହାକୁ ଚିକିତ୍ସା କ୍ଷେତ୍ରରେ କେବେ ବ୍ୟବହାର କରାଯିବ ସେ କଥା ନିଶ୍ଚିତ ହୋଇପାରିନାହିଁ। କାରଣ, ଏଥିରେ ତଥାପି ରହିଛି ଅନେକ ପ୍ରଶ୍ନ। ସେଥିପାଇଁ ଏ ଗବେଷଣା ଆମ ପ୍ରଚଳିତ ବିବିଧ ନିୟମାବଳୀ ତଥା ଆଇନ୍ କାନୁନ୍‌କୁ ଆଖିଆଗରେ ରଖି ଏବଂ ଏ ଚିକିତ୍ସାର ଯେପରି କୌଣସି ବିପଜ୍ଜନକ ପ୍ରୟୋଗ ନ ହୁଏ ସେଥିପ୍ରତି ଧ୍ୟାନ ଦେଇ ଆଗେଇବା ଲାଗି 'ଏଚ୍ଏଫ୍ଇଏ' ସୁପାରିସ କରିଛି। ଥମ୍ପସନ୍‌ଙ୍କ ମତରେ ବର୍ତ୍ତମାନ ପ୍ରଚଳିତ 'ହ୍ୟୁମାନ୍ ଫର୍ଟିଲାଇଜେସନ୍ ଆଣ୍ଡ ଏମ୍ବ୍ରିଓଲୋଜି ଆକ୍ଟ' ଚିକିତ୍ସା କ୍ଷେତ୍ରରେ 'ଇନଭିଟ୍ରୋ ଗାମେଟୋ ଜେନେସିସ୍' ବ୍ୟବହାରକୁ ବାରଣ କରିଛି। ସାରା ବିଶ୍ୱର ଅଧିକାଂଶ ଦେଶରେ ଏ ନିୟମ ପ୍ରଚଳିତ ଅଛି। ତେବେ ନେଦରଲ୍ୟାଣ୍ଡ ଓ ନରୱେ ଏଥିପାଇଁ ଅନୁମତି ଦେବା ଲାଗି ଆଇନ ପ୍ରଣୟନ ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି। ଅନ୍ୟ କେତେକ ଦେଶ ସେମାନଙ୍କୁ ଅନୁସରଣ କରିବାକୁ ଚିନ୍ତା କରୁଛନ୍ତି। ଆମ ଦେଶରେ ତାହା ହୁଏତ ନିକଟ ଭବିଷ୍ୟତରେ ହୋଇ ନପାରେ।

ଏପ୍ରିଲ୍ ୨୦୨୩ ମସିହାରେ ଆମେରିକାର 'ନ୍ୟାସନାଲ୍ ଏକାଡେମିକ୍ ବୋର୍ଡ ଅନ୍ ହେଲଥ ସର୍ଭିସେସ୍'ର ଏକ ଅଧିବେଶନରେ ବୈଜ୍ଞାନିକମାନେ ଚିକିତ୍ସା କ୍ଷେତ୍ରରେ 'ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍'ର ବ୍ୟବହାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସେମାନେ ଦର୍ଶାଇଲେ ଯେ ଏ ବ୍ୟବସ୍ଥାକୁ ଏଥିପାଇଁ ଖୁବ୍‌ଶୀଘ୍ର ତ୍ରୁଟିଶୂନ୍ୟ କରାଯାଇପାରିବ। ତାହା ହୋଇପାରିଲେ ତାହାକୁ ପ୍ରଜନନ ସମେତ ଅନ୍ୟାନ୍ୟ ଚିକିତ୍ସାରେ ବ୍ୟବହାର ଲାଗି ଅନୁମତି ମିଳିବା ଉଚିତ। ତେଣୁ ସେଠାରେ ସରକାର ଏ ଦିଗରେ ପଦକ୍ଷେପ ଲାଗି ଚିନ୍ତା କରୁଛନ୍ତି। ●

ଯମପଡ଼ା (କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

## ଉତ୍ତ୍ୟକ୍ତ ଲୋକଙ୍କ ବଡ଼ସାହି- ଡୁକୁରା ରାସ୍ତା ଅବରୋଧ



ବଡ଼ସାହି, ୬।୪(ସମିସ): ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସ୍ଥାନୀୟ ବଡ଼ସାହି ଗ୍ରାମର କାମିନୀକାନ୍ତ ବେହେରା ଓରଫ୍ ଟିକି। ପୁଲିସ କାମିନୀକାନ୍ତଙ୍କ ଶବକୁ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରଲୋକଙ୍କ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତକାଲି ବିଳମ୍ବିତ ରାତିରେ ପୁଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କମଳ ଲୋଚନ ରାଉତ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଥାନାକୁ ଉଠାଇ ଆଣିଛି।

ସୂଚନାନୁଯାୟୀ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ କାମ ଚାଲିଛି। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଛି। ଶନିବାର ଭୋର୍‌ରେ କାମିନୀକାନ୍ତ ଡାକ୍ତରଖାନା ପରିସରକୁ ଯାଇଥିବା ବେଳେ ତାଙ୍କୁ ଚୋର ଭାବି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ସୁପରଭାଇଜର୍ ଓ ସିକ୍ୟୁରିଟି ଗାର୍ଡ ଧରିଥିଲେ। ପରେ ଦୁହେଁ ଏକ ଲୁହା ଛଡ଼ ସାହାଯ୍ୟରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ କାମିନୀକାନ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ତାଙ୍କ ଛାତି ପଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ରାତି ପ୍ରାୟ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ କାମିନୀକାନ୍ତଙ୍କ ମା' ତିଳୋତ୍ତମା ବେହେରା ଥାନାରେ ଅଭିଯୋଗ କରିଥିଲେ।

ଅପରପକ୍ଷେ, ଶବ ବ୍ୟବଚ୍ଛେଦ ପରେ ଆଜି ବଡ଼ସାହିରେ ପହଞ୍ଚିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଡାକ୍ତରଖାନାରେ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ବଡ଼ସାହି ଡାକ୍ତରଖାନା ସମ୍ମୁଖରେ ଶବ ରଖି ବିକ୍ଷୋଭ କରିଥିଲେ। ଏହାସହ ରାସ୍ତା ଉପରେ ଟାୟାର ଜାଳି ବଡ଼ସାହି-ଡୁକୁରା ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବେତନଟୀ ଏସ୍‌ଡିପିଓଙ୍କ ସହ ବଡ଼ସାହି ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମାଧାନର ସୂତ୍ର ବାହାରି ପାରିନାହିଁ।

**ବଜ୍ରପାତରେ ନାବାଳକ ମୃତ**

# ଭଣଜାର ମୃତ୍ୟୁ ଖବର ଶୁଣି ଆଖିବୁଜିଲେ ମାଇଁ

ମୋରଡ଼ା, ୬।୪(ସମିସ): ଭଣଜାର ମୃତ୍ୟୁ ଖବର ଶୁଣି ଆଖିବୁଜିଲେ ରୋଗାକ୍ରାନ୍ତ ମାଇଁ। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଛାତନା ପଞ୍ଚାୟତ ପଳାସବଧା ଗ୍ରାମର ରକି ଟୁଡୁ(୫) ଓ ହିସି ମୁର୍ମୁ। ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟାରେ ରକି ଘର ବାରଣ୍ଡାରେ ଖେଳୁଥିବା ବେଳେ ବଜ୍ରପାତ ହୋଇଥିଲା। ଗୁରୁତର ରକିକୁ ପରିବାରଲୋକ ଏକ ବାଇକ୍‌ରେ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ରକିଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଶ୍ୱାସଜନିତ ସମସ୍ୟାରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରକିର ସଂପର୍କୀୟ ମାଇଁ ହିସି ମୁର୍ମୁ ଏହି ଖବର ପାଇବା ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ଥାନାଧିକାରୀଙ୍କ ତାଗିଦ ସହି ନପାରି ଜୀବନ ହାରିଥିଲେ ସ୍ୱାମୀ

# ୨ ପୁଅଙ୍କ ସହ ମହିଳାଙ୍କ ଆତ୍ମହତ୍ୟା ଚେତାବନୀ

ବାରିପଦା, ୬।୪ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନାର ପୂର୍ବତନ ଥାନାଧିକାରୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିବା ଘଟଣାରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମୃତକଙ୍କ ପତ୍ନୀ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ ଥାନାଧିକାରୀଙ୍କ ବଦଳିରେ ସୀମିତ ରହିଛି। ଆଜି ବାପଛେଉଣ୍ଡ ଦୁଇ ପୁଅଙ୍କ ସହ ମହିଳା ଯୁଗ୍ମ ଜନଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିଛନ୍ତି। ନ୍ୟାୟ ନମିଳିଲେ ଦୁଇ ଛୁଆଙ୍କ ସହ ସେ ବିଷ ପିଇ ଜୀବନ ହାରିବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାଜଣଙ୍କ ହେଲେ, ବନ୍ଦନା ନାଏକ।

ସୂଚନାନୁଯାୟୀ, କରଞ୍ଜିଆ ଥାନା ଅଧୀନ ବାଟ ଗୌଡଗାଁ ଗ୍ରାମର ଅନାଦି ନାଏକଙ୍କ ଘରୁ ୨୫ ଡିସେମ୍ବର ୨୦୨୫ରେ ୫୯ ହଜାର ଟଙ୍କା ଚୋରି ହୋଇଥିଲା। ଉକ୍ତ ଟଙ୍କାକୁ ପୁଷ୍ପାଞ୍ଜଳି ପଣ୍ଡା ନାମକ ମହିଳା ଚୋରି କରିଥିବା ସାହି ପଡ଼ିଶାର ଜଣେ ଯୁବକ ଦେଖିଥିଲେ। ଅନାଦି ଓ ତାଙ୍କ ସ୍ତ୍ରୀ ବନ୍ଦନା ଉକ୍ତ ଟଙ୍କା ଆଣିବା ପାଇଁ ଯିବାରୁ ପୁଷ୍ପାଞ୍ଜଳି ସେମାନଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପୁଷ୍ପାଞ୍ଜଳିଙ୍କ ଘରୁ ୨୪ହଜାର ୫୦୦ ଟଙ୍କା ଜବତ କରି ଦେଇଥିଲା। ଏ ନେଇ ଉଭୟଙ୍କ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇଥିଲା। ଅନାଦିଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ପ୍ରଥମେ ଏକ ମାମଲା ରୁଜୁ କରିବା ସହିତ ପୁଷ୍ପାଞ୍ଜଳିଙ୍କ ପ୍ରତି ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା ଅନାଦିଙ୍କ ବିରୋଧରେ ମଧ୍ୟ ରୁଜୁ କରିଥିଲା। ତେବେ ପୁଷ୍ପାଞ୍ଜଳିଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଅନାଦିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ପୁଲିସ ଅନାଦିର ଅଭିଯୋଗକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏପରିକି ଅନାଦି ଜାମିନରେ ଆସିବା ପରେ ଥାନାଧିକାରୀ ଶରତ ମହାଲିକ ଅନାଦିଙ୍କୁ ଥାନାକୁ ଡାକି ନାନା ଧମକଚମକ ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଅନାଦି ୧୮ ମାର୍ଚ୍ଚ ୨୦୨୬ରେ ବିଷ ପିଇ ଦେଇଥିଲା। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨୧ ମାର୍ଚ୍ଚ ୨୦୨୬ରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ସମୟରେ ଏସସିବି ମେଡିକାଲ ପରିସରରେ ପୁଲିସ ତାଙ୍କର ବୟାନ ମଧ୍ୟ ରେକର୍ଡ କରିଛି। କିନ୍ତୁ ଦୋଷୀ ପୁଲିସ ଅଧିକାରୀଙ୍କ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୁଲିସର ଏଭଳି କାର୍ଯ୍ୟକଳାପ ଯୋଗୁଁ ନୀରିହ ଆଦିବାସୀମାନେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ବୋଲି ଜାଗ ମୟୂରଭଞ୍ଜ ଜାଗର ପ୍ରତିଷ୍ଠାତା ଅରୁଣ ବେହେରା ପ୍ରକାଶ କରିଛନ୍ତି।

**ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ**
ଗଢିବ ଦିବା ଏକ ଉନ୍ନତ ଜୀବନ

**ସାର୍ବଜନୀନ ବିଜ୍ଞପ୍ତି**

ଉଜ୍ଜୀବନ ମାଇକ୍ରୋବ୍ୟାଙ୍କି ଗ୍ରୁପ୍ ଋଣ / ବ୍ୟକ୍ତିଗତ ଋଣ ଗ୍ରାହକମାନେ, ଯାହାଙ୍କର ଋଣ ସେପ୍ଟେମ୍ବର 2024 ପୂର୍ବରୁ ବିତରଣ ହୋଇଥିଲା ଏବଂ ଯେଉଁମାନେ ଅଗ୍ରିମ ଭାବରେ EMIs ଦେଇଛନ୍ତି କିନ୍ତୁ ସୁଧ ଲାଭ ପାଇନାହାନ୍ତି। ଦାବି ପ୍ରକ୍ରିୟା ଏବଂ ସାହାଯ୍ୟ ପାଇଁ ସବୁଠାରୁ ନିକଟସ୍ଥ ଉଜ୍ଜୀବନ ଶାଖାକୁ ଯାଆନ୍ତୁ। ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଜନହିତରେ ଜାରି କରାଯାଇଛି।

ପ୍ରାଧିକୃତ ସ୍ୱାକ୍ଷରକାରୀ
ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ
ତାରିଖ: 20-02-2026

**NOTICE**

By virtue of an affidavit sworn before the Notary Public, Cuttack, dated 21.02.2026 I, Bithika Das, W/o. Susil Kumar Behera resident of At- Kuansh, PO/PS/Dist- Bhadrak, Pin-756100, Odisha have changed my name from Bithika Behera to Bithika Das. Henceforth, I shall be known as **Bithika Das** for all purposes.

(Bithika Das)

**NOTICE**

By virtue of an affidavit sworn before the Notary Public, Cuttack, dated 31.03.2026 I, Gopal Bhoi S/o. Krushna Chandra Bhoi resident of At/PO- Kendubilwa, Prataprudrapur, P.S.- Balianta, Dist- Khordha, Odisha, Pin-752102 have changed my name from Gopinath Bhoi to Gopal Bhoi. Henceforth, I shall be known as **Gopal Bhoi** for all purposes.

(Gopal Bhoi)

**NOTICE**

By virtue of an affidavit sworn before the Notary Public, Cuttack, dated 31.03.2026 I, Gudia Begum W/o. Manjur Alli Khan resident of At/PO-Bamadevpur, Dist- Jajpur, Pin-755014, Odisha have changed my name from Gudia to Gudia Begum. Henceforth, I shall be known as Gudia Begum for all purposes.

(Gudia Begum)

**AFFIDAVIT**

I, Subhash Chandra Barik, aged about 57 years, S/o- Late Dasarath Barik, resident of At- Hatapada, Ward No.3, Bargarh, State: Odisha, PIN: 768028 declared by this affidavit No. 714, dtd- 06/04/2026 that now onwards I shall be known as **SUBASH CHANDRA BARIK** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାପା-ପୁଅ ହାଜତମୃତ୍ୟୁ...

ଦୋକାନରେ ବସିଥିବା ବେଳେ ୧୯ ଜୁନ୍ ୨୦୨୦ରେ ପୁଲିସ ତାଙ୍କୁ ଉଠାଇ ଆଣିଥିଲା। ପୁଲିସ କହିଥିଲା ଯେ କୋଭିଡ କର୍ଫ୍ୟୁ ଉଲ୍ଲଂଘନ କରି ସେ ଦୋକାନ ଖୋଲିଥିଲେ। କିନ୍ତୁ ତଦନ୍ତ ବେଳେ ଏହା ମିଛ ବୋଲି ଜଣାପଡ଼ିଥିଲା। ବାପାଙ୍କୁ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ ପାଇଁ ପୁଅ ବେନିକ୍ସ ଥାନା ଯାଇଥିବା ବେଳେ ପୁଲିସ ଉଭୟ ବାପା-ପୁଅଙ୍କୁ ରାତିସାରା ଥାନାରେ ରଖି ଅମାନବୀୟ ନିର୍ଯାତନା ଦେଇଥିଲା। ପୁଲିସ ସେମାନଙ୍କୁ ଏତେ ମାଡ଼ ମାରିଥିଲା ଯେ ଥାନାସାରା ରକ୍ତ ପଡ଼ିଥିଲା। ସେମାନଙ୍କ କପଡ଼ା ସାହାଯ୍ୟରେ ଏହି ରକ୍ତ ପୋଛିବା ଲାଗି ପୁଲିସ ସେମାନଙ୍କୁ ବାଧ୍ୟ କରିଥିଲା ବୋଲି ଥାନାରେ ଉପସ୍ଥିତ ଜଣେ କନେଷ୍ଟବଳ କୋର୍ଟରେ ସାକ୍ଷ୍ୟ ଦେଇଥିଲେ। ସକାଳେ କୋର୍ଟରେ ସେମାନଙ୍କୁ ହାଜର କରାଯାଇଥିଲା। କୋର୍ଟ ଏହି ବାପା-ପୁଅଙ୍କୁ ଜେଲ୍ ହାଜତକୁ ପଠାଇଦେଇଥିଲା। ସେମାନଙ୍କର ମେଡିକାଲ ଚିକିତ୍ସା ନକରି ସିଧା ଜେଲ ପଠାଇ ଦିଆଯାଇଥିଲା। ଜେଲରେ ଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ୨୨ ତାରିଖରେ ପୁଅର ମୃତ୍ୟୁ ଘଟିଥିବା ବେଳେ ଏହାର ଗୋଟିଏ ଦିନ ପରେ ବାପାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ବେଳେ ଜଣାପଡ଼ିଥିଲା ଯେ ସେମାନଙ୍କ ଦେହ ସାରା ମାଡ଼ର ଚିହ୍ନ ଥିଲା। ଏହାକୁ ନେଇ ସାରା ଦେଶରେ ଉଦବେଗ ପ୍ରକାଶ ପାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହି ମାମଲାର ତଦନ୍ତ କରି ସେହିବର୍ଷ ସେପଟେମ୍ବର ୨୫ ତାରିଖରେ ୯ ପୁଲିସ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

### ଥରିଲା ତେହରାନ...

ଲାରିଜାନିଙ୍କ ଭଳି ପ୍ରଭାଶାଳୀ ବ୍ୟକ୍ତିତ୍ୱ ହରାଇ ସାରିଛି, ଯାହା ଦେଶର ଶାସନ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଏହି ଅକ୍ରମଣ ଏମିତି ସମୟରେ ହୋଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ତେହରାନକୁ ଦେଇଥିବା ସମୟସୀମା ଶେଷ ହେବାକୁ ଯାଉଛି। ଅନ୍ୟପଟେ ୪୫ ଦିନିଆ ଅସ୍ତ୍ରବିରତି ପାଇଁ ଆଲୋଚନା ଜାରି ରହିଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତି ଏହାକୁ ଜଟିଳ କରିଦେଇଛି। ଆଇଆରଜିସି ମଧ୍ୟ ଏ ନେଇ ମନ୍ତବ୍ୟ ଦେଇଛି ଓ ଖାଦେମି ସହିଦ ହେବା ନେଇ ନିଶ୍ଚିତ କରିଛି। ଦେଶର ସୁରକ୍ଷା ଓ ବିପ୍ଳବକୁ ବଞ୍ଚାଇବା ପାଇଁ ତାଙ୍କର ଅର୍ଦ୍ଧଶତାବ୍ଦୀର ଅବଦାନ ସର୍ବଦା ମାର୍ଗଦର୍ଶକ ହୋଇ ରହିବ ବୋଲି ଆଇଆରଜିସି ତରଫରୁ କୁହାଯାଇଛି।

### ୧୪ ବିଶ୍ୱବିଦ୍ୟାଳୟରେ...

ବିଜେଡି ଅଭିଯୋଗ କରିଥିଲା। ଖାଲି ସେତିକି ନୁହେଁ, ବିଧାନସଭା ଅଧିବେଶନରେ ବି ବିରୋଧୀ ଦଳ ବିଧାୟକମାନେ ବାରମ୍ବାର ଏ ସଂକ୍ରାନ୍ତରେ ପ୍ରଶ୍ନ କରି ସରକାରଙ୍କୁ ଘାଇଲା କରିଥିଲେ। ଉଚ୍ଚଶିକ୍ଷାର ଦୁର୍ଗତି ପାଇଁ ଗୃହ ଭିତରେ ଓ ବାହାରେ ସରକାରଙ୍କୁ ଦାୟୀ କରି ଚାପ ସୃଷ୍ଟି କରିଥିଲା।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର୍ ଚଣ୍ଡୀ ପ୍ରସାଦ ନନ୍ଦ ନିଯୁକ୍ତି ପାଇଥିବା ବେଳେ ରେଭେନ୍ସା ପାଇଁ ପ୍ରଫେସର୍ ଅର୍କ କୁମାର ଦାସ ମହାପାତ୍ର ନିଯୁକ୍ତ ହୋଇଛନ୍ତି। କେଉଁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ସଞ୍ଜୟ କୁମାର ପାତ୍ର, ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ବ୍ୟୋମକେଶ ତ୍ରିପାଠୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ଅସୀମା ସାହୁ, କଳାହାଣ୍ଡି ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ପୱନ କୁମାର ଅଗ୍ରୱାଲ, କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ଶିବରାମ ତ୍ରିପାଠୀ, ମୟୂରଭଞ୍ଜ ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ମହେନ୍ଦ୍ର କୁମାର ମହାନ୍ତି, ବଲାଙ୍ଗିରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ବିଭୂତି ଭୂଷଣ ମଲିକ, ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ' ପାଇଁ ପ୍ରଫେସର୍ ଜ୍ୟୋତ୍ସ୍ନା କେ.ବି ରାଉତ, ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ର, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ହୃଷୀକେଶ ସେନାପତି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ସତ୍ୟନାରାୟଣ ଆଚାର୍ଯ୍ୟ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ନୂତନ ତାଲିକାରେ କେବଳ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର୍ ସନ୍ତୋଷ ତ୍ରିପାଠୀ ଅପରିବର୍ତ୍ତିତ ରହିଛନ୍ତି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବନିଯୁକ୍ତ କୁଳପତିଙ୍କ ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷା, ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ଗଢ଼ି ତୋଳିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାତି ଆଶାବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୧୩ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ଗତବର୍ଷ ଜୁନ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟ ଏଥିରେ ଯୋଡ଼ି ହୋଇଥିଲା। ପ୍ରାୟ ୧୦ମାସ ପରେ ସମସ୍ତ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ହୋଇଛନ୍ତି।

### କମିବନି କାଳବୈଶାଖୀ...

ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଏପ୍ରିଲ ମାସରେ ମିଶ୍ରତ ପାଣିପାଗ ସ୍ଥିତି ଜାରି ରହିବ। ସେ କହିଛନ୍ତି, ଚଳିତ ଗ୍ରୀଷ୍ମ ଋତୁରେ ମୌସୁମୀ ଆଗମନ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସ୍ଥିତି ଦେଖିବାକୁ ମିଳିବ। ଏପ୍ରିଲ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ନିର୍ଦ୍ଧାରିତ ତାପମାତ୍ରା (୩୫-୩୮ ଡିଗ୍ରୀ) ରହିବାର ସମ୍ଭାବନା ଅଛି। ଉତ୍ତର ଭାରତ ଦେଇ ଗତି କରୁଥିବା ପଶ୍ଚିମା-ଝଡ଼ଗୁଡ଼ିକ ଓଡ଼ିଶାରେ କାଳବୈଶାଖୀ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଏହି ବର୍ଷା ଏକ "ବାୟୁମଣ୍ଡଳୀୟ ବଫର୍' ଭାବେ କାମ କରି ପ୍ରଖର ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦେବ। ତେବେ ମେ' ମାସରେ ଗ୍ରୀଷ୍ମପ୍ରବାହ ଚରମ ସୀମାରେ ପହଞ୍ଚିବ। ମେ' ମାସ ବର୍ଷର ସବୁଠାରୁ ଉତ୍ତପ୍ତ ମାସରେ ପରିଣତ ହେବ, ଯେଉଁଥିରେ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଟପିପାରେ। ବର୍ଷା ସ୍ୱାଭାବିକ ରହିବ, କିନ୍ତୁ ଏହା ଅତ୍ୟନ୍ତ ଅନିଶ୍ଚିତ ଏବଂ କ୍ଷଣସ୍ଥାୟୀ ହୋଇପାରେ। ଜୁନ୍ ମାସ ବେଳକୁ ବାୟୁମଣ୍ଡଳର ତାପମାତ୍ରାରେ କିଛିଟା ହ୍ରାସ ଆସିବ; କିନ୍ତୁ ଆର୍ଦ୍ରତା ବୃଦ୍ଧି ପାଇବାରୁ ଗୁଳୁଗୁଳି ବଢ଼ିବ। ସ୍ୱାଭାବିକ ଭାବେ ଜୁନ୍ ୧୦ ରୁ ୧୫ ମଧ୍ୟରେ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି।

### ମନ୍ତ୍ରୀ ମନା କରିଥିଲେ...

ସମାଲୋଚିତ ହୋଇଛନ୍ତି।

ରବିବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଆଉ ୫ କେଜି ଗ୍ୟାସ୍ ମିଳିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଶ୍ରମଜୀବୀମାନେ ଆତଙ୍କିତ ହୋଇପଡ଼ିଥିଲେ। ସାଧାରଣତଃ ବର୍ତ୍ତମାନ ଗ୍ୟାସ୍ ସିଲିଣ୍ଡର ଟିଏ ପାଇବା ପାଇଁ ଅନେକ ଝାଳ ବୁହାଇବାକୁ ପଡ଼ିଥିବା ବେଳେ ଯେ କୌଣସି ସ୍ଥିତିରେ ହେଉ ପଛେ ଲୋକେ ଗ୍ୟାସ୍ ପାଇବା ପାଇଁ ବ୍ୟାକୁଳ ହେଉଛନ୍ତି। ଏହି ସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ୫ କେଜିଆ ଗ୍ୟାସ୍ ବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ନେଇ ଘୋଷଣା କରିବାରୁ ଲୋକଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଖୋଲା ବଜାରରେ ୧୪ କେଜିଆ ଟାଙ୍କି ପାଇବା ପାଇଁ ହେଲେ ଲୋକଙ୍କୁ ୩-୪ ହଜାର ଟଙ୍କା ଦେବାକୁ ପଡୁଥିବା ବେଳେ ୫ କେଜିଆ ଗ୍ୟାସ୍ ୧୫୦୦ ଟଙ୍କା ଦେଇ ଆଣିବାକୁ ପଡୁଛି। ଦିନ ମଜୁରିଆ ଓ ଭଡ଼ାରେ ରହୁଥିବା ଛାତ୍ରଛାତ୍ରୀମାନେ ଦୁଃଖେକଷ୍ଟେ ଟଙ୍କା ୧୫୦୦ ଦେଇ ୫ କେଜିଆ ଗ୍ୟାସ୍ ଆଣି ଚଳିଯାଉଥିଲେ। ହେଲେ ମନ୍ତ୍ରୀଙ୍କ ମନ୍ତବ୍ୟ ଏହି ଘଟଣା ଆହୁରି ରୋଚକ ହୋଇଥିଲା। ତେବେ ସୋମବାର ସକାଳୁ ଯୋଗାଣ ବିଭାଗ ତତ୍ପର ହୋଇ ତୁରନ୍ତ ଏହି ଘଟଣାରେ ସ୍ପଷ୍ଟିକରଣ ରଖିବା ସହ ୫ କେଜିଆ ଗ୍ୟାସ ବିତରଣ ପୂର୍ବବତ୍ ଜାରି ରହିବ ବୋଲି କହିଥିଲା। ଏହାପରେ ଖୋଦ୍ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ସାମ୍ବାଦିକ ସମ୍ମିଳନୀ କରି ୫ କେଜିଆ ଗ୍ୟାସ ଯୋଗାଣ ବନ୍ଦ ହେବ ନାହିଁ ବୋଲି ସୁନିଶ୍ଚିତ କରାଇଥିଲେ।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି, ରାଜ୍ୟରେ ପେଟ୍ରୋଲ ଓ ଡିଜେଲ, ଗ୍ୟାସ ଆଦିରେ କୌଣସି ଅଭାବ ନାହିଁ। ଗୋଟେ ଦୁଇଟି ସ୍ଥାନରେ ପେଟ୍ରୋଲ-ଡିଜେଲ ମିଳିବାରେ ସମସ୍ୟା ହେଉଛି କିନ୍ତୁ ଅସୁବିଧା ନାହିଁ। ସେହିପରି ଏଲ୍‌ପିଜି ଗ୍ୟାସ୍‌ରେ କୌଣସି ସମସ୍ୟା ନାହିଁ। ବର୍ତ୍ତମାନ ୭୦ ପ୍ରତିଶତ ପିଏନ୍‌ଜି ଗ୍ୟାସ୍ ପ୍ରଦାନ କରାଯାଉଛି। ଯେଉଁଠି ଅତି ଆବଶ୍ୟକ ଅଛି ସେଠାକୁ ୨୦ ପ୍ରତିଶତ ପିଏନ୍‌ଜି ଆଗୁଆ ଯୋଗାଇ ଦିଆଯାଇଛି। ଏହାକୁ ମନିଟରିଂ କରିବାକୁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଅଛି। ତେବେ ୫ କେଜି ସିଲିଣ୍ଡରକୁ ନେଇ ତୈଳ କମ୍ପାନୀ ମାନେ ଇ-କେୱାଇସି କରି ଗ୍ୟାସ୍ ଦେଉଛନ୍ତି। ସେଥିରେ କୌଣସି ଅସୁବିଧା ନାହିଁ। ଶ୍ରମିକ ଓ ଛାତ୍ରଛାତ୍ରୀମାନେ ୫ କେଜି ଗ୍ୟାସ୍ ନେବାକୁ ହେଲେ ପରିଚୟପତ୍ର ଦେଖାଇ ନେଇପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି, ତୈଳ କମ୍ପାନୀ ମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ୍ କରି ୫ କେଜି ଗ୍ୟାସ୍ ପ୍ରଦାନ କରୁଛନ୍ତି। ତେବେ କେବଳ ବିନା ଅନୁମତିରେ ବ୍ୟବସାୟ କରୁଥିବା ଲୋକଙ୍କ ଉପରେ ଏହି କଟକଣା ରହିଛି ବୋଲି ସେ କହିଛନ୍ତି। କଳାବଜାରୀ ରୋକିବା ପାଇଁ ହିଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ସିଂ କହିଛନ୍ତି। କେନ୍ଦ୍ର ସରକାର ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀମାନଙ୍କୁ ୫ କେଜିର ଗ୍ୟାସ୍ ଦେବାରେ କୌଣସି ସମସ୍ୟା ନ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ନିଜର ପରିଚୟ ପତ୍ର ଦେଖାଇ ୫ କେଜି ଫ୍ରି ଟ୍ରେଡିଂ ଏଲପିଜି ଭରିପାରିବାର ନିୟମ କରାଯାଇଛି। ତେବେ ଏହା କେବଳ ଗ୍ୟାସ କମ୍ପାନୀଗୁଡ଼ିକ ହିଁ ଯୋଗାଇ ଦେବେ ବୋଲି ନିଷ୍ପତ୍ତି ହୋଇଛି।

### ଏନ୍‌ଆଇଏ ନେଲା ...

ବୋମା ଭିଡିଲା ବେଳେ ଏଭଳି ବିସ୍ଫୋରଣ ହୋଇଥିଲା। ଏଥିରେ ବୋମା ଭିଡୁଥିବା ମୁଖ୍ୟ ଅଭିଯୁକ୍ତ ସେହେନୱାଜ୍ ମଲ୍ଲିକ, ତା'ର ମା', ବାନ୍ଧବୀ ଏବଂ ଜଣେ ସହଯୋଗୀ ଏଥିରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତି ସମୟରେ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିଲା। ଖବରପାଇ କମିଶନରେଟ୍ ପୁଲିସ ଏବଂ ଏନ୍‌ଆଇଏ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ।

ପ୍ରାରମ୍ଭରୁ ବିସ୍ଫୋରକରେ ଆରଡିଏକ୍ସରେ ବ୍ୟବହୃତ ଉପାଦାନ ବୋମାରେ ମିଳିବା ନେଇ ସନ୍ଦେହ କରାଯାଉଥିଲା। ଏଣୁ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ଫରେନ୍‌ସିକ୍ ଲ୍ୟାବ୍‌କୁ ପରିକ୍ଷଣ ପାଇଁ ପଠାଯାଇଥିଲା। ରିପୋର୍ଟ ଆସିବା ପରେ ଏନ୍‌ଆଇଏ ଏହାର ତଦନ୍ତ ଭାର ହାତକୁ ନେଇଥିଲା। ଏନ୍‌ଆଇଏ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିସନରେଟ ପୁଲିସ ଠାରୁ ହାତକୁ ନେଇଛି।

ତେବେ ଏହି ସାମଗ୍ରୀ କେଉଁଠୁ ଆସିଲା। ମଫିର କ୍ରାଇମ୍ ନେଟ୍‌ୱାକ୍ କଣ ରହିଛି। କେଉଁ ଆନ୍ତରାଜ୍ୟ ବୋମ ବିସ୍ଫୋରଣ ଗ୍ୟାଙ୍ଗ୍ ସହ ତାହର ଲିଙ୍କ୍ ରହିଛି। ସେହିପରି ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ କେଉଁଠାରେ ବ୍ୟବହାର ହୋଇଥାନ୍ତା। ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବ ଏନ୍‌ଆଇଏ। ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମଫିର ଗାର୍ଲଫ୍ରେଣ୍ଡ ଏବଂ ତାର ସାଙ୍ଗକୁ ଖୁବ୍‌ଶୀଘ୍ର ପଚରାଉଚରା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଘରମୁହାଁ ପ୍ରବାସୀ...

ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ଦେଶରେ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ଏକ ଗୁରୁତର ସଙ୍କଟ ଦେଖାଦେଇଛି। ଏଥିଯୋଗୁଁ ସାରା ଦେଶରେ ରେସ୍ତୋରାଁ ଏବଂ ହୋଟେଲଗୁଡ଼ିକ ଧୀରେ ଧୀରେ ବନ୍ଦ ହେବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ନୂଆଦିଲ୍ଲୀ, ମୁମ୍ବଇ ଏବଂ ବେଙ୍ଗାଲୁରୁ ରେଳ ଷ୍ଟେସନକୁ ଦେଖିଲେ ଅନୁମାନ କରାଯାଇପାରିବ। ଷ୍ଟେସନ୍‌ରେ ହଜାର ହଜାର ସଂଖ୍ୟାରେ ପ୍ରବାସୀ ଶ୍ରମିକ ଘରକୁ ଫେରିବାକୁ ଟ୍ରେନ୍ ପାଇଁ ଅପେକ୍ଷାରତ। ଦିଲ୍ଲୀରୁ ଉତ୍ତର ପ୍ରଦେଶ, ଓଡ଼ିଶା, ବିହାର, ହରିୟାଣା, ପଞ୍ଜାବ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଘର ଫେରନ୍ତା ଶ୍ରମିକଙ୍କ ସୁଅ ଛୁଟିଛି। ସେହିପରି ସୁରତ ଏବଂ ବେଙ୍ଗାଲୁରୁରୁ ଅନେକ ସଂଖ୍ୟାରେ ଓଡ଼ିଆ ଶ୍ରମିକ ଜାଳେଣି ସମସ୍ୟା ଯୋଗୁଁ ଘରକୁ ଫେରୁଛନ୍ତି। ରାଜ୍ୟର ବ୍ରହ୍ମପୁର, ଗଜପତି, ଖୋର୍ଦ୍ଧା ଏବଂ କଟକ ଜିଲାରୁ ବହୁସଂଖ୍ୟକ ଶ୍ରମିକ କାମ ଛାଡି ଘରକୁ ଫେରୁଥିବାବେଳେ କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଯାଜପୁର ଏବଂ ଭଦ୍ରକ ଜିଲାରୁ ଶ୍ରମିକମାନେ ବେଙ୍ଗାଲୁରୁରୁ ନିଜ ବାସସ୍ଥାନକୁ ଫେରିବାରେ ଲାଗିଛନ୍ତି। ଶ୍ରମିକମାନଙ୍କ କହିବାନୁଯାୟୀ, ଏକ ୧୪.୨ କିଲୋଗ୍ରାମ ଓଜନର ଏଲପିଜି ସିଲିଣ୍ଡର ମୂଲ୍ୟ ଏବେ କଳାବଜାରରେ କିଲୋଗ୍ରାମ ପିଛା ପ୍ରାୟ ୫୦୦୦ ଟଙ୍କା ଉପରେ ବିକ୍ରି ହେଉଛି। ଯାହାଫଳରେ ନିମ୍ନ ଆୟକାରୀ ଦୈନିକ ମଜୁରିଆ ଶ୍ରମିକଙ୍କ ପାଇଁ ଏହା କିଣିବା କଷ୍ଟକର ହୋଇପଡ଼ିଛି।

ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଇରାନରେ ଯୁଦ୍ଧ ଦ୍ୱାରା ଏଲପିଜି ସଙ୍କଟ ଆହୁରି ତୀବ୍ର ହୋଇଛି ଏବଂ ବର୍ତ୍ତମାନ ଏହା ପଞ୍ଚମ ସପ୍ତାହରେ ପହଞ୍ଚିଛି। ପ୍ରବାସୀ ଶ୍ରମିକଙ୍କ ବ୍ୟତୀତ ବାହାର ସହରଗୁଡ଼ିକରେ ରହିଥିବା ଅନେକ ଛାତ୍ରଛାତ୍ରୀ ଏବଂ ଚାକିରିଆ ବ୍ୟାଚେଲରଙ୍କ ଅବସ୍ଥା କହିଲେ ନ ସରେ। କେଉଁଠି ଶିକ୍ଷାନୁଷ୍ଠାନର କ୍ୟାଣ୍ଟିନ୍ ବନ୍ଦ ତ କେଉଁଠାରେ ହୋଟେଲ ବନ୍ଦ। ନିଜସ୍ୱ ରୋଷେଇ ବ୍ୟବସ୍ଥା କରି ନ ଥିବା ଏହି ପାଠପଢ଼ା ପିଲା ଏବଂ ପ୍ରଫେସନାଲମାନେ ରନ୍ଧନ ଗ୍ୟାସ୍‌ର ଅଭାବ ଯୋଗୁଁ ନିଜ ନିଜର ଘରକୁ ଫେରି ଆସୁଛନ୍ତି। ଉତ୍ତର ପ୍ରଦେଶଗାମୀ କାମାୟନୀ ଏକ୍ସପ୍ରେସ୍, ବିହାର ଅଭିମୁଖୀ ଲୋକମାନ୍ୟ ତିଲକ ଟର୍ମିନସ୍-ରାଜଗିର ଏକ୍ସପ୍ରେସ୍ ,ଓଡ଼ିଶା ଆସୁଥିବା ପୁରୀ-ଅହମ୍ମଦାବାଦ୍ ସୁପରଫାଷ୍ଟ ଏବଂ ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଏବଂ ପଶ୍ଚିମବଙ୍ଗ ଅଭିମୁଖୀ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍-ହାୱଡା ମେଲ୍ ଭଳି ଟ୍ରେନ୍‌ରେ ବହୁ ସଂଖ୍ୟାରେ ଯାତ୍ରୀ ନିଜ ଭିଟାମାଟିକୁ ଫେରୁଥିବା ଦେଖିବାକୁ ମିଳୁଛି। ଏହାଛଡା ଅନିୟମିତ ଗ୍ୟାସ୍ ଯୋଗାଣ ଯୋଗୁଁ ବଡ଼ ବଡ଼ ସହରରେ ରେସ୍ତୋରାଁ ଏବଂ ହୋଟେଲ ବନ୍ଦ ହୋଇଯାଉଥିବାରୁ ସେଠାରେ କାମ କରୁଥିବା ହଜାର ହଜାର ସଂଖ୍ୟାରେ ଲୋକ ଅନିଶ୍ଚିତତାର ସମ୍ମୁଖୀନ ହୋଇ ବର୍ତ୍ତମାନ ସେମାନଙ୍କ ଗାଁକୁ ଫେରିଆସୁଛନ୍ତି। ଶ୍ରମିକମାନେ କହିଛନ୍ତି ଯେ ଚାକିରି ଉପଲବ୍ଧ ଥିଲେ ମଧ୍ୟ ଚଢ଼ାଦରରେ ରୋଷେଇ ଗ୍ୟାସ୍ କିଣିବା ସେମାନଙ୍କ ସାଧ ବାହାରେ ହୋଇଯାଉଛି। ତେଣୁ ବାହାରେ ଖାଇବା ବହୁତ ମହଙ୍ଗା ହେବା ଯୋଗୁଁ ସେମାନେ ସହର ଛାଡିବାକୁ ବାଧ୍ୟ ହେଉଛନ୍ତି।

27001/5/2627

**ଓଡିଶା ଆଦର୍ଶ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ଗୁଡଭେଲା, ବଲାଙ୍ଗିର**

ବିଜ୍ଞାପନ ସଂଖ୍ୟା – ୦୦୧ ତାରିଖ – ୦୬.୦୪.୨୦୨୬

**ଆଦର୍ଶ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ଗୁଡଭେଲାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗିର ଜିଲ୍ଲାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟିର ଛାତ୍ରାବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ। ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ। ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.-୦୭.୦୪.୨୦୨୬ ରୁ ୨୧.୦୪.୨୦୨୬ ରିଖ ସୁଦ୍ଧା ଓଡିଶା ଆଦର୍ଶ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ଗୁଡଭେଲାର ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ. ୦୭.୩୦ ମି. ରୁ ଘ. ୧୦.୩୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ। ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVBMD ରେ ଉପଲବ୍ଧ ଅଟେ।

ସା/- ଅଧ୍ୟକ୍ଷ
ଓଡିଶା ଆଦର୍ଶ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ଗୁଡଭେଲା, ବଲାଙ୍ଗିର

OIPR-27001/27216/1/26-27/0001

13001/47/2627

**Office of the Executive Engineer, Public Health Division, Angul**

Ph # 06764-296431, Email-eephangul@yahoo.in

QUOTATION CALL NOTICE NO. 12 OF 2025-26

The Addl. Chief Engineer, P.H. Division, Angul on behalf of Governor of Odisha, invites sealed quotations from the Water Tanker Owners / Contractors duly registered under State/ Central Govt. for deployment of Mini Truck mounted/Truck Mounted/Tractor mounted water tanker of capacity 4 KL/ Tata ACE 2 KL including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHEO loading ponts to different locations within the town on daily basis minimum four trips/day during **Summer-2026 (April, May, June)** in different ULBs under mentioned below. Last date & time for receipt of quotation upto **5.00 PM** of dt. **06.04.2026** & quotation will opened next day i.e **12.30 PM dt. 07.04.2026**. The quotationer should enclose attested copy of valid contractor registration certificate, GST, Pan card, Registration certificate, Fitness certificate/permit/pollution free certificate/insurance of vehicle/driving license of the driver. The rate should be quoted per day vehicle basis against each ULB & inclusive of hire charges of vehicle, fuel & lubricants along with salary of driver & helper. In case the intending bidder does not own Mini Truck Mounted/Truck Mounted/Tractor Mounted water tanker he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose. The number of vehicle and number of days to be engaged may vary as per requirement. The authority reserves the right to reject any or all the quotations without assigning any reason thereof.

| Sl No | Name of ULBs | EMD 1% of quoted value | No of vehicle | Capacity of vehicle in KL | Tentative period of engagement | Unit | Rate/ Day/ Vehicle Word | Rate/ Day/ Vehicle figure |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Angul | The quotation must be accompanied by 1 % earnest money deposit of the quoted value in shape of NSC, POTD, Post Office Saving Bank Account, Deposit receipt of any scheduled bank, and duly pleged in favour of Executive Engineer, P.H. Division, Angul. | 1 | 4 KL | 75 days | Per day | | |
| 2 | Talcher | | 1 | 4 KL | 75 days | -do- | | |
| 3 | Dhenkanal | | 5 | 4 KL | 75 days | -do- | | |
| | | | 2 | 2 KL | | | | |
| 4 | Kamakhyan agar | | 1 | 4 KL | 75 days | -do- | | |
| 5 | Bhuban | | 1 | 4 KL | 75 days | -do- | | |
| 6 | Hindol | | 1 | 4 KL | 75 days | -do- | | |

Addl. Chief Engineer,
P.H. Division, Angul

OIPR-13001/13056/1/26-27/0001

32001/22/2627

GOVERNMENT OF ODISHA DEPARTMENT OF WATER RESOURCES
INVITATION OF BIDS (IFB)
OFFICE OF THE EXECUTIVE ENGINEER
BOUDH IRRIGATION DIVISION, BOUDH, Pin-762014
e-mail id – eebidboudh@gmail.com

"e"-procurement Notice No. – 01/2026-27
**Bid Identification No. EE BOD-01/2026-27**

The Executive Engineer, Boudh Irrigation Division, Boudh, on behalf of Governor of Odisha invites online Percentage rate tenders in Single cover system to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Canal lining & Repair of Canal Structure |
| 2 | No of Works | 11 Nos |
| 3 | Class of Contractor | "B" & "C" Class (Odisha PWD or relevant class of other licensing Authority.) |
| 4 | Bid Identification No. | EEBOD-01/2026-27 |
| 5 | Estimated Cost | Varies approximately from 21.72 lakhs to 39.49 lakhs |
| 6 | Period of Completion | 6 (Six) Calendar Months |
| 7 | Date & time of availability of bid documents in the Portal | From 10.04.2026 (11.00 AM) to 24.04.2026 (05.30 P.M.) |
| 8 | Last date/time for receipt of bids through online | 24.04.2026 up to 05.30 P.M. |
| 9 | Date of Opening of Bid through online | 27.04.2026 (11.00 AM onwards in the Office of the undersigned.) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Executive Engineer
Boudh Irrigation Division, Boudh

OIPR-32001/32111/1/26-27/0001

**NOTICE**

By virtue of an affidavit sworn before the Notary Public, Cuttack, dated 28.01.2026 I, AK Yashraj S/o. Keshab Chandra Behera permanent resident of At-Plot No. 3E/384, Sector–9, CDA, Near Jugal Kishore Park, VTC-Cuttack Sadar, P.O.- Avinab Bidanasi, Dist- Cuttack, Odisha, Pin- 753014 have changed my name from A K Yashraj to AK Yashraj. Henceforth, I shall be known as **AK Yashraj** for all purposes.

(AK Yashraj)

**NOTICE**

By virtue of an affidavit sworn before the Notary Public, Cuttack, dated 05.02.2026 I, Samir Kumar Amanta, aged about 45 years, S/o. Basanta Amanta resident of At-Atharbanka, Atharbanki Rly. Colony, Paradip, Dist-Jagatsinghpur, Pin- 754120 have changed my name from Samira Amanta to Samir Kumar Amanta. Henceforth, I shall be known as **Samir Kumar Amanta** for all purposes.

Samir Kumar Amanta

**TPNODL**
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP Northern Odisha Distribution Limited**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) April 05th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001159 | Rate Contract for Supply of 11KV & 33KV Metering Units |
| 2 | TPNODL/OT/2026-27/2500001160 | Rate Contract for Supply of Earthing Equipment & GI Wire |
| 3 | TPNODL/OT/2026-27/2500001156 | Rate Contract for Supply of Uniform for TPNODL Employees |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website. Future communication / corrigendum to tender documents, if any, shall be available on website.

Chief- Contracts & MM

**AFFIDAVIT**

I, Pradeep Kuamr Nayak, aged about 57 years, S/o- Purna Chandra Nayak, resident of At-B/1 MCL Colony Balinga, Basundhara, PS- Hemgir, Dist- Sundargarh, PIN-770076, State: Odisha declared by this affidavit No. 68, dtd- 02/04/2026 that now onwards I shall be known as **PRADEEP KUMAR NAYAK** for all future purposes.

**AFFIDAVIT**

I, Pragyan Paramita Samantray, aged about 39 years, W/o- Binayak Das, resident of At- Kunheipada, Ps- Baranga, Dist- Cuttack, Pin- 754005, Odisha do hereby declare by this affidavit No. 713, dtd-06/04/2026, that now onwards I shall be known as **PRANGYA PARAMITA SAMANTRAY** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Betnoti, Majurbhanj, dated 01-09-2025 I, Biswanatha Hembram, AT-Gargadia (Dhadasahi, PO- Agria, PS- Baising, Dist- Mayurbhanj, PIN-757025 declare that I have changed the name, date of birth, father's name, mother's name and address of my grand daughter from Sukanti Munda, to Sukanti Hembram, Date of Birth 21.03.2011, D/O (L) Kundu Hembram (Father), (L) Geeta Hembram (Mother) At Gargadia (Dhadasahi), PO: Agria, PS: Baisinga Dist, Mayurbhanj PIN 757025, Odisha. Henceforth, she shall be known as **Sukanti Hembram** for all purposes.

Biswanatha Hembram

**ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ପ୍ରସଙ୍ଗ**

# ଖବର ପ୍ରକାଶ ପରେ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା,୬।୪(ସମିସ)

ଗତ ୫ ତାରିଖ 'ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ଅଭିଯୋଗ; ଖାଦ୍ୟ ଓଜନରେ ଠକାମୀକୁ ନେଇ ତଦନ୍ତ ଦାବି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଘଟଣାର ତଦନ୍ତ ନିମନ୍ତେ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଶିଶୁ, ଗର୍ଭବତୀ, କିଶୋରୀ ଓ ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଛତୁଆ, ବାଦାମ ଲଡ୍ଡୁ, ସୁଜି, ମୁଢ଼ି, ବେସନ, ସୋଲା ଓ ଖଜୁରୀ ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥାଏ। ବନ୍ତ ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ଉକ୍ତ ଖାଦ୍ୟ ବଣ୍ଟନ ଦାୟିତ୍ୱ ଆଲମଙ୍ଗାର ମା' ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏହି ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଦାୟିତ୍ୱରେ ଥିବାବେଳେ ବିଭିନ୍ନ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ଗୋଷ୍ଠୀକୁ କିଛି ମାସ ପାଇଁ ଦାୟିତ୍ୱରୁ ନିବୃତ ରଖାଯାଇଥିଲା। ପରେ ଅନ୍ୟ ଦୁଇଟି ଗୋଷ୍ଠୀକୁ ବନ୍ତ ବ୍ଲକ୍ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ୬ ମାସ ପରେ ଉକ୍ତ ଦୁଇ ଗୋଷ୍ଠୀକୁ କାଟି ପୁନର୍ବାର ମନ୍ତ୍ରବାସୁଳୀ ଗୋଷ୍ଠୀ ଦାୟିତ୍ୱ ନେଇଛି। ଏବେ ମଧ୍ୟ ମାଳମାଳ ଅଭିଯୋଗ ଆସିଛି ଏହି ଗୋଷ୍ଠୀ ବିରୋଧରେ। ହଳଦିଆ ରଙ୍ଗର ଜରି ପ୍ୟାକ୍ ଥିବା ଛତୁଆରେ ଗହମ ୨.୫ କେଜି, ବୁଟ ୫୦୦ ଗ୍ରାମ୍, ଚିନାବାଦାମ ୩୭୫ ଗ୍ରାମ୍, ଚିନି ୬୨୫ ଗ୍ରାମ୍ ମିଶ୍ରିତ ହୋଇ ଛତୁଆ ୪ କେଜି ପ୍ରସ୍ତୁତ ହେବା ପାଇ ରାଜ୍ୟ ସରକାରଙ୍କ ତରଫରୁ ନିୟମ ଅଛି। ବନ୍ତ ବ୍ଲକ୍‌ରେ ଦାୟିତ୍ୱରେ ଥିବା ମନ୍ତ୍ରବାସୁଳୀ ଗୋଷ୍ଠୀ ୪ କେଜି ଛତୁଆ ଦେବା ବଦଳରେ ୩ କେଜି ୪୯୦ ଗ୍ରାମ୍ ଛତୁଆ ପ୍ରଦାନ କରୁଛି। ଏହା ସହିତ ଏହାର ମାନ ନିମ୍ନମାନର ଥିବା ସହିତ ଖାଇବା ଅନୁପଯୋଗୀ ବୋଲି ଅଭିଯୋଗ ଆସିଛି। ସୁଜି ଓ ବେସନରେ ଲମ୍ବା ଧଳା ପୋକ, ବାଦାମ ଲଡ୍ଡୁରେ ପୋକରା ବାଦାମ ବ୍ୟବହାର, ମୁଢ଼ିରେ ବାଲି ବାହାରୁଥିବାବେଳେ ପୋକରା ସୋଲା, ନିମ୍ନମାନର ଖଜୁରୀ ପ୍ରଦାନ ନେଇ ସାଧାରଣରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।



ସକାଳ ପ୍ରଭାବ

ଅନ୍ୟପକ୍ଷରେ ରାଜ୍ୟ ସରକାର ମାଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବାବେଳେ ଏହି ଗୋଷ୍ଠୀ ମାଣ୍ଡିଆ ଦେଉନାହିଁ। ନିମ୍ନମାନର ଖାଦ୍ୟ ହୋଇଥିବାରୁ ଏହାକୁ ଛୋଟ ଛୁଆ, ଗର୍ଭବତୀ, ପ୍ରସୂତି ଓ କିଶୋରୀ ଖାଇପାରୁ ନାହାନ୍ତି। ଉକ୍ତ ଗୋଷ୍ଠୀ ବିରୋଧରେ ଆଗରୁ ଅନେକବାର ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲେ ମଧ୍ୟ କ'ଣ ପାଇ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ଓ ବିଭାଗୀୟ ଅଧିକାରୀ କ'ଣ ପାଇଁ ଜାଣିଶୁଣି ଚୁପ୍ ରହୁଛନ୍ତି ତାହା ସାଧାରଣରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଦାୟିତ୍ୱରେ ଥିବା ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବହିଷ୍କାର କରିବା ସହିତ ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ବନ୍ତ ବ୍ଲକ୍ ସିଡିପିଓଙ୍କୁ ଏହି ଘଟଣା ବିଷୟରେ ପଚାରିବାରୁ ବିଭିନ୍ନ କଥା କହି ଆସିଥିବା ଅଭିଯୋଗକୁ ଆଡ଼େଇ ଦେଇଥିଲେ। ପରେ ଅଭିଯୋଗ ଉପରେ ତଦନ୍ତ କରାଯିବା ସହ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ନୂତନ ଶିକ୍ଷା ବର୍ଷ ଆରମ୍ଭ; ପର୍ଯ୍ୟାପ୍ତ ପାଠ୍ୟପୁସ୍ତକ ଅଭାବ

ବାରିକପୁର,୬।୪(ସମିସ): ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପ୍ରବେଶ କଲେଣି। ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଇ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ପରିତାପର ବିଷୟ ଏଯାଏଁ ପିଲାମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ପାଠ୍ୟପୁସ୍ତକ ମିଳୁନାହିଁ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପ୍ରାୟ ୧୨ ହଜାରରୁ ଅଧିକ ପିଲା ଅଧ୍ୟୟନ କରୁଛନ୍ତି। ଏଯାବତ୍ ଅଷ୍ଟମ ଶ୍ରେଣୀ ପାଇଁ ୨ଟି, ସପ୍ତମ ଶ୍ରେଣୀ ପାଇଁ ୨, ଷଷ୍ଠ ଶ୍ରେଣୀ ପାଇଁ ୫, ପଞ୍ଚମ ଶ୍ରେଣୀ ପାଇଁ ୫ଟି ବହି ଆସିଛି। ଅନୁରୂପ ଭାବେ ଚତୁର୍ଥ ଶ୍ରେଣୀ ପିଲାଙ୍କ ପାଇଁ ୩ଟି, ତୃତୀୟ ଶ୍ରେଣୀ ପାଇଁ ୪ଟି, ଦ୍ୱିତୀୟ ଶ୍ରେଣୀରେ ୧ ଓ ପ୍ରଥମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ୧ଟି ଲେଖାଏଁ ବହି ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିକ୍ଷା ବିଭାଗ ପକ୍ଷରୁ ୫ମରୁ ଅଷ୍ଟମ ଶ୍ରେଣୀ ଯାଏଁ ଅଧିକାଂଶ ବହି ଆସିନାହିଁ। ଏପରି ସ୍ଥଳେ ପିଲାମାନେ କେଉଁଭଳି ବିଦ୍ୟା ଅଧ୍ୟୟନ କରିବେ ତାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।

## ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି



ଭଦ୍ରକ,୬।୪(ସମିସ): ଭଦ୍ରକ ଜିଲ୍ଲା ବ୍ଲକ୍ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୭୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ସହାୟତା ନିଧି ଅଧୀନସ୍ଥ ୪ଟି ଓ ରେଡ୍‌କ୍ରସ ଅଧୀନସ୍ଥ ୪ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ନିଧି ଓ ଜିଲ୍ଲା ରେଡ୍‌କ୍ରସ ନିଧି ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୩୩ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ଲୋକକଳା ଧର୍ମ ସଂସ୍କୃତିର ବାର୍ତ୍ତାବହ'



ବାରିକପୁର,୬।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ହାଇସ୍କୁଲ ପଡ଼ିଆଠାରେ ନୂତନ ପାଲା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବାର୍ଷିକ ବାଦୀ ପାଲା ଉତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ନୂତନ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଲୋକକଳା ପାଲା ଧର୍ମ ସଂସ୍କୃତିର ବାର୍ତ୍ତା ବହନ କରିଥାଏ ବୋଲି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସରପଞ୍ଚ ମୋହନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଯୁବ ନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ା, ଦୀପ୍ତି ରଞ୍ଜନ ଦାସ, ପୟୋଧର ନାୟକ ପ୍ରମୁଖ ଯୋଗଦେଇ ପାଲା ଉତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବ ସଂଗଠକ ଦେବେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁଇ ମହିଳା ଗାୟିକା କୁମୁଦିନୀ ନାୟକ ଓ ଅମ୍ରିତା ସାମଲଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ବାର୍ଷିକ ଉତ୍ସବକୁ ରାମଚନ୍ଦ୍ର ମହାନ୍ତି, କୃତିବାସ ଜେନା, ନକୁଳ ଜେନା, ଜଡ଼ା ଜେନା, ହେମନ୍ତ ଜେନା, ଅନାଦି ଜେନା, ଶ୍ରୀରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବାବା ଜଗତେଶ୍ୱରଙ୍କ ବାର୍ଷିକୋତ୍ସବ

ଦୋବଲ,୬।୪(ସମିସ): ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ୪ର୍ଥ ବାର୍ଷିକ ଉତ୍ସବ ଓ ହୋମ ଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାବା ଜଗତେଶ୍ୱରଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ, ଅଙ୍କୁରାରୋପଣ, ଯଜ୍ଞ, ଜଗତେଶ୍ୱରଙ୍କ ସତ୍ ରୁଦ୍ର ଅଭିଷେକ, ବଡ଼ସିଂହାର ବେଶ, ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସନ୍ଧ୍ୟାରାଣୀ ଆନ୍ଦିଆ ଓ ଦେବେନ୍ଦ୍ର ଆନ୍ଦିଆ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଭାବେ ଆଚାର୍ଯ୍ୟ ରବିନାରାୟଣ ଦୀକ୍ଷିତ, ପଣ୍ଡିତ ଶତ୍ରୁଜିତ୍ ଦାଶ, ପୁସ୍ତକାଚାର୍ଯ୍ୟ ହରିଶଙ୍କର ଦୀକ୍ଷିତ, ଚରୁ ଆଚାର୍ଯ୍ୟ ବାବି ନନ୍ଦ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ବାଲିପାଟଣା ଗ୍ରାମବାସୀମାନେ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।



## ମା' ଭଦ୍ରକାଳୀଙ୍କ ମନ୍ଦିରରୁ ଚୋରି

ଭଦ୍ରକ,୬।୪(ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ମନ୍ଦିର(ପୀଠ)ରେ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବାର ଅଭିଯୋଗ ହୋଇଛି। ସୋମବାର ଭୋର୍ ସମୟରେ ମା'ଙ୍କ ପୂଜା କରିବାକୁ ଆସିଥିବା ପୂଜକ ମନ୍ଦିର ଭିତରେ ହୁଣ୍ଡି ବାକ୍ସ ଭଙ୍ଗା ହେବାର ଦେଖିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଓ ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ସୂଚନା ଦେଇଥିଲେ। ତେବେ ମା'ଙ୍କର କେତେ ସୁନା ଗହଣା ଓ ଟଙ୍କା ପଇସା ଚୋରି ହୋଇଛି, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ମା'ଙ୍କ ପୀଠକୁ ଯାଇ ତଦନ୍ତ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି। ଅନ୍ୟପଟେ ମା'ଙ୍କ ମନ୍ଦିରରେ ବାରମ୍ବାର ଏହିପରି ଘଟଣା ଘଟୁଥିବାବେଳେ ସେବାୟତମାନେ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ସିସିଟିଭି ଲଗାଇବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉ ନ ଥିବା କହିଛନ୍ତି। ଯାହାକୁ ନେଇ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମା'ଙ୍କ ମନ୍ଦିରରେ ବାରମ୍ବାର ଏହିପରି ଘଟଣା ଘଟୁଥିବାବେଳେ ସେବାୟତମାନେ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ସିସିଟିଭି ଲଗାଇବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉ ନ ଥିବା କହିଛନ୍ତି। ଯାହାକୁ ନେଇ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଭିତରେ କିଛି କାର୍ଯ୍ୟ ଚାଲୁଥିବାରୁ ସିସି କ୍ୟାମେରା ଖୋଲାଯାଇଥିଲା। ଏହାର ସୁଯୋଗରେ ମନ୍ଦିରରୁ ଚୋରି ହୋଇଥିବା ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି।



## ଖବର ପ୍ରକାଶ ପରେ ଶୌଚାଳୟରେ ଲାଗିଲା କବାଟ

ଧାମନଗର,୬।୪(ସମିସ): ଧାମନଗର ମେଡିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବା ସହିତ ପରିବେଶ ପ୍ରଦୂଷଣ ସୃଷ୍ଟି ଓ ଅପରିଷ୍କାର ବୃଦ୍ଧି ପାଉଥିବାରୁ ରୋଗୀ ଓ ତାଙ୍କ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରୋଗୀଙ୍କ ୱାର୍ଡ ଭିତରେ ଥିବା ଶୌଚାଳୟ ଓ ପରିସ୍ରାଗାର ଗୃହରେ କବାଟ ଭାଙ୍ଗିଯାଇଥିବା ଯୋଗୁଁ ମହିଳା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରିଷ୍କାର ଶୌଚାଳୟକୁ ବ୍ୟବହାର କରିବା ପାଇଁ ରୋଗୀମାନେ ଡରୁଥିଲେ। ରୋଗୀ ଓ ସେମାନଙ୍କ ସହିତ ଆସୁଥିବା ସହଯୋଗୀମାନେ ପରିସ୍ରା ପାଇଁ ଗଲେ ପୁଣି ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଚିକିତ୍ସାଧୀନ କେତେକ ରୋଗୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଉକ୍ତ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିକିତ୍ସାଧୀନ ରୋଗୀ ଦାବି କରିଥିଲେ। ରବିବାର ରୋଗୀଙ୍କ ଅଭିଯୋଗ ପରେ ସୋମବାର ଦୈନିକ ଖବର କାଗଜ "ସକାଳ'ରେ ଉକ୍ତ ଘଟଣାର ସମାଧାନ ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନ୍ମୟ ସାମନ୍ତସିଂହାରଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୋଗ ଅନୁସାରେ ଶୌଚାଳୟରେ କବାଟ ଲାଗିବା ସହିତ ଅପରିଷ୍କାର ପରିସ୍ରାଗାର ଗୃହକୁ ସଫାସୁତରା କରାଯାଇଛି। ତେବେ ଡାକ୍ତର ଡ୍ୟୁଟି ରୁମ୍‌ରେ ଅପରିଷ୍କାର ଓ ଏହାର ସଫାସୁତରା କେବେ ହେବ ବୋଲି ସହକାରୀ ଡାକ୍ତରମାନେ ସାମ୍ବାଦିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଦେଖିଲେ ବା ଶୁଣିଲେ ଖବର ପରିବେଷଣ ପୂର୍ବରୁ ମୋତେ ସୂଚନା ଦେବେ ବୋଲି ଅଧିକାରୀ ଶ୍ରୀ ସାମନ୍ତସିଂହାର ଆମ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।



ସକାଳ ପ୍ରଭାବ

## ସ୍ୱଚ୍ଛ ଓଡ଼ିଶା ଦିବସ ଉପଲକ୍ଷେ ସଫେଇ ଅଭିଯାନ



ସହିଦ ନଗର,୬।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ମା' ବରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ବ୍ଲକ୍ ସଂଯୋଜକ ଲକ୍ଷ୍ମୀଧର ରାଉଳ, ଏବିଡିଓ ତଥା ବ୍ଲକ୍ ପରିମଳ ନୋଡାଲ ଅଫିସର ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକ, ଅସୁରାଳି ସରପଞ୍ଚ ମିନତୀ ସାହୁ, ସହିଦ୍ ମଣ୍ଡଳ ସାଧାରଣ ସମ୍ପାଦକ ରଜତ ଲେଙ୍କା, ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ପରିଡ଼ା, ସୁରଜ ସାହୁ, କ୍ଷୀରୋଦ ସ୍ୱାଇଁ, ପ୍ରଶାନ୍ତ ଜେନା, ଶ୍ରୀକାନ୍ତ ସାହୁ, ମାନସ ପରିଡ଼ା ପ୍ରମୁଖ ମନ୍ଦିର ପରିସରରେ ସଫେଇ କରିଥିଲେ। ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ସ୍ୱଚ୍ଛତା ଦିବସ ସମ୍ପର୍କରେ ମତ ଦେଇଥିଲେ। ବ୍ଲକ୍ ପରିସର ସହିତ ଶନି ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ ହୋଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ କିଟ୍ ବଣ୍ଟନ ହୋଇଥିଲା। ଏଥିରେ ବ୍ଲକ୍ ପ୍ରଶାସନର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସଫେଇ କରିଥିଲେ।

ବାରିକପୁର : ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ସ୍ୱଚ୍ଛତା ଦିବସ ସମ୍ପର୍କରେ ମତ ଦେଇଥିଲେ। ବ୍ଲକ୍ ପରିସର ସହିତ ଶନି ମନ୍ଦିର ଆଖପାଖ ଅଞ୍ଚଳରେ ସଫେଇ ହୋଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ କିଟ୍ ବଣ୍ଟନ ହୋଇଥିଲା। ଏଥିରେ ବ୍ଲକ୍ ପ୍ରଶାସନର ସମସ୍ତ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସଫେଇ କରିଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ



ବନ୍ତ/ଆଗରପଡ଼ା,୬।୪(ସମିସ): ବନ୍ତ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କୁମ୍ଭକରାଳ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରିଣୀ ଡ. ସୁକିର୍ତ୍ତୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ବିଆର୍‌ସିସି ହରେକୃଷ୍ଣ ଆପଟ, ଏବିଇଓ ଭାଗିରଥି ପାତ୍ର, ବୈଲୋଚନ ସାହୁ, ପ୍ରଧାନଶିକ୍ଷକ ଗଜେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷା ବିଭାଗର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ଦାସ, ନିରଞ୍ଜନ ଖିଲାର, ପ୍ରଦୀପ ପଲାଇ, ଉତ୍ତମ ଦାସ, ସୁଧାଂଶୁ ଦାସ, ପ୍ରଫୁଲ୍ଲ ଦାସ, ପରମେଶ୍ୱର ପୃଷ୍ଟି, ଶୁଭ୍ରପ୍ରକାଶ ରାଉଳ, ଜଗନ୍ନାଥ ଖୁଣ୍ଟିଆ, ସନ୍ତୋଷ ମଲ୍ଲିକ, ରାଜେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ସାହୁ, ଗିରିଜା ଶଙ୍କର ଲେଙ୍କା, ଗୌତମ ଭୂୟାଁ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଉକ୍ତ ବିଦ୍ୟାଳୟରେ ନାମ ଲେଖାଇଥିବା ବାଲ୍‌ବାଟିକାରେ ୮ ଜଣ ଛାତ୍ରଛାତ୍ରୀ ଓ ପ୍ରଥମରେ ୪ ଛାତ୍ରଛାତ୍ରୀଙ୍କୁ ବୈଦିକ ରୀତିନୀତି ଅନୁସାରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରି ସମ୍ପାଦନ କରାଯାଇଥିଲା। ଅତିଥିମାନେ ଗୋଲାପ ଫୁଲ, ସ୍ଲେଟ୍, ଖଡ଼ି, ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିଥିଲେ।

## ଗ୍ୟାସ୍ ଅଭାବର ଶିକାର ହେଉଛନ୍ତି ଜଳଖିଆ ଦୋକାନୀ

ଅସୁରାଳି,୬।୪(ସମିସ): କିଛି ଦିନ ହେଲା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପାଇଁ ଜଳଖିଆ ଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ସହର ଯାଏଁ ସବୁଠି ଗ୍ୟାସ୍ ପାଇଁ ଧାଁ ଦୌଡ଼। ବୁକିଂ ପରେ ଗୋଟିଏ ସିଲିଣ୍ଡର ପାଇଁ ଲୋକେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ମହଜୁଦ ଥିବା କୁହାଯାଉଥିଲେ ବି ଧୂଷୁରୀ ଓ ଏହାର ଆଖପାଖ ଅଞ୍ଚଳର ଅନେକ ଲୋକ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏଭଳି କିଛି ଅଭିଯୋଗ ଧାମନଗର ବ୍ଲକ୍ ଧୂଷୁରୀ ଅଞ୍ଚଳରୁ ଆସିଛି। ସୂଚନା ମୁତାବକ, ଧୂଷୁରୀ, ବେତାଳିଗାଁ, ଆରଡ଼ି, କୋଠାର, ନଦୀଗାଁ, ସହିଦ ନଗର, ଅସୁରାଳି ଆଦି ବଜାରରେ ହୋଟେଲ ଓ ଜଳଖିଆ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଗ୍ୟାସ୍ ସଙ୍କଟ ପାଇଁ ନିଜର ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଦେଲେଣି। ରାସ୍ତାକଡ଼ରେ ଛୋଟମୋଟ ଜଳଖିଆ ଦୋକାନ ଆଉ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀ ଗ୍ୟାସ୍ ସିଲିଣ୍ଡର ନ ପାଇବାରୁ ତାଙ୍କର ଦୋକାନ ବନ୍ଦ କରିଦେଉଛନ୍ତି। ଏହା ଉପରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

**ବନ୍ଦ ହେଲାଣି ମିଠା ଦୋକାନ**

## ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଆରଡ଼ି,୬।୪(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ି ଧାମରେ ଅବସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଷ୍ଟମ ବାର୍ଷିକ ଉତ୍ସବ ଗତ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ସାମଲ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଶିକ୍ଷାବିତ୍ ବବ୍ରୁବାହାନ ଭୋଇଙ୍କୁ "ମାଟିର ମହକ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ପାଢ଼ୀଙ୍କୁ "ଗୁରୁ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଦର୍ଶ ପରୀକ୍ଷାରେ ୩ ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ତଥା ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପ୍ରତି ଶ୍ରେଣୀରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ "ବାବାଜୀ ଚରଣ ମହାଳିକ ଛାତ୍ରବୃତ୍ତି' ପ୍ରଦାନ କରାଯାଇଛି। ଏଥିସହିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀକ୍ଷେତ୍ର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶମ୍ଭୁନାଥ ମହାଳିକ, ସମ୍ମାନିତ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା, ମୁଖ୍ୟବକ୍ତା ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମ୍ବଲପୁର ଜିଲ୍ଲା ତଥା ରାଜ୍ୟ ଶିକ୍ଷକ ସଂଘର ପାଦାଧିକାରୀ ବବୃବାହନ ଭୋଇ, ଅଧ୍ୟାପକ ବିଜୟ କୁମାର ଦାଶ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ପ୍ରଧାନଆଚାର୍ଯ୍ୟା ରେଣୁବାଳା ସାମଲ, ବରିଷ୍ଠ ସଭ୍ୟ ସଞ୍ଜୟ ଦାଶ, ସମ୍ପାଦକ ବାବାଜୀ ଶଙ୍କର ପାଢ଼ୀ, ଟ୍ରଷ୍ଟି ଆଶିଷ ପାଢ଼ୀ, ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପାରଦର୍ଶିତା କ୍ଷେତ୍ରରେ ଆଜିର ଛାତ୍ରଛାତ୍ରୀ ଆଗରେ ବୋଲି ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନୃତ୍ୟଗୁରୁ ଦିପୁଙ୍କ ସହ ଲୋପାମୁଦ୍ରା, ଇତିଶ୍ରୀ, ମାମନ, ତନୁଜା, ଶିକ୍ଷକ ଉମାକାନ୍ତ ମଲ୍ଲିକ, ତଥାଗତ ବିଶ୍ୱାଳ, ଜଗବନ୍ଧୁ ବାରିକ, ସୁନିତା ବାରିକ, ଲିପି ରାୟ, ଦିପା, ସ୍ୱପ୍ନାରାଣୀ ଖଟୁଆ, ବିଜୟଲକ୍ଷ୍ମୀ, ସ୍ୱାଗତିକା, ବନ୍ଦନା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।



**ରାସ୍ତା ଉପରେ ବସ୍ ରଖି ମେଡିକାଲ ଗଲେ ଡ୍ରାଇଭର**

# ଭଦ୍ରକ-ଆରଡ଼ି ରାସ୍ତାରେ ୩ ଘଣ୍ଟା ଯାଏଁ ଯାତାୟାତ ଠପ୍

ଭଦ୍ରକ,୬।୪(ସମିସ)

ଭଦ୍ରକ ଆରଡ଼ି ଛକ ନିକଟରେ ଜାତୀୟ ରାଜପଥ ସର୍ଭିସ୍ ରୋଡ୍‌ରେ ଅଭାବନୀୟ ଘଟଣା ଘଟି ସୋମବାର ପୂର୍ବାହ୍ଣରେ ୩ ଘଣ୍ଟା କାଳ ଭଦ୍ରକ-ଆରଡ଼ି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଏକ ଘରୋଇ ବସ୍ ଡ୍ରାଇଭର ଓ ଫଳ ଦୋକାନୀ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ହାତାହାତି ଭଳି ପରିସ୍ଥିତି ଉପୁଜିଥିଲା। ପ୍ରଥମେ ଯୁକ୍ତିତର୍କ ଏବଂ ପରେ ହାତାହାତି ଯାଏ କଥା ଯାଇଥିଲା। ଯାତ୍ରୀବାହୀ ବସ୍ ରାସ୍ତାରେ ରହିଥିବାରୁ ଅସମ୍ଭାଳ ଭିଡ଼ ଲାଗି ରହିଥିଲା। ଜାମ୍‌ରେ ଫସି ରହିଥିଲେ ଅନେକ ଲୋକ। ପ୍ରାୟ ୩ ଘଣ୍ଟା ଧରି ଶହଶହ ଲୋକ ଜାମ୍‌ରେ ଫସିରହିଥିଲେ।

ସୂଚନା ମୁତାବକ, ରାସ୍ତାକଡ଼ ଏକ ଫଳ ଦୋକାନ ଆଗରେ ଏକ ବାଇକ୍ ପାର୍କିଂ ହୋଇଥିଲା। ରୋଜାଲିନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌ର ଚାଳକ ବାଇକ୍ ଦୋକାନ ସାମ୍ନାରେ ରହିଥିବାରୁ ଫଳ ଦୋକାନୀ ସହ ଯୁକ୍ତିତର୍କ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କରୁ ହାତାହାତି ହୋଇଥିଲା। ଉଭୟେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚାଳକ ମେଡିକାଲ ଯାଇଥିବାବେଳେ ବସ୍‌ଟି ରାସ୍ତାରେ ଠିଆ ହୋଇ ରହିଥିଲା। ଫଳରେ ରାସ୍ତା ଜାମ୍ ହୋଇଥିଲା। ପୁଲିସ ପହଞ୍ଚି ଭିଡ଼ ହଟାଇଥିଲା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଦୋକାନ ଆଗରେ ପାର୍କିଂକୁ ନେଇ ବସ୍ ଡ୍ରାଇଭର ଓ ଫଳ ଦୋକାନୀ ହାତାହାତି**



## ବିନା ଅନୁମତିରେ ଗଛ କଟା ଘଟଣା

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଲିଖିତ ଅଭିଯୋଗ

ଧାମନଗର, ୬।୪(ସମିସ): ବିନା ଅନୁମତିରେ ଗଛ କଟା ଯାଇଥିବାକୁ ନେଇ ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ଅଧୀନସ୍ଥ ବାବୁରିଗାଁ ଶ୍ରୀଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାଁରେ। ଉକ୍ତ ବିଦ୍ୟାଳୟ ପରିସରରେ ଥିବା ବହୁ ପୁରୁଣା ମୂଲ୍ୟବାନ ଗଛ ବିନା ଅନୁମତିରେ କଟା ଯିବାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିବାବେଳେ ଚର୍ଚ୍ଚା ଜୋର୍ ଧରିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସଭାପତି ମିଳିତ ଭାବେ ଗଛ ବିକ୍ରି କରିଥିବା କଥା ସାମ୍ନାକୁ ଆସିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ଗ୍ରାମବାସୀମାନେ ଧାମନଗର ଥାନା ଅଧିକାରୀ, ଭଦ୍ରକ ଜିଲ୍ଲାପାଳ, ଧାମନଗର ତହସିଲ୍‌ଦାର, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ବନ ଅଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ଦେଇ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। ଧାମନଗର ବନ ବିଭାଗ ପକ୍ଷରୁ ମଧ୍ୟ ଏପରି ଗଛ କଟା ବିଷୟରେ କିଛି ଜଣା ନ ଥିବା କୁହାଯାଇଛି। ଦଇପୁର ପଞ୍ଚାୟତ ସରପଞ୍ଚଙ୍କୁ ପଚାରିବାରୁ, ମୋତେ ଏ ବିଷୟରେ କେହି କିଛି ପଚାରିନାହାନ୍ତି, ଗଛ କାଟିବା ସମ୍ପର୍କରେ ମୁଁ କିଛି ଜାଣିନି। ଏକ



ପକ୍ଷରେ ସରକାରୀ ବିଭାଗ ଓ ପଞ୍ଚାୟତ ପକ୍ଷରୁ ଜାଣି ନ ଥିବା କୁହାଯାଉଥିବା ବେଳେ, ଅନ୍ୟ ପକ୍ଷରେ ସ୍କୁଲ ପରିସରରୁ ମୂଲ୍ୟବାନ ଗଛ କାଟି ବିକ୍ରି ହେବା ଘଟଣା ପ୍ରଶାସନିକ ଅବହେଳାକୁ ସୂଚାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବନ ବିଭାଗକୁ ଯୋଗାଯୋଗ କରିବାରୁ ଆମକୁ କିଛି ଜଣେଇ ନାହାନ୍ତି ବୋଲି ବନ ଅଧିକାରୀ କହିଛନ୍ତି। ତେବେ ବର୍ତ୍ତମାନ ଏହି ଘଟଣାରେ ପ୍ରଶାସନ କେତେ ଶୀଘ୍ର ତଦନ୍ତ କରି ଦୋଷୀଙ୍କୁ ଆଇନ ଆଗକୁ ଆଣୁଛି ତାହାକୁ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ବିଦ୍ୟୁତ କରେଣ୍ଟରେ ଯୁବକ ମୃତ

## ପୋଖରୀରୁ ମାଛ ଧରିବାକୁ ଲାଗିଥିଲା ପାଣି ମଟର

ଦଶରଥପୁର, ୬।୪(ସମିସ)

ପୋଖରୀରୁ ମାଛ ଧରିବାକୁ ବ୍ୟବହୃତ ପାଣି ମଟରରେ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଖୋଲିବା ବେଳେ କରେଣ୍ଟ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏପରି ଅଭାବନୀୟ ଘଟଣା ଘଟିଛି ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ବାଲିପଦା ଗ୍ରାମରେ। ମୃତ ଯୁବକ ଗ୍ରାମର ଗଙ୍ଗାଧର ନାୟକଙ୍କ ପୁଅ ସିପୁନା ନାୟକ (୨୩) ବୋଲି ଜଣାପଡ଼ିଛି। ସିପୁନା ମାଟ୍ରିକ ପାସ୍ ପରେ ପରିବାରର ଦୁର୍ବଳ ଆର୍ଥିକ ସମସ୍ୟାକୁ ସୁଧାରିବାକୁ ଯାଇ ସୁଦୂର ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାରେ ସିକ୍ୟୁରିଟି କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ୧ସପ୍ତାହ ପୂର୍ବେ ଘରକୁ ଆସିଥିଲେ। ଗତକାଲି ରବିବାର ରାତିରେ ଗ୍ରାମରେ ଥିବା ଏକ ପୋଖରୀରୁ ମାଛ ଧରିବାକୁ କିଛି ଯୁବକ ସାଙ୍ଗ ହୋଇ ପୋଖରୀରୁ ପାଣି ଶୁଖାଇବାକୁ ପାଣି ମଟର ଲଗାଇ ମାଛ ଧରିଥିଲେ। ମାଛ ଧରିବା ପରେ ଅନ୍ୟ ସାଙ୍ଗମାନେ ଘରକୁ ଫେରିଆସିଥିବା ବେଳେ ସିପୁନା ପାଣିପମ୍ପରେ ଲାଗିଥିବା ବିଦ୍ୟୁତ ତାର ଖୋଲୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସିପୁନା ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜି ଖୋଜି ଘଟଣାସ୍ଥଳରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ଟାଉନଥାନା ପୁଲିସ ମେଡିକାରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଖବର ଜଣାପଡ଼ିବା ପରେ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ସୁଜିତ ଧଳ, ହରେକୃଷ୍ଣ ସାହୁ, ସଞ୍ଜୟ ସାହୁ, ଉତ୍କଳ କେଶରୀ ପଣ୍ଡା, ବିକାଶ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ୱଦେଶ ଜେନା, ବଳରାମ ସାହୁ, ପ୍ରତାପ ସେଠୀଙ୍କ ସମେତ ବହୁ ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ମୃତ ଯୁବକଙ୍କ ପିତାମାତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ବନ୍ତ/ଆଗରପଡ଼ା, ୬।୪(ସମିସ): ଗତ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ପୁରୁଷଣ୍ଡ ଗ୍ରାମର ରହେମାନ ଖାଁଙ୍କ ପରିବାର ଲୋକେ ଖାଇପିଇ ଶୋଇଥିଲେ। ହଠାତ୍ ଛପର ଉପରୁ ଧୂଆଁ ବାହାରୁଥିବାର ଦେଖି ଗାଁ ଲୋକମାନେ ଡାକ ପକାଇଥିଲେ। ଏହା ଶୁଣି ରହେମାନଙ୍କ ପରିବାର ଲୋକେ ଘର ବାହାରକୁ ପଳାଇ ଆସିଥିଲେ। ଆଗରପଡ଼ା ଅଗ୍ନିଶମ ଅଧିକାରୀ ଦିଲ୍ଲୀପ ବେହେରା ଖବରପାଇ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ତତ୍‌କ୍ଷଣାତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## କୁଆଖିଆରୁ ଗୋ ମାଂସ ଗାଡ଼ି ଜବତ

କୁଆଖିଆ, ୬।୪(ସମିସ): କୁଆଖିଆ ପୁଲିସ ଦ୍ୱାରା ଗୋମାଂସ ଜବତ ହୋଇଥିବା ବେଳେ ୨ ଜଣଙ୍କ କୋର୍ଟଚାଲାଣ କରାଯାଇଛି। ଆଜି ଭୋର ସମୟରେ କଲିକତାର ଏକ ଗୋ ମାଂସ ବୋଝେଇ ଟାଟାଏସି ଗାଡିକୁ କୁଆଖିଆ ପୁଲିସ ଜବତ କରିଛି। କେନ୍ଦ୍ରାପଡ଼ାରୁ କଲିକତା ଅଭିମୁଖେ ଏହି ଗୋ ମାଂସ ଯାଉଥିବା ସୂଚନା କୁଆଖିଆ ପୁଲିସ ପାଇଥିଲା। ଭୋର ପ୍ରାୟ ପାଞ୍ଚଟା ବେଳେ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ୧୬ନଂ ଜାତୀୟ ରାଜପଥର କୁଆଖିଆ ବଜାରରେ ଥିବା ଓଭରବ୍ରିଜ ଉପରେ ତଲାସି କରିଥିଲେ। ଏହି ସମୟରେ ଏକ ଟାଟାଏସି ଗାଡିଟିକୁ ଅଟକାଇ ତନଖି କରିବାରୁ ସେଥିରେ ଗୋମାଂସ ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ପୁଲିସ ଉକ୍ତ ଗାଡିକୁ ଜବତ କରି ଥାନାକୁ ଆଣିଥିଲା ଓ ଗାଡ଼ିରେ ଥିବା ଗୋମାଂସ ବ୍ୟବସାୟୀ ପଶ୍ଚିମବଙ୍ଗ ଉତ୍ତର ଚବିଶପ୍ରଗଣା ଜିଲ୍ଲା ମିନାଖା ଥାନା ଅନ୍ତର୍ଗତ ୪ନଂ ଚୈତୋଲ ଗ୍ରାମର ମନିରୁଲ ଗାଜି (୩୨) ଓ ଗାଡିର ଡ୍ରାଇଭର ହସନବାଗ ଥାନା ଅନ୍ତର୍ଗତ ଦକ୍ଷିଣ ଭେବିଅ ଗ୍ରାମର ଆଜିଜୁଲ ଗାଜିକୁ ଅଟକ ରଖିଥିଲେ। ପରେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରାଙ୍କ ଉପସ୍ଥିତିରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଜ୍ୟୋତିରଞ୍ଜନ ମହାନ୍ତି ଉକ୍ତ ମାଂସ ଗୁଡିକୁ ପରୀକ୍ଷା କରି ଏହା ଗୋମାଂସ ବୋଲି ନିଶ୍ଚିତ କରିଥିଲେ। ଏହି ଘଟଣାରେ ଏକ ମାମଲା (କେସ ନଂ ୧୫୭/୨୬) ରୁଜୁ କରି ଅଟକ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଷଠିପୁରରୁ ଚୋରି, ପୁଲିସର ତଦନ୍ତ

ପାଣିକୋଇଲି, ୬।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ସଂଯୋଗୀକରଣ ରାସ୍ତା କଡ଼ରେ ମଦନ ବେରା ନାମକ ବ୍ୟକ୍ତି ଘର କରି ରହିଛନ୍ତି। ଘରର ପାଖପାଖରେ କୌଣସି ଘର ନାହିଁ। ମଦନ ସପରିବାରେ ଦୁଇ ଦିନ ହେବ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ରବିବାର ରାତ୍ରିରେ କେହି ଦୃର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ନଗଦ ଅର୍ଥ, ସୁନା ଅଳଙ୍କାର ସମତେ ଟିଭି, ଲୁଗାପଟା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ ଚୋରି କରି ନେଇ ରାସ୍ତା କଡ ଡ୍ରେନ ଉପରେ ନେବା ପାଇଁ ଥୋଇଥିଲେ। ସୌଭାଗ୍ୟବଶତଃ ସେହି ସମୟରେ ମଦନ ପରିବାର ଘରକୁ ଫେରିଥିଲେ। ସେମାନଙ୍କୁ ଦେଖି ରାସ୍ତା କଡରେ ବାଇକ ଧରି ଛିଡା ହୋଇଥିବା ୪ ଯୁବକ ଫେରାର ହୋଇଯାଇଥିଲେ। ରାସ୍ତାରୁ ଘରକୁ ଯାଇ ମଦନ ଦେଖିବା ବେଳକୁ ତାଙ୍କ ଘର ତାଲା ଭାଂଗି କେହି ଦୃର୍ବତ ଘରେ କଳାକନା ବୁଲାଇ ଦେଇଛି। ସ୍ଥାନୀୟ ଲୋକ ଓ ପୁଲିସକୁ ଖବର ଦେବାରୁ ସେମାନେ ସେଠାରେ ପହଞ୍ଚିବାରୁ ଡ୍ରେନ ଉପରେ ଚୋରି ଜିନିଷ ଥୁଆ ହୋଇଥିବା ବେଳେ ନଗଦ ୧୦ ହଜାର ଟଙ୍କା ଓ ସୁନାରୂପା ନେଇ ଚୋର ମାନେ ଫେରାର ହୋଇ ଯାଇଛନ୍ତି। ଚୋରିର ସାମଗ୍ରୀ ସବୁ ଘରକୁ ଆଣିବା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଗୋଟିଏ ଭାଙ୍ଗିଥିବା ବେଳେ ଅନ୍ୟ ସିସିଟିଭି କ୍ୟାମେରା ରହିଥିବାରୁ ସେହି ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଏଏସଆଇ ଶରତ ବେହେରା ସଦଳବଳେ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି।

## ଅସରା ବର୍ଷାରେ ଅମର୍ଦ୍ଦାରୋଡ ବଜାର ବେହାଲ





ରାଜଘାଟ, ୬।୪(ସମିସ): ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ପାଣିରେ ଭାସିଲା ଅମର୍ଦ୍ଦାରୋଡ ହାଟ। ବର୍ଷା ପାଣିରେ ଭାସିଗଲା ହଜାର ହଜାର ଟଙ୍କାର ପନିପରିବା। ଅମର୍ଦ୍ଦାରୋଡ ରେ ପ୍ରତି ସପ୍ତାହରେ ବୁଧବାର ଏବଂ ରବିବାର ସାପ୍ତାହିକ ହାଟ ବସୁଥିବା ବେଳେ ଆଜି ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ହଠାତ କାଳବୈଶାଖୀ ବର୍ଷା ଏକ ଘଣ୍ଟା ଜୋର ହେବାରୁ ବର୍ଷା ପାଣି ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଜଳ ନିଷ୍କାସନ ନହେବାରୁ ହାଟ ମଧ୍ୟରେ ଜମା ହେବାରୁ ହାଟରେ ପରିବା ଦୋକାନୀ ମାନେ ପନିପରିବା ଦୋକାନ ଖୋଲି ପରିବା ବିକ୍ରି କରୁଥିବା ବେଳେ ବର୍ଷା ପାଣିରେ ପନିପରିବା ଭାସି ଯାଇଥିଲା। ଯାହା ଫଳରେ ହଜାର ହଜାର ଟଙ୍କାର ପନିପରିବା ନଷ୍ଟ ହେଇ ଯାଇଛି। ଏ ପଟେ ଅମର୍ଦ୍ଦାରୋଡ ପି ଡବ୍ଲୁ ରାସ୍ତାରୁ କୋଠ ଚାରିଙ୍ଗା ପର୍ଯ୍ୟନ୍ତ ରାସ୍ତା ଓସାରେ ଓ ପୁନଃ କଂକ୍ରିଟ କାମ ଚାଲୁ ଥିବା ବେଳେ ରାସ୍ତାର ଉଚତା ବଢ଼ି ଯିବା ହେତୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହେଇ ନପାରି ବାରୁ ହାତ ମଧ୍ୟରେ ବର୍ଷା ପାଣି ଲହଡି ମାରୁଥିଲା ଲୋକେ ପରିବା କିଣି ବାକୁ ଆସି ପରିବା କିଣି ବା ବଦଳରେ ପାଣିରେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶ୍ନ ଉଠୁଛି ବିନା ଡ୍ରେନେଜ ବ୍ୟବସ୍ଥା ନ କରି କଣ୍ଟ୍ରାକଟର ମନମୁଖୀ କାର୍ଯ୍ୟ କରୁଥିବାରୁ ଅଞ୍ଚଳ ବାସି ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ତେବେ ଖୁବଶୀଘ୍ର ଡ୍ରେନେଜ ବ୍ୟବସ୍ଥା କରାଇ ରାସ୍ତାକାମ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବନ୍ତ/ଆଗରପଡ଼ା, ୬।୪(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକଠାରେ ତାରିଣୀ ମନ୍ଦିରରେ ୨ଦିନ ଧରି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ମହିଳା ଓ ପୁରୁଷ ପ୍ରଧାନ ପୁଷ୍କରିଣୀରୁ ଘଟୋତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜକ ଜଗନ୍ନାଥ ପାଣିଗ୍ରାହୀ, ସତ୍ୟବ୍ରତ ପଣ୍ଡା, ରାମଚନ୍ଦ୍ର ପାଣିଗ୍ରାହୀ, ସୁଧାକର ପଣ୍ଡା, ରାମଚନ୍ଦ୍ର ବାରିକଙ୍କ ସମେତ ଏକାଧିକ ପୂଜକ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରିଥିଲେ। ଗୋପୂଜା, ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ, ଦେବଦେବୀ ପୂଜା, ମା' ତାରିଣୀଙ୍କ ପୂଜା ସମେତ ବିଭିନ୍ନ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ବାଲିସାହିରେ ଭାଲୁ, ଅଞ୍ଚଳବାସୀ ଭୟଭୀତ

କବାଟବନ୍ଧ, ୬।୪ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ଗଡ଼ମଧୁପୁର ଫରେଷ୍ଟ ସେକ୍ସନର କିଛି ଅଞ୍ଚଳରେ ଗତ କିଛି ଦିନ ହେଲାଭାଲୁ ଦୃଶ୍ୟମାନ ହେଉଛନ୍ତି। ଏଣ୍ଡଲବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ଅଞ୍ଜିରା, ଚକ୍ରଧରପୁର, ଆଦି ପଞ୍ଚାୟତ ଗୁଡ଼ିକରେ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଭାଲୁ ବୁଲୁଥିବାର ଲୋକମାନେ ଦେଖିବାକୁ ପାଉଛନ୍ତି। ଏମିତି କି କେବଳ ରାତି ସମୟ ନୁହେଁ ଦିନ ସମୟରେ ମଧ୍ୟ ଭାଲୁ ବୁଲୁଥିବାର ଚିତ୍ର ଦେଖିବାକୁ ମିଳିଛି। କୁସୁନପୁର ସଂରକ୍ଷିତ ଜଙ୍ଗଲରୁ ଏହି ଭାଲୁ ଗାଁମୁହାଁ ହେଉଥିବା ଅନୁମାନ କରାଯାଉଛି। ସୋମବାର ସନ୍ଧ୍ୟାରେ ଅଞ୍ଜିରା ପଞ୍ଚାୟତ ବାଲିସାହି ମେଡ଼ିକାଲ ନିକଟରେ ଏକ ଭାଲୁ ବୁଲୁଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ବାରମ୍ବାର ଗାଁକୁ ଭାଲୁ ପ୍ରବେଶ ପରେ ଲୋକ ମାନେ ନିଜକୁ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ଏହି ଅଞ୍ଚଳରେ ପୂର୍ବରୁ ଭାଲୁ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଏବଂ ଗୁରୁତର ଆହତ ଲୋକଙ୍କ ମନର ଭୟକୁ ବୃଦ୍ଧି କରୁଛି। ଲୋକ ମାନେ ନିଜ ନିଜର ସୁରକ୍ଷା ପାଇଁ ଚିନ୍ତାରେ ରହିଛନ୍ତି। କଟକ ବନଖଣ୍ଡ ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ସେକ୍ସନ ଅଧିନ ଅଧିକାଂଶ ଗାଁରେ ଭାଲୁ ପ୍ରବେଶ ବାରମ୍ବାର ହେଉ ଥିବାରୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ଜନବସତିକୁ ବନ୍ୟ ଜନ୍ତୁ ପ୍ରବେଶ ନେଇ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଏବଂ ଲୋକ ମାନଙ୍କୁ ସଚେତନ କରା ଯାଉଥିଲେ ମଧ୍ୟ ଲୋକଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି କରିଛି। ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖି ଜନସାଧାରଣଙ୍କ ଜୀବନ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ସ୍ତ୍ରୀକୁ ବିଷ ପିଆଇ ହତ୍ୟା ଉଦ୍ୟମ ଅଭିଯୋଗ; ସ୍ୱାମୀ ଗିରଫ

ସୋର, ୬।୪(ସମିସ): ସୋର ଥାନା ନହରପଦା ଗ୍ରାମରେ ପାରିବାରିକ କଳହରୁ ସ୍ତ୍ରୀକୁ ମାଡ଼ ମାରି ବିଷ ପିଆଇ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀ କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଏହି ଗ୍ରାମର ବୁଦ୍ଧିରାମ ସାହୁ (୩୭) ପାରିବାରିକ କଳହରୁ ତା ସ୍ତ୍ରୀ ସୁର୍ମିଳା ସାହୁଙ୍କୁ ଗତ ଏପ୍ରିଲ ୫ ତାରିଖରେ ମାଡ଼ ମରିବା ସହିତ ଜବରଦସ୍ତ ବିଷ ପିଆଇ ମାରିଦେବାକୁ ଉଦ୍ୟମ କରିଥିଲେ। ଖବର ପାଇ ମହିଳାଙ୍କ ବାପା ଗୁହାଳଡ଼ିହି ଗ୍ରାମର ଦିବାକର ଜେନା ଘଟଣା ସ୍ଥଳରେ ପହଞ୍ଚି ସୁର୍ମିଳାଙ୍କୁ ଉଦ୍ଧାର କରି ସୋର ମେ?କାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେ?କାଲକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସୁର୍ମିଳା ଏବେ ଚିକିତ୍ସାଧୀନ ଥିବା ବେଳେ ଦିବାକର ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୩୨୦/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ସକାଳେ ବୁଦ୍ଧିରାମକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଫାଟିଲା ମସ୍‌ଜିଦ୍ କାନ୍ଥ



ବାଲିଚନ୍ଦ୍ରପୁର, ୬।୪(ସମିସ): ବଜ୍ରପାତରେ ଆଜି ଏକ ମସଜିଦର କାନ୍ଥ ଫାଟି ଯାଇଥିବା ବେଳେ ସେଠାରେ ଥିବା ତିନିଟି ଏସି, ୨୪ଟି ପଙ୍ଖା ଓ ଗୋଟିଏ ଇନଭୋଟର ପୋଡି ନଷ୍ଟ ହୋଇଯାଇଛି। ଏଭଳି ଏକ ଘଟଣା ଆଜି ଅପରାହ୍ନ ୫ ଟାରେ ବାଲିଚନ୍ଦ୍ରପୁର-ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱର ନଳିପୁର ସ୍ଥିତ ଜୁମା ମସଜିଦରେ ଘଟିଥିଲା। ତେବେ ମୁସଲିମ ଶ୍ରଦ୍ଧାଳୁ ମାନେ ସେହି ମସଜିଦରେ ନମାଜ ପାଠ କରି ଫେରିଯିବାର ମାତ୍ର କେଇଟା ମୁହୂର୍ତ୍ତରେ ଏଭଳି ଘଟଣା ଘଟିଥିଲା। ସୌଭାଗ୍ୟ ବଶତଃ ଏହି ଘଟଣାରେ କାହାର କୌଣସି କ୍ଷତି ଘଟି ନଥିବା ବେଳେ ୩ ଲକ୍ଷରୁ ଅଧିକ ଟଙ୍କାର ଉପରୋକ୍ତ ବିଦ୍ୟୁତ ସରଞ୍ଜାମ ପୋଡି ନଷ୍ଟ ହୋଇଥିବା ଜଣାପଡ଼ିଛି।

## ଅଟଳବିହାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ବାସୁଦେବପୁର, ୬।୪(ସମିସ): ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଜାତୀୟସ୍ତରୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ବିଶେଷ ଆଲୋଚନାଚକ୍ରରେ ଅଧ୍ୟକ୍ଷା ଡ. ଚିନ୍ମୟୀ ସେନାପତିଙ୍କ ପୌରୋହିତ୍ୟରେ ଅତିଥି ଭାବେ ଜାଭିୟର୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ୟୁନିଭର୍ସିଟିର ପ୍ରଫେସର ଡ. ଅଞ୍ଜନ କୁମାର ମହାନ୍ତି, ଡ. ଚନ୍ଦନ କୁମାର ମହାନ୍ତି ପ୍ରମୁଖ ଯୋଗେଦଇ ଜିଏସ୍‌ଟି (ଦ୍ରବ୍ୟ ଓ ସେବା ଟିକସ) ର ରାଜ୍ୟ ତଥା କେନ୍ଦ୍ରର ଆର୍ଥିକ ପ୍ରଦର୍ଶନ ଓ ଆନ୍ତଃରାଜ୍ୟ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ଟିକସ କିପରି ସହଜ ପ୍ରଦାନ ସହିତ ସବୁ ବର୍ଗର ଲୋକଙ୍କ ଉନ୍ନତି ହୋଇପାରିବ ସେ ଦିଗରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ ଯୋଗେଦଇ ଦ୍ରବ୍ୟ ଓ ସେବା ଟିକସ କିପରି ଭାବେ ରାଜ୍ୟ-କେନ୍ଦ୍ରର ରାଜସ୍ୱ ବୃଦ୍ଧି ପାଇବା ସହିତ ଲୋକଙ୍କ ଅଭିବୃଦ୍ଧି ହେବ ତାହାକୁ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଶେଷବର୍ଷ ଛାତ୍ରୀ ବର୍ଷାରାଣୀ ବାରିକ ବିଷୟବସ୍ତୁ ପଠନ କରିଥିବାବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ କୀର୍ତ୍ତିରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ନରେଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜ୍ୟୋତିରଞ୍ଜନ ନାୟକ, ଲକ୍ଷ୍ମୀଧର ଦାସ, ସତ୍ୟରଞ୍ଜନ ପଣ୍ଡା, ପ୍ରାଧ୍ୟାପକ ରାଜେନ୍ଦ୍ର ବେହେରା, ଅଧ୍ୟାପିକା ସୌଦାମିନୀ ତ୍ରିପାଠୀ, ଜ୍ୟୋତିର୍ମୟୀ ରାଏ, ସସ୍ମିତା ଓଝାଙ୍କ ସମେତ ବିଭାଗୀୟ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ବେଆଇନ ବାଲିଘାଟ ସୀମା ବିବାଦ

# ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍

ପାଣିକୋଇଲି, ୬।୪(ସମିସ)



ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ଗ୍ରାମପଞ୍ଚାୟତର ଦୁଇ ଗ୍ରାମ ରୁଢିଆ ଓ ନୁରୁଙ୍ଗା ମଧ୍ୟରେ ବେଆଇନ ଚୋରା ବାଲି ଘାଟ ସୀମା ଅତିକ୍ରମକୁ ନେଇ ଦୁଇ ଗ୍ରାମବାସୀ ମଧ୍ୟରେ ମାରପିଟ ସହ ତୁମୁଳକାଣ୍ଡ ଘଟିବା ସହ ୩ ଆହତ ହେବା ଘଟଣାରେ ପୁଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଅଟକ ରଖିଛି। ପ୍ରକାଶଯେ ବୁଢା ନଦୀରୁ ନୁରୁଙ୍ଗା ଗ୍ରାମର ଏକ ଗୋଷ୍ଠୀ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିଲେ। ଏହି ବାଲି ଚୋରାଚାଲାଣରେ କୀର୍ତ୍ତନ ନାୟକ ତାଙ୍କ ଜେସିବିକୁ ଭଡ଼ା ଦେଇଥିଲେ। ବାଲି ଚୋରା ଚାଲାଣ ବେଳେ ଜେସିବିଟି ନୁରଙ୍ଗା ସୀମା ଅତିକ୍ରମ କରି ରୁଢିଆ ସୀମାରୁ ବାଲି ଉତ୍ତୋଳନ କରୁଥିଲା। ଯାହା ଫଳରେ ରୁଢିଆର କିଛି ଯୁବକ ଜେସିବିଟିକୁ ନେଇଯାଇଥିଲେ। ଜେସିବି ମାଲିକ ସେଠାରେ ପହଞ୍ଚିବାରୁ ତାଙ୍କୁ ଦେଢ଼ଲକ୍ଷ ଟଙ୍କା ଦାବି କରାଯାଇଥିଲା। କିର୍ତନ ୧ ଲକ୍ଷ ଟଙ୍କା ଦେଇ ଆଉ ୫୦ହଜାର ଦେବା ପାଇଁ କହି ଜେସିବି ଆଣିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଉଭୟ ଗ୍ରାମର ଲୋକମାନେ ଉତ୍ତେଜିତ ହେବା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ନୁରୁଙ୍ଗାର କିଛି ଯୁବକ ରୁଢିଆ ଯାଇ ଏନେଇ ଆଲୋଚନା କଲା ବେଳେ ଉଭୟପକ୍ଷ ମୁହାଁମୁହିଁ ହୋଇଥିଲେ। ଆଜି ରୁଢିଆର କିଛି ବ୍ୟକ୍ତି ସଠିପୁର ବାବାମଣୀ ହୋଟେଲକୁ ଆସିଥିବା ବେଳେ ଉଭୟଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇଥିଲା। ରାଜପଥ ସଂଯୋଗୀ କରଣ ରାସ୍ତାରୁ ମାରପିଟ ହୋଇ ବାବାମଣୀ ହୋଟେଲ ପର୍ଯ୍ୟନ୍ତ ଯାଇଥିଲା। ଏହି ତୁମୁଳକାଣ୍ଡରେ ରୁଢିଆର ୩ ଜଣ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ଆହତ ମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଉଭୟ ଗୋଷ୍ଠୀର ୬ଜଣଙ୍କୁ ଅଟକ ରଖିଛି। ଉଭୟଗୋଷ୍ଠୀ ଘଟଣାକୁ ଏବେ ଚପାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ବେଆଇନ ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ କିପରି ଜାଣିପାରୁନଥିଲା ନା ଜାଣି ଅଜଣା ଥିଲା। ସୀମା ପାର ଯୋଗୁଁ ଜେସିବି ଅଟକାଇ ଏକ ଲକ୍ଷ ଟଙ୍କା କିଏ ନେଇଛି ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଦାରକାର। ଉଭୟଗୋଷ୍ଠୀ ମାରପିଟ ହେବା ପରେ ବାଲି ଚୋରାଚାଲାଣ ରାତିଅଧିଆ କିପରି ହେଉଛି ଓ ପ୍ରଶାସନ କିପରି ପରୋକ୍ଷ ସମର୍ଥନ ଦେଉଛି ତାହା ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

## 'ଆମ ବୋଉ' ପତ୍ରିକା ଉନ୍ମୋଚିତ ଓ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ, ୬।୪(ସମିସ): ଚଞ୍ଚଳା ଦେବୀ ଫାଉଣ୍ଡେସନ ପ୍ରତାପପୁର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ରବିବାର ଚାନ୍ଦବାଲି ବ୍ଲକ ମତୋ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଫାଉଣ୍ଡେସନର ସମ୍ପାଦକ କବି ମନୋଜ ଭଳଙ୍କ ସଂଯୋଜନାରେ 'ଆମ ବୋଉ' ପତ୍ରିକା ଉନ୍ମୋଚିତ ହୋଇଛି। ଶିକ୍ଷାବିତ୍ ଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ତାରାପଦ ମହାନ୍ତି, ଡ. ଅନିଲ ଦାଶ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାଶ, ସମ୍ମାନିତ ବକ୍ତା ଇଂ.ଅଭୟ ସୂତାର ପ୍ରମୁଖ ଯୋଗଦେଇ ସମାଜରେ ମାଆର ଭୂମିକା ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଶିକ୍ଷାବିତ୍ ହୃଦାନନ୍ଦ ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଗାଳ୍ପିକ ପ୍ରଫୁଲ୍ଲ ବାରିକ୍, ପ୍ରାବନ୍ଧିକ ଅଶୋକ ପଣ୍ଡା, କବି ଶ୍ରୀଗୋବିନ୍ଦ, ଶିଶୁ ସାହିତ୍ୟିକ ସୁରୁଚିପ୍ରଭା ଦାଶ, ଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ, ସ୍ତମ୍ଭକାର ଅମିତାଭ ଖିଲାର, ସୃଜନ କଳାକାର ଶ୍ରୀରାମ, କଣ୍ଠଶିଳ୍ପୀ ଶୁକଦେବ ବାରିକ୍, ବାଦ୍ୟକାର ରବିନାରାୟଣ ବଳ ଓ ମଞ୍ଚ କଳାକାର ଦୀପକ ଦାସଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ଶ୍ରୀ ଭଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଇଶ୍ୟାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିପ୍ଳବ ପତି, ବିଭୂତି ଗ୍ରହାଚାର୍ଯ୍ୟ, ମଥୁରାମୋହନ ବେହେରା, ବିଚିତ୍ରାନନ୍ଦ ଜେନା, ଅରୁଣ ପଣ୍ଡା, ମାନସ ପଣ୍ଡା, ସୁବାସ ମହାନ୍ତି, ବୈକୁଣ୍ଠନାଥ ଓଝା, ରାକେଶ ରଞ୍ଜନ ଭଳ, ଦେବବ୍ରତ ସାହୁ, ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟନସ୍ଥଳୀରେ ମଦ ବିକ୍ରିକୁ ବିରୋଧ

ଜଳେଶ୍ୱର ବ୍ଲକ, ୬।୪(ସମିସ)




ସୋମବାର ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଳେଶ୍ୱର ଶାଖା ପକ୍ଷରୁ ପର୍ଯ୍ୟଟନସ୍ଥଳୀରେ ମଦ ବିକ୍ରିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ଦିଆଯାଇଛି। ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ସମ୍ପାଦକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ସେ କହିଥିଲେ ଯେ ନିକଟରେ ସରକାର ଘୋଷଣା କରିଛନ୍ତି ପର୍ଯ୍ୟଟନସ୍ଥଳୀରେ ମଦ କୁଡ଼ିଆ ଖୋଲା ଯିବା ପାଇଁ। ଏହି ଘୋଷଣାକୁ ସେ ବିରୋଧ କରିଥିଲେ। ପୂର୍ବତନ ଅଧକ୍ଷ ଶ୍ୟାମା ଚରଣ ଦାସ, ଶରତଚନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ଉତ୍ତର ଓଡ଼ିଶା ସଂଯୋଜକ ସୁକୁମାର ରଣା, ବରିଷ୍ଠ ନାଗରିକ ପରିଷଦ, ଜଳେଶ୍ୱରର ସଭାପତି ଲଳିତ ରଞ୍ଜନ ସେନାପତି, ସମାଜସେବୀ ସିତାଂଶୁ ଶେଖର ସେନାପତି, ସୁନୀଲ କୁମାର ନାୟକ, ସମରେଶ ଦିନ୍ଦା, ସବିତା ଭୂୟାଁ, ଗୌରୀ ଶଙ୍କର ମହାନ୍ତି, ଅଜିତ କୁମାର ପାଳ, ଜ୍ୟୋତିଷ ଚନ୍ଦ୍ର କର, କୃଷି ବୈଜ୍ଞାନିକ ଡଃ ବିଜୟ କୁମାର ମିଶ୍ର, ନିତ୍ୟାନନ୍ଦ ଗିରି, ସୁରତୋଷ ରଥ, ପ୍ରବୀର କୁମାର କୁଇଲା, ଅନୀଲ୍ କୁମାର ଚାନ୍ଦ, ମନୋରଞ୍ଜନ ଦାସ, ଅଶୋକ କୁମାର ଦାସ, ଭାସ୍କର ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ପାତ୍ର, ଉକ୍ତ ପଥପ୍ରାନ୍ତ ସଭାରେ ଆପତୋଷ ପାଳ, ସବିତା ଭୂୟାଁ, ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସରକାର ସମସ୍ତ ପର୍ଯ୍ୟଟନସ୍ଥଳୀ ଯଥା ସମୁଦ୍ର, ନଦୀ, ହ୍ରଦ ଓ ବିଭିନ୍ନ ଜଳାଶୟ ପାଖରେ ମଦ କୁଡିଆ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜନସାଧାରଣ ପରିବାର ସହ କିଛି ସମୟ ବିତାଇବା ପାଇଁ ସେଠାକୁ ଯାଉଥିବାବେଳେ ସେମାନଙ୍କ ଉପରେ କୁପ୍ରଭାବ ପଡ଼ିବ, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ, ଚୋରି, ଡକାୟତି, ଦୁଷ୍କର୍ମ ପ୍ରଭୃତି ବଢ଼ି ଚାଲିବ ବୋଲି ମୋନା ପକ୍ଷରୁ କୁହାଯାଇଛି। ଏଣୁ ଏହି ନିଷ୍ପତ୍ତିରୁ ସରକାର ଓହରିବାକୁ ସେମାନେ ଦାବି ପରିଛନ୍ତି।

# ନଗର ମଣ୍ଡଳ ପକ୍ଷରୁ ବିଜେପିର ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୬।୪(ସମିସ): ଭାରତୀୟ ଜନତା ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନଗର ମଣ୍ଡଳର ସଭାପତି ଶିବନାରାୟଣ ମହାପାତ୍ର କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତାଙ୍କ ଗହଣରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ସଭାରେ ଉତ୍ତର ବାଲେଶ୍ୱର ସଂଗଠନିକ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ସହିତ ଦଳୀୟ ପରାକାଷ୍ଠା ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ।ଆୟୋଜିତ ସଭାରେ ସମ୍ପାଦକ ବରେନ୍ଦ୍ର ପରିଡ଼ା, ଆଦିତ୍ୟ ନାରାୟଣ ପାତ୍ର, କାଉନସିଲର ଚନ୍ଦନ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଅନନ୍ତ ଦାସ, ସତ୍ୟନାରାୟଣ କର, ରାଜୀବ ଘୋଷ, ରଞ୍ଜନ ପାଳ, ହେମନ୍ତ ଦାସ, ମହିଳା ସଭାନେତ୍ରୀ ଦେବଯାନୀ ଅଣ୍ଡିଆ, ମଞ୍ଜୁଲିକା ଘୋଷ, ମୁକ୍ତା ପାଲ, ମାଳତୀ ଦତ୍ତ, ଯୁବ ସଙ୍ଗଠକ ରାଜେଶ ଖଟୁଆ, ପ୍ରମୁଖ ଯୋଗଦେଇ ଦଳର, ଅତିତ, ନୀତି ଆଦର୍ଶ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ନଗର ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସଫଳ ରୂପାୟନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ସଭାପତି ଶିବନାରାୟଣ ମହାପାତ୍ର ମହାନ ପାର୍ଟିକୁ ଗଠନ କରିବାରେ ଜନ ନାୟକଙ୍କ ତ୍ୟାଗ, ନିଷ୍ଠାକୁ ସମ୍ମାନ ଜଣାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବଜ୍ରପାତରେ ଜଣେ ଗୁରୁତର



କାଳିପଦା, ୬।୪(ସମିସ): ଗତକାଲି ଶ୍ରୀରାମପୁର ପଞ୍ଚାୟତ ଯାମଳା ଗ୍ରାମର ଅଜୟ କୁମାର ଦେ ବାଡ଼ିରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଅଜୟଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇ ଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କାଳ ବୈଶାଖୀ ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହୁ ଥିବାରୁ ଗ୍ରାମାଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି।

# ଏସିଏଫ୍‌ଙ୍କ ବର୍ବରତା ପ୍ରତିବାଦରେ ଧାରଣା




ନୀଳଗିରି, ୬।୪(ସମିସ): କୁଳଡିହା ଭାରାପ୍ରାପ୍ତ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ୨୫ତାରିଖ ରାତ୍ରିରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ସାଥିଙ୍କୁ ନିର୍ମମଭାବରେ ମାଡ଼ମାରି ସଞ୍ଜ୍ଞାହୀନ କରିଦେଇଥିଲେ। ଏଥିଷର ଫରେଷ୍ଟଗାର୍ଡଙ୍କ ହାତ ମଧ ଭାଙ୍ଗିଯାଇଥିଲା। ତେବେ ଏହି ଘଟଣା ନେଇ ପୁଲିସରେ ଅଭିଯୋଗ ହୋଇଥିଲେ ମଧ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧହୋଇ ଗାର୍ଡଙ୍କ ସ୍ତ୍ରୀ ଦୀପ୍ତିମୟୀ ଏବଂ ପରିବାର, ବନ୍ଧୁବାନ୍ଧବ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକଙ୍କ ସମେତ ନୀଳଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଆଜି ନୀଳଗିରି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣା ଜାରିରହିଥିବା ବେଳେ ନୀଳଗିରି ଉପଖଣ୍ଡ ପୁଲିସ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳକୁ ଆସି ଧାରଣାରତଙ୍କ ସହିତ ଆଲୋଚନା କରିବାସହିତ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଜି କେ ଭଟ୍ଟର ହସ୍ପିଟାଲରେ ସ୍ୱଚ୍ଛତା ଅଭିଯାନ



ଜଳେଶ୍ୱର ବ୍ଲକ, ୬।୪(ସମିସ): ସୋମବାର ଜଳେଶ୍ୱର ନୂଆ ବଜାରସ୍ଥିତ ଜି କେ ଭଟ୍ଟର ହସ୍ପିଟାଲ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ଉପ ସଭାପତି ଶିକ୍ଷାବିତ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆମ ସଂଗଠନର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ସୁନୀଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଜି ଟିକେ ଭଟ୍ଟର ହସ୍ପିଟାଲରେ ସଫେଇ କରାଯାଇଥିଲା। ପରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜଳେଶ୍ୱର ଶାଖା ଉପସଭାପତି ଅଶୋକ କୁମାର ଦାସ, ସ୍ୱଚ୍ଛତା ଅଭିଯାନ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ସୁନୀଲ କୁମାର ନାୟକ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ହସ୍ପିଟାଲରେ ସଫେଇ କର୍ମଚାରୀ କାଳୀଚରଣ ପ୍ରଧାନ ଏବଂ ଜଳେଶ୍ୱର ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ରବି ବାସ୍କେ ଓ କାହ୍ନୁ ଚରଣ ମାରାଣ୍ଡିଙ୍କୁ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧକ୍ଷ ରବୀନ୍ଦ୍ରନାଥ ବାରିକ।

# ଜଳେଶ୍ୱରରେ ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ

ଜଳେଶ୍ୱର, ୬।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଜଳେଶ୍ୱର ପୌରପାଳିକା ତରଫରୁ ଆଜି ସ୍ୱଚ୍ଛ ଓଡ଼ିଶା ଦିବସ ଭାବେ ପାଳନ କରାଯାଇଛି। ଏହି ଉପଲକ୍ଷେ ପୌରାଞ୍ଚଳର ୧୭ଟି ୱାର୍ଡରେ ଥିବା ସମସ୍ତ ମନ୍ଦିର ଓ ଦେବାଳୟ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପାଇଁ ଝାଡୁ ମାରିବା, ଅଳିଆ ଆବର୍ଜନା ସଫା କରିବା ସହିତ ଚୂନ ଓ ବ୍ଲିଚିଂ ପକାଯାଇଥିଲା। ଜଳେଶ୍ୱର ୯ ନଂ ୱାର୍ଡ ସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ଅଧକ୍ଷତାରେ ପାଳିତ ସ୍ୱଚ୍ଛ ଦିବସ ଉତ୍ସବରେ ପୌରାଧକ୍ଷ ପ୍ରତାପ କୁମାର ପ୍ରଧାନ, ସମସ୍ତ କାଉନସିଲର, ପୌରପାଳିକାର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ, ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ନୂଆ ବଜାର ଜି.କେ. ଭଟ୍ଟର ହସପିଟାଲ ପରିସରରେ ସ୍ୱଚ୍ଛତା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହସ୍‌ପିଟାଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାଖାର ଉପ ସଭାପତି ଅଜିତ କୁମାର ମହାନ୍ତି ଅଧକ୍ଷତା କରିଥିବା ବେଳେ ଶାଖାର ସଭାପତି କମଳ ଚକ୍ରବର୍ତୀ, ସମ୍ପାଦକ ସୁନୀଲ କୁମାର ନାୟକ, ଉପ ସଭାପତି ଅଶୋକ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଦିବସ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କୋଷାଧକ୍ଷ ରବୀନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିବେଦିତା ପ୍ଲେ ସ୍କୁଲ ଉଦ୍‌ଘାଟିତ



ରାଜଘାଟ, ୬।୪(ସମିସ): ବସ୍ତା ଠାରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ଇଂରାଜୀ ମାଧ୍ୟମ 'ସିଷ୍ଟର ନିବେଦିତା ଇଂଲିଶ ମିଡିୟମ ନର୍ସରୀ ଏଣ୍ଡ ପ୍ଲେ ସ୍କୁଲ' ଉଦ୍‌ଘାଟିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏହି ନବଗଠିତ ବିଦ୍ୟାଳୟକୁ ଆଜି ବସ୍ତା ବିଡିଓ ମିହିର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀପତି ଚରଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଲଗ୍ନା +୨ ବିଜ୍ଞାନ ମହାବିଦ୍ୟାଳୟର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ବସ୍ତା ଭଳି ଏକ କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳରେ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ୨୪ ବର୍ଷ ଧରି ଶିକ୍ଷାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପରିଚାଳନା ପରିଷଦ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହଯୋଗରେ ଏହା ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ସିଷ୍ଟର ନିବେଦିତା ଉର୍ଫ ମାର୍ଗାରେଟ ନୋବେଲଙ୍କ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଇଂରାଜୀ ଅଧାପକ ମୟୂଖ ମଣ୍ଡଳ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପାଠର ସରଳୀକରଣ ବ୍ୟାଖ୍ୟାନ ଦେଇଥିଲେ ଓ ଅଭିଭାବକଙ୍କ ଦାୟିତ୍ୱ ସମ୍ବନ୍ଧରେ ସତର୍କ କରାଇଥିଲେ। ପୂର୍ବତନ ଏବିଡିଓ ଶଙ୍କର କୁମାର କର, ସମ୍ପାଦକ ରାମଚନ୍ଦ୍ର ଦେବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ବାୟୁ ସେନାର ଅବସର ପ୍ରାପ୍ତ ଅଧିକାରୀ ତଥା କୋଷାଧକ୍ଷ ପ୍ରଦୀପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେରେ ପରିଚାଳିତ ହୋଇଥିଲା।ଭାଇସ ପ୍ରିନ୍ସିପାଲ ରଞ୍ଜିତା ପାଢ଼ୀ ସମସ୍ତ ପ୍ରକାର ସୂଚନା ପ୍ରଦାନ କରିଥିଲେ।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ସାଂସଦ



ନୀଳଗିରି, ୬।୪, (ସମିସ): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବାଘମରା ଗାଁ ତଳସାହିରେ ରବିବାର ବିଦ୍ୟୁତ୍ ସର୍ଟସର୍କିଟ କାରଣରୁ ଲାଗିଥିବା ନିଆଁରେ ୭ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ଭସ୍ମ ହୋଇଯାଇଥିଲା। ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆର.ଆଇ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ ସହିତ ଶୁଖିଲାଖାଦ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳ ମଧ ତିନିଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଥିଲେ। ସୂଚନାପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟିବାସହିତ ସାହାଯ୍ୟର ହାତବଢ଼ାଇ ଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି କିପରି ପ୍ରତି ପରିବାର ୧ଲକ୍ଷ ଟଙ୍କାର ନିଶ୍ଚିତ ଅନୁଦାନ ପାଇବେ ସେଥିପ୍ରତି ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସ୍ଥାନୀୟ ଜନସାଧାରଣ ଏହି ଆଦିବାସୀ ବିପନ୍ନ ପରିବାରଙ୍କୁ ଅକୁଣ୍ଠ ସାହାଯ୍ୟ କରିବାକୁ ନିବେଦନ କରିଥିଲେ।

# ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଦିବସ ପାଳିତ




ଲଙ୍କେଶ୍ୱର, ୬।୪(ସମିସ): ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସୋମବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅପ୍ରେଲ ୧ ତାରିଖ ଠାରୁ ଆରମ୍ଭ କରାଯାଇ ଗଣଦୌଡ଼, ରକ୍ତ ଦାନ ଶିବିର, ପାରମ୍ପରିକ ଖାଦ୍ୟ, ପୋଷାକ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କଲେଜ ଅଧକ୍ଷ ରାଜକିଶୋର ବାରିକ କହିଛନ୍ତି। ଏହି ଅବସରରେ କଲେଜ ପରିସର, ପଞ୍ଚୁପାଲିସ୍ଥିତ ମନ୍ଦିର, ଆୟୁଷ ହସ୍ପିଟାଲ, ରାଜସ୍ୱ ନିରୀକ୍ଷକଙ୍କ ଅଫିସ ସାମ୍ନାରେ ଛାତ୍ର ମାନେ ସଫେଇ କରିଥିଲେ। କଲେଜ ଅଧାପକ ଡ଼କ୍ଟର ଲକ୍ଷ୍ମୀକାନ୍ତ ପାତ୍ର, ସୁଧୀର କୁମାର ନନ୍ଦ, କୃଷ୍ଣାନନ୍ଦ ପାତ୍ର, ବନମାଳୀ ପରିଡ଼ା, ଚନ୍ଦନ କୁମାର ନନ୍ଦ, ଅଧାପିକା ସୁପ୍ରୀୟା ପରିଡ଼ା, ସରୋଜିନୀ ପରିଡ଼ା, ସବିତା ସାହୁ, ବୁଦ୍ଧିମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମଶୂଳୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



କାଳିପଦା, ୬।୪(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜର ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଡ଼ ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ମୁଖ୍ୟ ପ୍ରଧାପକ ଡ଼ ଶିବନାରାୟଣ ମହାପାତ୍ର ଅତିଥି ପରିଚୟ ଓ ବିଭାଗୀୟ ଅଧାପକ ଆଶୁତୋଷ ଯତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଧାକୃଷ୍ଣ ପ୍ରଧାନ ମଧ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ଡେମୋନଷ୍ଟ୍ରେଟର ସୁନାଲିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୭ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ବାଲେଶ୍ୱର, ୬।୪(ସମିସ): ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧକ୍ଷତାରେ ଏହି ଜନଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ଶିବିରରେ ମୋଟ ୧୨୭ଟି ଅଭିଯୋଗ ଗ୍ରହଣ କରାଯାଇ ତା ଉପରେ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୧୧ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୬ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା। ଏହାବ୍ୟତିତ ୨୧ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ପ୍ରଭାତ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା।

## ସମବାୟ ସମିତି ସମ୍ପାଦିକାଙ୍କ ଦୁର୍ବ୍ୟବହାର ଅଭିଯୋଗ

# ଜିଲ୍ଲାପାଳଙ୍କୁ ଫେରାଦହେଲେ ସରପଞ୍ଚ

ବାଲେଶ୍ୱର, ୬।୪(ସମିସ)



ସଦର ବ୍ଲକ ହଳଦୀପଦା ପଞ୍ଚାୟତର ସରପଞ୍ଚ ବରେନ୍ଦ୍ର ସେଠୀଙ୍କୁ ଉକ୍ତ ପଞ୍ଚାୟତରେ ଥିବା ହଳଦୀପଦା ସେବା ସମବାୟ ସମିତିର ସମ୍ପାଦିକା ନମିତା ବାରିକ ଦୁର୍ବ୍ୟବହାର କରିଥିବା ନେଇ ଆଜି ସେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏହାଛଡ଼ା ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସରପଞ୍ଚ ଶ୍ରୀ ସେଠୀଙ୍କ ଅଭିଯୋଗ ଅନୁସାରେ, ଧାନର କଟ୍‌ନି ଛଟ୍‌ନି ସମ୍ପର୍କରେ ବୁଝିବା ପାଇଁ ସେ ଗତ ମାର୍ଚ୍ଚ ମାସ ୩୧ତାରିଖରେ ସନ୍ଧ୍ୟା ୭ଟାରେ ସୋସାଇଟିକୁ ଯାଇଥିଲେ। ଏପରିକି କିଛି ଚାଷୀଙ୍କ ଅଭିଯୋଗ ଅନୁସାରେ ସୋସାଇଟିରେ ୧୪ରୁ ୧୬କେଜି ପର୍ଯ୍ୟନ୍ତ ମନଇଛା ଧାନ କଟାଯାଉଛି। ଏହାକୁ ପ୍ରତିବାଦ କରି ସେ ସୋସାଇଟିକୁ ଯାଇ ସଭାପତିଙ୍କ ସହ ଆଲୋଚନା କରୁଥିବା ବେଳେ ସମ୍ପାଦିକା ନମିତା ବାରିକ ସେଠାକୁ ଆସି ସେ ପଚାରିବାକୁ କିଏ ଏବଂ ଆପଣ କାହିଁକି ଏଠାକୁ ଆସିଛନ୍ତି ବୋଲି ଖରାପ ବ୍ୟବହାର କରିଥିଲେ। ଏପରିକି ଉକ୍ତ ସୋସାଇଟିକୁ ଧାନ ବେପାରୀମାନେ ଆସି ମନଇଛା ଧାନ କାଟୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ସରପଞ୍ଚ ଜଣେ ଜନପ୍ରତିନିଧି ହୋଇ ଚାଷୀଙ୍କ କଥାକୁ ବୁଝିବା ପାଇଁ ଯିବାକୁ ସମ୍ପାଦିକା ଏଭଳି ବ୍ୟବହାର କରୁଛନ୍ତି ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଉକ୍ତ ଦିନ ସେ ଜିଲ୍ଲାପାଳଙ୍କୁ ଇମେଲ ଯୋଗେ ଚିଠି କରିଥିଲେ। ଆଜି ଜିଲ୍ଲାପାଳଙ୍କ ଜନଶୁଣାଣୀ ରହିଥିବା ବେଳେ ଏଠାକୁ ଆସି ଲିଖିତ ଭାବେ ତାଙ୍କୁ ଜଣାଇଛନ୍ତି। ଏପରିକି ସମ୍ପାଦିକା ସବୁବେଳେ ଚାଷୀମାନଙ୍କୁ ବିଭିନ୍ନ ସମୟରେ ଖରାପ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଏଣୁ ସରପଞ୍ଚଙ୍କୁ ଯେଉଁଭଳି ଖରାପ ବ୍ୟବହାର କଲେ ଚାଷୀଙ୍କୁ ଠିକ ସେଇଭଳି ଖରାପ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ଏପରିକି ଜିଲ୍ଲାପାଳ ତୁରନ୍ତ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ଡିଆରସିଏସଙ୍କୁ ଏନେଇ ତଦନ୍ତ କରିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ସେ ଅନ୍ୟ କାହାକୁ ଏମତି ଖରାପ ବ୍ୟବହାର ନକରନ୍ତୁ ଏଣୁ ତାଙ୍କୁ କିଛି ଦିନ ପାଇଁ ନିଲମ୍ବିତ କରାଯାଉ ବୋଲି ଦାବି କରିଛନ୍ତି। ଯଦି ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ଏ ନେଇ ଧାରଣା ଦିଆଯିବ ବୋଲି କହିଛନ୍ତି। ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରଦାନ ବେଳେ ସାମଜସେବୀ ଦିଲ୍ଲୀପ ସାହୁ, ଅଜୟ ଜେନା, ନମିତା ରାଉତ, ଦୁର୍ଗା ସେଠୀ, ୱାର୍ଡ ମେମ୍ବର ସନାତନ ରାଉତ, ନରେନ୍ଦ୍ର ମହାଳିକ, ଅହଲ୍ୟା ସେଠୀ, ଲକ୍ଷ୍ମୀ ସେଠୀ, ବାସନ୍ତୀ ସେଠୀ, କଣ୍ଢେଇ ମହାଳିକ, ପୁଷ୍ପଲତା ମହାଳିକ, ବାସନ୍ତୀ ମୁର୍ମୁ, ସୋମବାରୀ ମୁର୍ମୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ସିଏସ୍‌କେରେ ରହିବା ଯନ୍ତ୍ରଣାଦାୟକ ଓ ବିରକ୍ତିକର

ଚେନ୍ନଇ,୬।୪(ଏଜେନ୍ସି): ସିଏସକେ ପକ୍ଷରୁ ଆଇପିଏଲ ଖେଳିବା ମୋ ଲାଗି ମାନସିକ ଭାବେ ବିରକ୍ତିକର ଓ ଯନ୍ତ୍ରଣାଦାୟକ ସମୟ ବୋଲି ଭାରତର ଅନ୍ୟତମ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। 'ଆଶ କି ବାତ୍' ୟୁ ଟ୍ୟୁବ୍ ଚ୍ୟାନେଲରେ ସେ ଆଇପିଏଲ୍‌ରୁ କାହିଁକି ଅବସର ନେଲେ ସେ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରିବା ସହ କାରଣ ଦର୍ଶାଇଥିଲେ। ସିଏସ୍‌କେର ଯେଉଁ ସମୟ ରହିଛି, ସେଥିରେ ମୋର ଭୂମିକା, ଭବିଷ୍ୟତ ସମ୍ପର୍କରେ କିଛି ସ୍ୱଷ୍ଟତା ନ ଥିଲା। ଯାହା ଫଳରେ ନିଜକୁ ପ୍ରସ୍ତୁତ କରି ପାରୁ ନ ଥିଲେ। ସତକହିବାକୁ ଗଲେ ପରବର୍ତ୍ତୀ ସିଜନରେ ଫ୍ରାଞ୍ଚାଇଜ୍ ବଦଳାଇବା ଓ ଖେଳିବାକୁ ମୋର ଆଉ ଇଚ୍ଛା ନ ଥିଲା। ଘରୋଇ ମାଟିରେ ଖେଳିବାର ଯେଉଁ ଇଚ୍ଛା ଥିଲା ତାହା ପୂରଣ ହୋଇ ପାରିଲା ନାହିଁ। ଏଭଳି ଯନ୍ତ୍ରଣାଦାୟକ ଭାବେ ରହିବା ଅପେକ୍ଷା ମୁଁ ଅବସର ନେବାକୁ ଚିନ୍ତା କରିଥିଲି ବୋଲି ସେ କହିଛନ୍ତି।



## ୨୦୨୦ ପରେ ଟିମ୍‌ରେ ନାହାନ୍ତି ସୁନୀଲ-ବରୁଣ

କୋଲକାତା, ୬।୪ (ଏଜେନ୍ସି): ବିଶ୍ୱର ଦୁଇ ଜଣ ଖ୍ୟାତନାମା ସ୍ପିନର ହେଉଛନ୍ତି ୱେଷ୍ଟଇଣ୍ଡିଜ୍‌ର ସୁନୀଲ ନାରିନ୍ ଓ ବରୁଣ ଚକ୍ରବର୍ତ୍ତୀ। ସୁନୀଲ ଦୀର୍ଘଦିନ ହେବ କେକେଆର୍ ପକ୍ଷରୁ ଖେଳିଆସୁଛନ୍ତି। ୨୦୨୦ରୁ ବରୁଣ ଦଳରେ ଅଛନ୍ତି। କେକେଆର୍‌ରେ ବରୁଣ ଯୋଗଦେବା ପରଠାରୁ ଉଭୟ ବୋଲର ପ୍ରାୟ ଚୂଡାନ୍ତ ଏକାଦଶରେ ଖେଳିଆନ୍ତି। କେବଳ ଆହତ ସମସ୍ୟା ଯୋଗୁଁ କେହି ଦଳରୁ ବାଦ୍ ପଡ଼ିଥାନ୍ତି। ଆଜି ଏଠାରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ଖେଳାଳିଙ୍କୁ କେକେଆର୍‌ର ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିନାହିଁ। ଉଭୟ ମଧ୍ୟ ଇମ୍ପାକ୍ଟ ଖେଳାଳି ତାଲିକାରେ ନାହାନ୍ତି। ଏହା ଫଳରେ ୨୦୨୦ ପରେ ପ୍ରଥମଥର ଲାଗି ଦୁଇଜଣ ଟିମ୍‌ରେ ଖେଳୁ ନାହାନ୍ତି। ଚଳିତ ସିଜନରେ କେକେଆର୍ ୨ଟି ମ୍ୟାଚ୍ ଖେଳି ୨ଟିଯାକରେ ପରାଜିତ ହୋଇଛି। ଏହି ଦୁଇ ସ୍ପିନର ଆଦୌ ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ପାରି ନାହାନ୍ତି। ସେମାନଙ୍କୁ ଦଳରୁ ବାଦ୍ ଦେବା ସମ୍ପର୍କରେ କେହି କିଛି ମନ୍ତବ୍ୟ ଦେଇ ନାହାନ୍ତି, କିନ୍ତୁ ଫର୍ମ ନ ଥିବା କାରଣରୁ ସେମାନଙ୍କୁ ଖେଳିବା ସୁଯୋଗ ମିଳିନାହିଁ ବୋଲି କୁହାଯାଉଛି। ଏହି ମ୍ୟାଚ୍‌ରୁ ମଧ୍ୟ ଜିମ୍ବାୱେ ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ଖେଳିବା ସୁଯୋଗ ମିଳିନାହିଁ।

## ରୋହିତଙ୍କ କୀର୍ତ୍ତିମାନ ଭାଙ୍ଗିଲେ କୋହଲି

ବେଙ୍ଗାଲୁରୁ, ୬।୪ (ଏଜେନ୍ସି): ଆର୍‌ସିବିର ବିରାଟ କୋହଲି ରବିବାର ଅନୁଷ୍ଠିତ ଚେନ୍ନଇ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ବଡ଼ କୀର୍ତ୍ତିମାନ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ କୋହଲି ୧୮ ବଲ୍‌ରୁ ୨୮ ରନ୍ କରିଥିଲେ। ଏହି ଇନିଂସ ବଳରେ ଏକ ଆଇପିଏଲ୍ ଦଳ ବିପକ୍ଷରେ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ କୋହଲି ହାସଲ କରିଛନ୍ତି। କେବଳ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ବିପକ୍ଷରେ କୋହଲି ସର୍ବାଧିକ ୧୧୭୪ ରନ୍ କରିଛନ୍ତି। ଫଳରେ ରୋହିତ ଶର୍ମାଙ୍କ କୀର୍ତ୍ତିମାନକୁ କୋହଲି ଭାଙ୍ଗି ଦେଇଛନ୍ତି। କେକେଆର୍ ବିପକ୍ଷରେ ରୋହିତ ୧୧୬୧ ରନ୍ କରିଥିଲେ; ଯାହାକୁ ଟପି ଯାଇଛନ୍ତି କୋହଲି। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ବିରାଟ କୋହଲି ଓ ଡେଭିଡ୍ ୱାର୍ଣ୍ଣର ଯଥାକ୍ରମେ ୧୧୫୯ ଓ ୧୧୩୪ ରନ୍ କରିଛନ୍ତି। ଚତୁର୍ଥ ଫ୍ରାଞ୍ଚାଇଜି ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ମଧ୍ୟ କୋହଲି ସର୍ବାଧିକ ୧୧୩୦ ରନ୍ କରିଛନ୍ତି।

## ଅଭ୍ୟାସକୁ ଫେରିଲେ ହାର୍ଦ୍ଦିକ

ଗୁଆହାଟୀ, ୬।୪ (ଏଜେନ୍ସି): ଅସୁସ୍ଥ ଥିବାରୁ ମୁମ୍ବଇ ଇଣ୍ଡିଆନ୍‌ସର ଅଧିନାୟକ ହାର୍ଦିକ ପାଣ୍ଡ୍ୟା ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ୨ୟ ମ୍ୟାଚ୍ ଖେଳିନଥିଲେ। ରବିବାର ସନ୍ଧ୍ୟାରେ ଗୁଆହାଟୀରେ ମୁମ୍ବଇ ଇଣ୍ଡିଆନ୍‌ସ ଅଭ୍ୟାସ କରିଥିବା ବେଳେ ହାର୍ଦିକ ମଧ୍ୟ ଏଥିରେ ଭାଗ ନେଇଥିଲେ। ମୁମ୍ବଇ ପାଇଁ ଏହା ନିଶ୍ଚୟ ଖୁସିର ଖବର। ହାର୍ଦିକ ୱାର୍ମଅପ୍ କରିବା ପରେ ଖାଲି ନେଟ୍‌ସରେ ବେଶ୍ କିଛି ସମୟ ବୋଲିଂ କରିଥିଲେ। ଅଭ୍ୟାସରେ ୟର୍କର ପକାଇବା ଉପରେ ହାର୍ଦିକ ଧ୍ୟାନ ଦେଇଥିଲେ। ପରେ ହାର୍ଦିକ ବ୍ୟାଟିଂ କରିଥିବା ବେଳେ ବ୍ୟାଟିଂ ପ୍ରଶିକ୍ଷକ କାଇରନ୍ ପୋଲାର୍ଡଙ୍କ ତୀକ୍ଷ୍ଣ ନଜର ତାଙ୍କ ଉପରେ ଥିଲା। ହାର୍ଦିକ କେକେଆର୍ ବିପକ୍ଷରେ ଗୋଟିଏ ୱିକେଟ୍ ନେବା ପରେ ଅପରାଜିତ ୧୮ ରନ୍ କରିଥିଲେ ଏବଂ ମୁମ୍ବଇ ଜିତିଥିଲା।

### ଆଇପିଏଲ୍-୨୦୨୬: ଏକାଦଶ ଲିଗ୍ ମ୍ୟାଚ୍‌ରେ ପ୍ରଥମ ପ୍ରତିବନ୍ଧକ


# ବର୍ଷା ଯୋଗୁଁ କେକେଆର୍-କିଙ୍ଗ୍‌ସ ଖେଳ ବାଧାପ୍ରାପ୍ତ



କୋଲକାତା,୬।୪(ଏଜେନ୍ସି): ଆୟୋଜକ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ) ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଆଜି ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଆଜି ଦିନରେ ବର୍ଷା ହୋଇଥିବାରୁ ପଡ଼ିଆକୁ ଘୋଡାଇ ରଖାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ବର୍ଷା ନ ହେବାରୁ ଖେଳ ଆରମ୍ଭ ହୋଇଥିଲା। ଏଥିରେ ଆଜିଙ୍କ୍ୟ ରାହାଣେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କିଙ୍ଗ୍‌ସର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜାଭିୟର ବାର୍ଟଲେଟ୍ କେକେଆର ଇନିଂସର ଦ୍ୱିତୀୟ ଓଭରରେ ଦୁଇ ବିଦେଶୀ ବ୍ୟାଟର ଫିନ୍ ଆଲେନ (ନ୍ୟୁଜିଲାଣ୍ଡ) ଓ କାମେରନ ଗ୍ରୀନ୍ (ଅଷ୍ଟ୍ରେଲିଆ)ଙ୍କୁ ଆଉଟ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବାର୍ଟଲେଟଙ୍କ ରିଦମରେ ବ୍ରେକ୍ ଲଗାଇଥିଲା ବର୍ଷା। ସେ ତାଙ୍କ ସ୍ପେଲର ଦ୍ୱିତୀୟ ଓଭର ବା ଇନିଂସ ୩.୪ ଓଭର ବୋଲିଂ ଶେଷ ହେବା ପରେ ଇଡେନ୍‌ରେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ କେକେଆର୍ ୨ ୱିକେଟରେ ୨୫ ରନ୍ କରିଥିଲା। ଆଜିଙ୍କ୍ୟ ରାହାଣେ ୮ ଓ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଅଙ୍ଗକ୍ରିସ୍ ରଘୁବଂଶୀ ୭ ରନ୍ କରି ବ୍ୟାଟିଂ କରୁଥିଲେ। ଆଲେନ ୬ ଓ ଗ୍ରୀନ୍ ୪ ରନ୍ କରି ବାର୍ଟଲେଟ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏମାନେ ୩ଟି ବଲ୍‌ରେ ପାଭିଲିୟନ ଫେରିଥିଲେ। ଟସ୍ ଜିତି କେକେଆର୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାଙ୍କ ନିଷ୍ପତ୍ତି କାମ ଦେଇ ନ ଥିଲା।

ରାତି ୭ଟା ୪୭ ମିନିଟ୍‌ରେ ବର୍ଷା ହେବା ଫଳରେ ଖେଳକୁ ବନ୍ଦ ରଖାଯାଇଥିଲା। ସମଗ୍ର ପଡ଼ିଆକୁ ଗ୍ରାଉଣ୍ଡସମ୍ୟାନ୍ ଘୋଡାଇ ରଖିଥିଲେ। ବର୍ଷା ମଝିରେ ମଝିରେ କମି ଯାଇଥିଲେ ମଧ୍ୟ ରିପୋର୍ଟ ଲେଖା ହେଲା ବେଳକୁ ପୂରା ଛାଡି ନ ଥିଲା। ଫଳରେ ମ୍ୟାଚ୍ ପୁନଃ ଆରମ୍ଭ ହୋଇ ପାରି ନ ଥିଲା। ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ୫ ଓଭର ବିଶିଷ୍ଟ ମ୍ୟାଚ୍ ଆୟୋଜନ ହେବ। ଏହା ଯଦି ସମ୍ଭବ ନ ହୁଏ ତେବେ ଉଭୟ ଦଳ ପଏଣ୍ଟ ଭାଗ କରିବେ। କୋଲକାତାରେ କାଳ ବୈଶାଖୀ ବର୍ଷା ହେଉଥିବାର ରିପୋର୍ଟମାନ ଆସିଛି। ଚାରିଆଡେ ଛପର ଉଡିବା, କୁଆପଥର ପଡ଼ିବା, ବୃକ୍ଷ ଓ ବିଦ୍ୟୁତ ଖୁଣ୍ଟ ଉପୁଡିଛି ବୋଲି ସୂଚନା ମିଳିଛି। ଏହା ସତ୍ତ୍ୱେ ଇଡେନ୍ ଗାର୍ଡେନରେ ଡ୍ରେନେଜ ସିଷ୍ଟମ ଉନ୍ନତ। ବର୍ଷା ଛାଡିବାର ଅଧ ଘଣ୍ଟା ମଧ୍ୟରେ ପଡ଼ିଆକୁ ଖେଳ ଲାଗି ପ୍ରସ୍ତୁତି କରାଯାଇ ପାରିବ। ଏଥିଲାଗି ଗ୍ରାଉଣ୍ଡସମ୍ୟାନ୍ ସମଗ୍ର ପଡ଼ିଆକୁ ଘୋଡାଇ ରଖାଯାଇଛି।

ଏହି ମ୍ୟାଚ୍‌ଟି କେକେଆର୍ ଲାଗି ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଘରୋଇ ଦଳ ପରାଜିତ ହୋଇଥିବାରୁ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ଯୋଜନା କରିଥିଲା। କିନ୍ତୁ ବର୍ଷା ହେବା ଫଳରେ ଦଳର ଯୋଜନା ଫସର ଫାଟିଯାଇଛି। ଦମ୍‌ଦାର ଫର୍ମରେ ଥିବା ପଞ୍ଜାବ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଜବରଦସ୍ତ ବିଜୟ ହାସଲ କରିଛି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ହ୍ୟାଟ୍ରିକ୍ ବିଜୟ ହାସଲ କରିବେ ବୋଲି ଆଶା ରଖି ପଡ଼ିଆକୁ ଓହ୍ଲାଇଥିଲେ।



**ଆଜିର ଆଇପିଏଲ୍ ମ୍ୟାଚ୍**
ରାଜସ୍ଥାନ ବନାମ ମୁମ୍ବଇ
ଭେନ୍ୟୁ-ଗୌହାଟୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ୨୨ଟି ମ୍ୟାଚ୍‌ରେ ୧୪ ପରାଜୟ

## ସଂକଟରେ ଚେନ୍ନଇ ନେତୃତ୍ୱ



ଚେନ୍ନଇ,୬।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ପରିଚୟ ହେଉଛି ନିୟମିତ ସଫଳତା ପାଇବା। କିନ୍ତୁ ଦଳର ନୂଆ ଅଧିନାୟକ ଋତୁରାଜ ଗାଏକ୍ୱାଡ ଏବେ ନେତୃତ୍ୱ ନେବାରେ ପରିପକ୍ୱ ହୋଇ ନାହାନ୍ତି। ତାଙ୍କ ନେତୃତ୍ୱରେ ଦଳ ଗତ ୨୨ଟି ମ୍ୟାଚ୍‌ରେ ୧୪ଥର ପରାଜିତ ହୋଇଥିଲାବେଳେ ୮ଟିରେ ବିଜୟୀ ହୋଇଛି। ଜଣେ ନୂଆ ଅଧିନାୟକଙ୍କ ହାତରେ ଟିମ୍ ଖରାପ ପ୍ରଦର୍ଶନ କରିବା କିଛି ନୂଆ କଥା ନୁହେଁ। କିନ୍ତୁ ସଂଖ୍ୟାରେ ଦେଖିଲେ ଚଳିତବର୍ଷ ହ୍ୟାଟ୍ରିକ୍ ପରାଜୟ, ୨୨ ମ୍ୟାଚ୍‌ରୁ ୧୪ତମ ପରାଜୟର ସଂଖ୍ୟାକୁ ଦେଖିଲେ ଚେନ୍ନଇ ନେତୃତ୍ୱରେ କେଉଁଠି ନା କେଉଁଠି ତ୍ରୁଟି ପରିଲକ୍ଷିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ଫଳେ ଦଳର ପରିଚୟ ହଜିବାକୁ ବସିଲାଣି। ଅନ୍ୟପକ୍ଷରେ ଦେଖିଲେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଦଳ ଯେଉଁ ରଣନୀତି ଗ୍ରହଣ କରିଆସିଛି ତାହା ଏବେ ଚେନ୍ନଇର ଧାରାରେ ପଡ଼ିଯାଇଛି। ଏହା ସତ୍ତ୍ୱେ ଦଳ ସଫଳତା ନ ପାଇବା ନେତୃତ୍ୱ ଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଚଳିତ ସିଜନରେ ଚେନ୍ନଇର ଖେଳାଳିଙ୍କୁ ଦେଖିଲେ ସେପରି କିଛି ଗୁରୁତ୍ୱପୂର୍ଣ୍ଣ ବିଦେଶୀ ଦଳରେ ନାହାନ୍ତି। ନିଜେ ଅଧିନାୟକ ଗାଏକ୍ୱାଡ ପ୍ରଥମ ୩ଟି ମ୍ୟାଚ୍‌ରେ ୨ଥର ଶୂନରେ ଆଉଟ ହେବା ଓ ସଞ୍ଜୁ ସାମସନ ୩ଟି ଯାକ ଇନିଂସରେ ବଡ଼ ସ୍କୋର କରି ନ ପାରିବା ଦଳର ରଣନୀତିକୁ ପ୍ରଭାବିତ କରୁଛି। ଯେଉଁକିଛି ପ୍ରତିଭା ଦଳରେ ଅଛନ୍ତି, ସେମାନଙ୍କୁ ଉଚିତ ସମୟରେ କାମରେ ଲଗାଇ ସଫଳତା ପାଇବା ଧୋନିଙ୍କ ପରି ଗାଏକ୍ୱାଡ ସମର୍ଥ ହେଉ ନାହାନ୍ତି। ସେ ଏପରି ଜଣେ ଅଧିନାୟକ ଯିଏକି ଦଳର ରଣନୀତି ଅନୁଯାୟୀ ନେତୃତ୍ୱ ନେଉଛନ୍ତି। ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତ୍ତି ନେଉ ନାହାନ୍ତି।


ଏଭଳି ସ୍ଥିତିରେ ଦଳୀୟ ରଣନୀତି ଫେଲ ମାରିଲେ ସଫଳତାର ମନ୍ତ୍ର କିଏ ଦେବ। ପଡ଼ିଆ ଭିତରେ କେବଳ ଅଧିନାୟକ ପରିସ୍ଥିତିକୁ ଠିକ୍ ଭାବେ ବୁଝିପାରିବେ। ଏଣୁ ଗାଏକ୍ୱାଡ୍ ଏଥିରେ ବିଫଳ ହେଲେ ତାଙ୍କ ସ୍ଥାନରେ ସାମସନ ଉପଯୁକ୍ତ ବ୍ୟକ୍ତିଭାବେ ଦାୟିତ୍ୱ ନେଇପାରିବେ। କିନ୍ତୁ ଫ୍ରାଞ୍ଚାଇଜ୍ ଏଭଳି ନିଷ୍ପତ୍ତି ନେବା ଲାଗି ବିଳମ୍ବ ହୋଇପାରେ।

## ଆଇସିସି ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସାମସନ ଓ ବୁମ୍‌ରା

ଦୁବାଇ,୬।୪(ଏଜେନ୍ସି): ମାର୍ଚ୍ଚ ମାସ ଲାଗି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବା ଏ ମାସର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଭାରତର ଦୁଇ ଖେଳାଳି ସଞ୍ଜୁ ସାମସନ ଓ ଯଶପ୍ରୀତ୍ ବୁମ୍‌ରା ସାମିଲ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟର କନ୍ନର ଇସ୍ତରହୁଇଜେନ୍ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ସେ ୨୦୦ ରନ୍ କରିଥିଲେ। ଅନ୍ୟପକ୍ଷରେ ଏହି ମାସରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସଞ୍ଜୁ ସାମସନ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୧୫ଟି ୱିକେଟ ନେଇ ଏହି ତାଲିକାରେ ରହିଛନ୍ତି। ସାମସନ ଭାରତ ଲାଗି ନିଶ୍ଚିତ ଜିତିବାକୁ ଥିବା ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ଓ ଏହାପରେ ସେମିଫାଇନାଲ ଓ ଫାଇନାଲରେ ୮୯ ରନ୍ ଲେଖାଏଁ ସଂଗ୍ରହ କରି ଭାରତକୁ ଚାମ୍ପିଅନ କରାଇବା ସହ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ସାବ୍ୟସ୍ତ ହୋଇଥିଲେ। ବ୍ୟାଟିଂ ଲାଗି ସହାୟକ ହେଉଥିବା ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ପିଚ୍‌ରେ ବୁମ୍‌ରା ଉଚ୍ଚକୋଟୀର ବୋଲିଂ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ଭାରତକୁ ଚାମ୍ପିଅନ କରାଇଥିଲେ।

### ଚାର୍ଲଷ୍ଟନ ଓପନ୍ ଟେନିସ୍

## ଟାଇଟଲ ବଜାୟ ରଖିଲେ ପେଗୁଲା




ୱାଶିଂଟନ,୬।୪(ଏଜେନ୍ସି): ଆମେରିକାର ଜେସିକା ପେଗୁଲା ଚାର୍ଲଷ୍ଟନ ଓପନ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ ଏକକ ଟାଇଟଲ ବଜାୟ ରଖିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ପେଗୁଲା ଫାଇନାଲ ମ୍ୟାଚ୍‌ରେ ୟୁକ୍ରେନର ଏସ୍. ଜୁଲିଆଙ୍କୁ ୬-୨, ୬-୨ ସିଧାସଳଖ ସେଟରେ ପରାସ୍ତ କରି ସେ ତାଙ୍କ କ୍ୟାରିୟରର ଏକାଦଶ ଏବଂ ଚଳିତ ବର୍ଷ ଦୁବାଇ ଓପନ ପରେ ଦ୍ୱିତୀୟ ଟାଇଟଲ ବିଜୟୀ ହୋଇଛନ୍ତି। ନ୍ୟୁୟର୍କର ଏହି ୩୨ ବର୍ଷିଆ ଖେଳାଳି ଫାଇନାଲକୁ ମାତ୍ର ଏକ ଘଣ୍ଟା ୨୨ ମିନିଟ୍‌ରେ ଶେଷ କରିଥିଲେ।

## କ୍ୟାଣ୍ଡିଡେଟ୍ସ ଚେସ୍: ବୈଶାଳୀଙ୍କ ଦ୍ୱିତୀୟ ବିଜୟୀ

ନୂଆଦିଲ୍ଲୀ,୬।୪(ଏଜେନ୍ସି): ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍‌ର ମହିଳା କାଟାଗୋରୀରେ ଭାରତର ଆର୍ ବୈଶଳୀ କ୍ରମାଗତ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୬ଷ୍ଠ ରାଉଣ୍ଡ ଜିତିଥିବା ଦିବ୍ୟା ଦେଶମୁଖ ୭ମ ରାଉଣ୍ଡରେ କାଟେରିନା ଲାଗ୍ନୋଙ୍କ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଛନ୍ତି। ପୁରୁଷ ବିଭାଗରେ ପ୍ରଜ୍ଞାନନ୍ଦା ଟାଣୁଆ ଖେଳାଳି ଫାବିଆନୋ କାରୁଆନୋଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ସିନ୍ଦାରୋଭ ଏକକ ଅଗ୍ରଣୀ ବଜାୟ ରଖିଛନ୍ତି।

### ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ

## ଟମି ପଲ୍ ଚାମ୍ପିଅନ



ନ୍ୟୁୟର୍କ,୬।୪(ଏଜେନ୍ସି): ଆମେରିକାର ଟମି ପଲ୍ ଲଢୁଆ ଖେଳ ପ୍ରଦର୍ଶନ କରି ୩ଟି ମ୍ୟାଚ୍ ପଏଣ୍ଟ ବଞ୍ଚାଇ ଏଠାରେ ଶେଷ ହୋଇଥିବା ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିଅନସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ୨ଘଣ୍ଟା ୪୦ ମିନିଟ ଧରି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟମି ୬-୧, ୩-୬, ୭-୫ ସେଟ୍‌ରେ ଆର୍ଜେଣ୍ଟିନାର ରୋମାନ ବୁରୁଟୁଗାଙ୍କୁ ପରାସ୍ତ କରିଥିଲେ। ଆମେରିକା ଏହି ୮୯ତମ ମାନ୍ୟତାପ୍ରାପ୍ତ ଖେଳାଳିଙ୍କର ଏହା ୫ମ ଏଟିପି ଟାଇଟଲ। ଟମି ପ୍ରତିଦ୍ୱନ୍ଦ୍ୱୀ ରୋମାନଙ୍କ ପ୍ରତ୍ୟେକ ଚାଲ୍‌କୁ ପଛରେ ପକାଇ ଏଠାରେ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ।

## ବିସିସିଆଇ ଶିବିର ପାଇଁ ସମ୍ବିତ ମନୋନୀତ



କଟକ, ୬।୪ (ସମିସ): ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସ (ସିଓଇ)ରେ ୨୫ ବର୍ଷରୁ କମ୍ ପ୍ରତିଭାବାନ କ୍ରିକେଟରଙ୍କ ହାଇ ପରଫର୍ମାନ୍‌ସ ତାଲିମ ଶିବିର ଅନୁଷ୍ଠିତ ହେବ। ଏପ୍ରିଲ ୧୨ରୁ ମେ' ୭ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଏଥରେ ଭାଗନେବା ପାଇଁ ଓଡ଼ିଶାର ଏକମାତ୍ର କ୍ରିକେଟର ଭାବେ ଅଲ୍‌ରାଉଣ୍ଡର ସମ୍ବିତ ବରାଳ ମନୋନୀତ ହୋଇଛନ୍ତି। ୨୩ ବର୍ଷ ବୟସ୍କ ସମ୍ବିତ ୨୦୨୨୫-୨୬ ଋତୁରେ ଓଡ଼ିଶା ପାଇଁ ତିନିଟିଯାକ ଫର୍ମାଟରେ ଖେଳିଥିଲେ। ସେ ୬ଟି ରଣଜୀ ଟ୍ରଫି ମ୍ୟାଚ୍‌ରୁ ୧୫ଟି ୱିକେଟ୍ ନେବା ସହ ୧୮୫ ରନ୍ କରିଥିଲ। ପୁଣି ୭ଟି ଲିଷ୍ଟ-ଏ ବା ଦିନିକିଆ ମ୍ୟାଚ୍‌ରେ ସମ୍ବିତ ୯ଟି ୱିକେଟ୍ ନେବା ସହ ୮୫ ରନ୍ ଏବଂ ୯ଟି ଟ୍ୱେଣ୍ଟି୨୦ ମ୍ୟାଚ୍‌ରେ ଗୋଟିଏ ୱିକେଟ୍ ନେବା ସହ ୪୬ ରନ୍ କରିଥିଲେ।

### ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

## କଟକ ଜିଲ୍ଲା ଚାମ୍ପିଅନ, ଖୋର୍ଦ୍ଧା ରନର୍ସଅପ୍

ଭୁବନେଶ୍ୱର,୬।୪(ସମିସ)



୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ କଟକ ଜିଲ୍ଲା ମୋଟ ୨୦ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରଥମ, ଖୋର୍ଦ୍ଧା ଜିଲ୍ଲା ୫ଟି ସ୍ୱର୍ଣ୍ଣ ପଦକ ପାଇ ରନର୍ସ ଅପ୍ ଓ ପୁରୀ ଜିଲ୍ଲା ୩ଟି ସ୍ୱର୍ଣ୍ଣ ପଦକ ପାଇ ତୃତୀୟ ସ୍ଥାନରେ ରହିଥିଲା। ବ୍ୟକ୍ତିଗତ ବିଭାଗରେ ପୁରୁଷ ବିଭାଗରେ କଟକର ଚନ୍ଦନ ମହାପାତ୍ର, ମହିଳାରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ଓ କନିଷ୍ଠ ପୁରୁଷ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ ପ୍ରିୟଦର୍ଶୀ, ପାରା ଖେଳାଳି ବିଭାଗରେ ଶୁଭଜିତ ପାଢ଼ୀ ଓ ମାଷ୍ଟର ପୁରୁଷ ବିଭାଗରେ କଟକର ଉମେଶ ପୃଷ୍ଠି ଶ୍ରେଷ୍ଠ ଖେଳାଳି ବା ଚାମ୍ପିଅନ ଅଫ୍ ଚାମ୍ପିଅନ୍ସ ଭାବେ ବିବେଚିତ ହୋଇଥିଲେ।

ପୁରୁଷ ବିଭାଗ ୫୫ କେଜିରେ କଟକର ଆଲୋକ ମହାପାତ୍ର, ୬୫ କେଜିରେ କଟକର ରାହୁଲ ମୁଖୀ, ୭୫ କେଜିରେ କଟକର ଶୁଭମ ସାହୁ, ୮୦ କେଜିରେ ପୁରୀର ଚିନ୍ମୟ ରାଉତ୍, ୯୦ କେଜିରେ କଟକର ଆଦିତ୍ୟ ନାୟକ, ୧୦୦ କେଜି ବାମ ହାତ ଓ ୧୦୦ରୁ ଉର୍ଦ୍ଧ୍ୱ କେଜି ଡାହାଣହାତରେ କଟକର ଚନ୍ଦନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ମହିଳା ୬୦ କେଜିରେ କଟକର ମଧୁସ୍ମିତା ସେନାପତି, ୭୦ କେଜିରେ ଗଜପତିର ଶିଳା ସାମନ୍ତରାୟ, ୮୦ କେଜିରେ ଖୋର୍ଦ୍ଧାର ସୌମ୍ୟା ଦାଶ୍, ୯୦ କେଜିରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାମହାତୀ ପୁରୁଷ ବିଭାଗ ୬୦ କେଜିରେ କଟର ରୁଦ୍ର ନାୟକ, ୬୫ କେଜିରେ କଟକର ରାହୁଲ ନାୟକ, ୭୦ କେଜିରେ କଟକର ସତମ ଧଳ, ଶୁଭମ ବେହେରା, ୯୦ କେଜିରେ କଟକର ଆଦିତ୍ୟ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ■ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ

## କିଟ୍ ମହିଳା ଚାମ୍ପିଅନ, ପୁରୁଷ ରନର୍ସଅପ୍




ଭୁବନେଶ୍ୱର,୬।୪(ସମିସ): ଏଠାରେ ଆଜି ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗବୀ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। କିଟ୍ ପରିସରରେ ଖେଳାଯାଇଥିବା ଏହି ପ୍ରତିଯୋଗିତାର ମହିଳା ବିଭାଗରେ କିଟ୍ ଚାମ୍ପିଅନ ହୋଇଥିଲାବେଳେ ପୁରୁଷ ବିଭାଗରେ ରନର୍ସ ଅପ୍ ହୋଇଛି। ଉଭୟ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ରଗ୍‌ବୀ-୭ ଓ ରଗବୀ -୧୫ କାଟାଗୋରୀରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଗ୍‌ବୀ-୭ରେ କିଟ୍‌କୁ ଏହି ସଫଳତା ମିଳିଥିଲା। ମହିଳା ବିଭାଗରେ କୋଲ୍‌ହାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଥିଲାବେଳେ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ପୁରୁଷ ବିଭାଗ ରଗ୍‌ବୀ-୭ରେ ମୋହାଲିସ୍ଥିତ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଥିଲାବେଳେ କିସ୍ ୭ମ ସ୍ଥାନରେ ରହିଥିଲା। ରଗ୍‌ବୀ-୧୫ ଏ ସାଇଡ୍‌ରେ କିଟ୍ କିମ୍ବା କିସ୍ ପ୍ରଥମ ୪ଟି ଦଳ ମଧ୍ୟରେ ସ୍ଥାନ ପାଇ ନ ଥିଲେ। କିଟ୍‌ର ପଦକ ବିଜେତାଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS